# ଧରିତ୍ରୀ
DHARITRI

ଗୁରୁବାର, ମାର୍ଚ୍ଚ ୨୬/୨୦୨୦ (୧୨ ପୃଷ୍ଠା) Thursday, March 26/2020

୪୬ଶ ଭାଗ ୧୨୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada

ମୂଲ୍ୟ ₹ ୫/-



ଅନ୍‌ଲାଇନ୍‌ରେ ପଢନ୍ତୁ
ଧରିତ୍ରୀ
DHARITRI
www.dharitriepaper.in
www.dharitri.com




## ଜିମ୍‌ରେ ବିଗ୍ ବି

ବିଗ୍ ବି ଫ୍ୟାନ୍‌ମାନଙ୍କୁ କରୋନା ଭାଇରସ୍ ପ୍ରତି ସତର୍କ ରହିବାକୁ ସଚେତନ କରିଛନ୍ତି। ତାଙ୍କ ଘରେ ଥିବା ଜିମ୍‌ରେ ସେ ବ୍ୟାୟାମ କରୁଥିବାର ଏକ ଫଟୋ ଶେୟାର କରିଛନ୍ତି। ୧୧

୧୨ ସହାୟତାର ହାତ ବଢାଇଲେ ରୋନାଲ୍ଡୋ



# କାପୁରୁଷ ହେବା ନାହିଁ

ସମଗ୍ର ପୃଥିବୀରେ କୋଭିଡ୍-୧୯ (କରୋନା ଭାଇରସ୍)ର ଭୟ ନାଗରିକଙ୍କ ମନରେ ଭର୍ତ୍ତି ହୋଇରହିଛି। ବିଶ୍ୱର ୧୯୩ ଦେଶରେ ଏହି ରୋଗ ଠାବ ହୋଇଥିବା ବେଳେ ଭାରତରେ ମଧ୍ୟ ୫୦୦ରୁ ଊର୍ଦ୍ଧ୍ୱ ଲୋକ ଏହା ଦ୍ୱାରା ସଂକ୍ରମିତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାତି ଉଦ୍ଦେଶ୍ୟରେ ଦେଇଥିବା ଦୁଇଥର ବାର୍ତ୍ତାରେ କେତୋଟି କାର୍ଯ୍ୟକୁ ଅଧିକ ଗୁରୁତ୍ୱ ପ୍ରଦାନ କରିଛନ୍ତି। ସ୍ୱାସ୍ଥ୍ୟକର୍ମୀ, ମ୍ୟୁନିସିପାଲିଟିର ସଫେଇ କର୍ମଚାରୀ, ଗଣମାଧ୍ୟମ ଏବଂ ପୋଲିସ ସମେତ ଘରୋଇ ସୁରକ୍ଷା କର୍ମଚାରୀଙ୍କୁ ସମ୍ମାନ ଜଣାଇବାକୁ ଦେଶବାସୀଙ୍କୁ ସେ ବାର୍ତ୍ତା ଦେଇଥିଲେ। ଗତ ୨୨ ମାର୍ଚ୍ଚ ଅପରାହ୍ନ ୫ଟାରେ ତାଳି, ଥାଳି ଓ ଘଣ୍ଟି ବଜାଇବା ପାଇଁ ଯେଉଁ ଡାକରା ଦିଆଯାଇଥିଲା ତାହାର ଉଦ୍ଦେଶ୍ୟ ଥିଲା ଏହି କର୍ମଚାରୀଙ୍କୁ ଉତ୍ସାହିତ କରିବା।

**ତଥାଗତ ସତପଥୀ**

ଏହି ସମ୍ମାନ ସମ୍ପୃକ୍ତ ସେବା ପ୍ରଦାନକାରୀଙ୍କ ଉପରେ ଏକ ଗୁରୁଦାୟିତ୍ୱ ଲଦି ଦେଇଛି। ଯେମିତି ଡାକ୍ତରାଣୀ ଡାକ୍ତରଙ୍କ ସହିତ ନର୍ସ କିମ୍ବା ସଫେଇ କର୍ମଚାରୀ ଏବଂ ପୋଲିସ ନିଜ ଜୀବନକୁ ପାଣି ଛଡ଼ାଇ ଜନସେବାରେ ଲାଗି ରହିଛନ୍ତି, ସେମିତି ଗଣମାଧ୍ୟମ ସହିତ ସମ୍ପୃକ୍ତ ସବୁ ବ୍ୟକ୍ତି କରୋନା ଭୟରୁ ଊର୍ଦ୍ଧ୍ୱକୁ ଯାଇ ଲୋକଙ୍କ ପାଖରେ ସତ୍ୟ ଖବର ପହଞ୍ଚାଇବାର ଚେଷ୍ଟା କରୁଛନ୍ତି। ଆଜି ଭଳି ପରିସ୍ଥିତିରେ ଅନେକ ଗୁଜବ ଓ ଅସତ୍ୟ ଖବର ସୋସିଆଲ ମିଡିଆ ମାଧ୍ୟମରେ ବ୍ୟାପି ଆତଙ୍କ ଖେଳାଉଛି। ଏହାର ପ୍ରତିରୋଧ କେବଳ ମାତ୍ର ମେନ୍‌ଷ୍ଟ୍ରିମ୍ ଗଣମାଧ୍ୟମ କରିପାରିବ। ଦୁଃଖର ବିଷୟ ହେବ, ଯଦି କୌଣସି ଡାକ୍ତର ବା ସ୍ୱାସ୍ଥ୍ୟକର୍ମୀ ରୋଗୀର ସେବା କରିବାକୁ ମନା କରିଦିଅନ୍ତି। ଭାରତର ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଯେଉଁମାନେ ନିଜର ଦାୟିତ୍ୱ ସମ୍ପନ୍ନ କରିବା ପରିବର୍ତ୍ତେ ପଛଘୁଞ୍ଚା ଦେଉଛନ୍ତି, ସେମାନଙ୍କୁ ଏ ସମାଜ ସବୁବେଳେ କାପୁରୁଷ ବା ଭୀରୁ ଭାବେ ଦେଖିବ। ଯେମିତି ଜଣେ ନର୍ସ ନିଜ ସୁରକ୍ଷାକୁ ନ ଦେଖି ରୋଗୀର ସେବା କରୁଛନ୍ତି, ସେହିଭଳି ଗଣମାଧ୍ୟମରେ ଯେଉଁ କର୍ମଚାରୀ ଓ ବିତରକ ବନ୍ଧୁ ନିଜର ସୁବିଧା ପରିବର୍ତ୍ତେ ଦେଶ ଓ ଜାତିକୁ ଗୁରୁତ୍ୱ ଦେଇ ସତ୍ୟ ଖବର ଲୋକଙ୍କ ପାଖରେ ପହଞ୍ଚାଉଛନ୍ତି, ସେମାନଙ୍କୁ ଓଡ଼ିଶାବାସୀ ସବୁବେଳେ ସମ୍ମାନର ସହ ଦେଖିବେ। 'ଧରିତ୍ରୀ' ସବୁବେଳେ ଆପଣଙ୍କ ପାଖରେ ସତ୍ୟ ଖବର ପହଞ୍ଚାଇବା ପାଇଁ ବଦ୍ଧପରିକର। ଏହି ସମୟରେ ଦାୟିତ୍ୱରୁ ନିବୃତ୍ତ ରହି କାପୁରୁଷ ହେବା ନାହିଁ।

# କରୋନା ଆତଙ୍କ ଅତିରଞ୍ଜିତ

## ୬୦% ଭାରତୀୟଙ୍କ ମତ

**ନୂଆଦିଲ୍ଲୀ,୨୫।୩(ଆଇଏଏନ୍‌ଏସ୍)**

କରୋନା ଭୂତାଣୁକୁ ନେଇ ସାରା ବିଶ୍ୱରେ ଆତଙ୍କ ସୃଷ୍ଟି ହୋଇଛି। ଭାରତରେ ମଧ୍ୟ ଏହାର ପ୍ରଭାବ ଅନୁଭୂତ ହୋଇଛି। କିନ୍ତୁ ଭାରତରେ ଏହାର ପ୍ରାଦୁର୍ଭାବ ଯେତିକି ନାହିଁ, ତା'ଠୁ ବଳି ଏହାକୁ ନେଇ ଲୋକଙ୍କୁ ଭୟଭୀତ କରାଯାଉଛି। କରୋନା ଭାଇରସ୍‌କୁ ନେଇ କରାଯାଇଥିବା ଏକ ସଦ୍ୟ ସର୍ବେକ୍ଷଣରେ ୬୦% ଭାରତୀୟ ଏଭଳି ମତବ୍ୟକ୍ତ କରିଛନ୍ତି।

ଆଇଏନ୍‌ଏସ୍ ସିଭୋଟର-ଗଲୁପ୍ ଇଣ୍ଟରନ୍ୟାଶନାଲ ଆସୋସିଏଶନ୍ କରୋନା ଟ୍ରାକର ୧ ପକ୍ଷରୁ କରାଯାଇଥିବା ସର୍ଭେରେ ବିଶ୍ୱର ୨୨ ରାଷ୍ଟ୍ରର ୨୦,୦୦୦ ଲୋକଙ୍କ ସାକ୍ଷାତ୍‌କାର ନିଆଯାଇଥିଲା। 'କରୋନା ଭାଇରସ୍‌ର ଆତଙ୍କ ଏକ ଅତିରଞ୍ଜିତ ବିଷୟ ବୋଲି ମୁଁ ବିଶ୍ୱାସ କରେ'। ଏହି ବିଷୟବସ୍ତୁକୁ ନେଇ ସେମାନଙ୍କ ମତାମତ ପଚରାଯାଇଥିଲା। ଏହି ପ୍ରଶ୍ନର ଉତ୍ତରରେ ୪୨% ଭାରତୀୟ ଦୃଢ଼ ଭାବେ ସହମତ ଥିବା କହିଥିବାବେଳେ ୧୨% ଏଥିରେ ଏକମତ ବୋଲି ରାଜି ହୋଇଥିଲେ। ସେହିପରି ୩୫% ଭାରତୀୟ କରୋନା ଭାଇରସ୍ ଆତଙ୍କକୁ ଅତିରଞ୍ଜିତ ନୁହେଁ ବୋଲି କହିଥିଲେ।

ଅନ୍ୟପକ୍ଷରେ ଇଟାଲୀରେ ୨୯%, ପାକିସ୍ତାନରେ ୬୨%, ଫ୍ରାନ୍ସରେ ୧୭%, ବ୍ରିଟେନରେ ୨୬% ଓ ଆମେରିକାରେ ୫୫% ଲୋକ କରୋନା ଭୂତାଣୁ ସଂକ୍ରମଣର ଭୟାବହତାକୁ ଅତିରଞ୍ଜିତ ନୁହେଁ ବୋଲି ମତ ଦେଇଥିଲେ। ୬୭% ଇଟାଲୀୟ ଓ ୭୯% ଫ୍ରେଞ୍ଚ୍ ଉପରୋକ୍ତ ବିଷୟବସ୍ତୁ ସହ ରାଜି ହୋଇ ନ ଥିଲେ।



୨୧ ଦିନିଆ ଲକ୍‌ଡାଉନ୍‌ର ବୁଧବାର ପ୍ରଥମ ଦିନରେ ଉଲ୍ଲଂଘନକାରୀଙ୍କୁ ଦଣ୍ଡ ଦେଉଛି ଅମୃତସର ପୋଲିସ।

# ପ୍ରିନ୍ସ ଚାର୍ଲ୍ସ କୋଭିଡ୍ ଆକ୍ରାନ୍ତ

**ଲଣ୍ଡନ,୨୫।୩(ଆଇଏଏନ୍‌ଏସ୍)**

ବ୍ରିଟେନ ରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ବଡ଼ପୁଅ ପ୍ରିନ୍ସ ଚାର୍ଲ୍ସ କରୋନା ଭୂତାଣୁ (କୋଭିଡ୍-୧୯)ରେ ଆକ୍ରାନ୍ତ ଥିବା ତାଙ୍କ ମୁଖପାତ୍ର କହିଛନ୍ତି। ୭୧ ବର୍ଷୀୟ ପ୍ରିନ୍ସ ଅଫ୍ ୱେଲ୍ସଙ୍କଠାରେ କରୋନାର କେତେକ ଲକ୍ଷଣ ଦେଖାଦେଇଥିଲା। ନମୁନା ପରୀକ୍ଷାରୁ ତାଙ୍କଠାରେ କରୋନା ପଜିଟିଭ୍ ଚିହ୍ନଟ ହୋଇଛି। ତେବେ ତାଙ୍କ ଧର୍ମପତ୍ନୀ ତଥା ଡଚେସ୍ ଅଫ କର୍ନୱାଲ କାମିଲାଙ୍କର କୋଭିଡ-୧୯ ପରୀକ୍ଷା କରାଯାଇଥିଲେ ମଧ୍ୟ ଭୂତାଣୁ ନ ଥିବା ଜଣାପଡିଛି। ଉଭୟ ସ୍କଟଲାଣ୍ଡର ବାଲ୍‌ମୋରାଲସ୍ଥିତ ରାଜଭବନରେ ସେଲ୍ଫ-ଆଇସୋଲେଶନରେ ରହିଛନ୍ତି। ତେବେ ପ୍ରିନ୍ସ ଚାର୍ଲ୍ସଙ୍କୁ କାହାଠାରୁ ଏହି ଭୂତାଣୁ ସଂକ୍ରମଣ ହେଲା ତାହା ସ୍ପଷ୍ଟ ହୋଇନାହିଁ। ରାଜ ପରିବାରରୁ ମୋନାକୋର ପ୍ରିନ୍ସ ଆଲବର୍ଟ ମଧ୍ୟ କରୋନା ସଂକ୍ରମିତ ଥିବା ପୂର୍ବରୁ ଜଣାପଡିଥିଲା।



ପ୍ରିନ୍ସ ଚାର୍ଲ୍ସ

ବ୍ରିଟେନରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୮୦୦୦ ଟପିଥିବାବେଳେ ୪୩୩ ଜଣଙ୍କ ମୃତ୍ୟୁ ହେଲାଣି। ସୂଚନାଯୋଗ୍ୟ କରୋନା ସଂକ୍ରମଣ ଭୟରେ କିଛିଦିନ ତଳେ ଲଣ୍ଡନ ପାଲାଡିୟମରେ ଅନୁଷ୍ଠିତ ଏକ ବାର୍ଷିକ କାର୍ଯ୍ୟକ୍ରମରେ ପ୍ରିନ୍ସ ଚାର୍ଲ୍ସ ଅନ୍ୟମାନଙ୍କ ସହ ହାତ ମିଳାଇବା ପରିବର୍ତ୍ତେ ନମସ୍କାର କରୁଥିବାର ଭିଡିଓ ଭାଇରାଲ ହୋଇଥିଲା।

# ଏନ୍‌ପିଆର୍, ଜନଗଣନା ସ୍ଥଗିତ

**ନୂଆଦିଲ୍ଲୀ,୨୫।୩(ପି.ଟି.)**

ଦେଶରେ ୨୧ ଦିନିଆ ଲକ୍‌ଡାଉନ୍ ଯୋଗୁ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ପିଆର୍) ଏବଂ ପ୍ରଥମ ପର୍ଯ୍ୟାୟ ଜନଗଣନା କାର୍ଯ୍ୟକୁ ସ୍ଥଗିତ ରଖାଯାଇଛି। ଏହି ଦୁଇ ପ୍ରକ୍ରିୟା ଏପ୍ରିଲ ୧ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଚାଲିବାକୁ ଥିଲା। ସେନ୍‌ସସ୍ ଏବଂ ଏନ୍‌ପିଆର୍ ପ୍ରକ୍ରିୟାରେ ଘର ଘର ବୁଲି ଲୋକଙ୍କୁ ଭେଟି ତଥ୍ୟ ସଂଗ୍ରହ ପାଇଁ ବହୁସଂଖ୍ୟକ ଜନଗଣନାକାରୀଙ୍କ ଆବଶ୍ୟକତା ଥିବାରୁ ବର୍ତ୍ତମାନ ସ୍ଥିତିରେ ଏହି କାର୍ଯ୍ୟ କରିବା ଅସମ୍ଭବ। ତେଣୁ ସରକାର ଏହାକୁ ସ୍ଥଗିତ କରିଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଦେଶବ୍ୟାପୀ ୨୧ ଦିନ ଧରି ଲକ୍‌ଡାଉନ୍ ଘୋଷଣା କରିଥିଲେ। ଏହା ଆସନ୍ତା ଏପ୍ରିଲ ୧୪ ପର୍ଯ୍ୟନ୍ତ ଜାରି ରହିବ। ଏହାକୁ ଦୃଷ୍ଟିରେ ରଖି ଏନ୍‌ପିଆର୍ ଏବଂ ଜନଗଣନା ୨୦୨୧କୁ ଅପ୍‌ଡେଟ୍ କରିବା କାର୍ଯ୍ୟକୁ ସ୍ଥଗିତ ରଖାଯାଇଥିବା ବୁଧବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଅଧିକାରୀମାନେ ସୂଚନା ଦେଇଛନ୍ତି। ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ସେନ୍‌ସସ୍-୨୦୨୧ ଦୁଇଟି ପର୍ଯ୍ୟାୟରେ ଶେଷ ହେବାର ଥିଲା। ହାଉସ୍ ଲିଷ୍ଟିଙ୍ଗ୍ ବା ଘରଗୁଡ଼ିକୁ ତାଲିକାଭୁକ୍ତ କରିବା ଏବଂ ହାଉସିଂ ସେନ୍‌ସସ୍ ବା ଘର ଘର ବୁଲି ଜନଗଣନା କାର୍ଯ୍ୟ ଏପ୍ରିଲ-ସେପ୍ଟେମ୍ବରରେ ହେବାର ଥିଲା। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଜନସଂଖ୍ୟା ଗଣନା ଆସନ୍ତା ବର୍ଷ ଫେବୃୟାରୀ ୯ରୁ ୨୮ରେ କରିବା ପାଇଁ ସ୍ଥିର ହୋଇଥିଲା। ☞ପୃଷ୍ଠା-୪

### ଲକ୍‌ଡାଉନ୍ ପାଇଁ କେନ୍ଦ୍ରର ନିଷ୍ପତ୍ତି

- ୧ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଚାଲିବାକୁ ଥିଲା
- ସେନ୍‌ସସ୍-ଏନ୍‌ପିଆର୍ ପାଇଁ ବହୁସଂଖ୍ୟକ ଜନଗଣନାକାରୀ ଆବଶ୍ୟକ
- ବର୍ତ୍ତମାନ ସ୍ଥିତିରେ ଏହି ଦୁଇ କାର୍ଯ୍ୟ କରିବା ଅସମ୍ଭବ
- ଅନ୍ୟାଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖିଲେ ସରକାର

# ଡାକ୍ତର, ସ୍ୱାସ୍ଥ୍ୟକର୍ମୀଙ୍କୁ ମିଳିବ ୪ମାସର ଆଗୁଆ ଦରମା

**ଭୁବନେଶ୍ୱର,୨୫।୩(ବ୍ୟୁରୋ)**

ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ରାଜ୍ୟ ସରକାର ନୂଆ ଘୋଷଣା କରିଛନ୍ତି। କରୋନା ମୁକାବିଲା କ୍ଷେତ୍ରରେ ମନୋବଳ ବୃଦ୍ଧି ପାଇଁ ଡାକ୍ତର, ଫାର୍ମାସିଷ୍ଟ ଓ ସ୍ୱାସ୍ଥ୍ୟ ସେବାରେ କାର୍ଯ୍ୟରତ କର୍ମଚାରୀଙ୍କୁ ଆଗୁଆ ୪ ମାସର ଦରମା ମିଳିବ। ଏପ୍ରିଲ, ମେ, ଜୁନ୍, ଜୁଲାଇ ମାସର ଦରମା ଏପ୍ରିଲରେ ପ୍ରଦାନ କରାଯିବ ବୋଲି ବୁଧବାର ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ଅବସରରେ କରୋନା ଭଳି ମହାମାରୀର ମୁକାବିଲା ପାଇଁ ଅଣ୍ଟାଭିଡ଼ିଥିବା ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀଙ୍କ ତ୍ୟାଗକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ଆପଣଙ୍କ ତ୍ୟାଗ, ନିଷ୍ଠା ଓ ସେବାର ତୁଳନା ନାହିଁ। ଆପଣମାନେ କଠିନ ପରିସ୍ଥିତିରେ ସେବା ଯୋଗାଇ ଚାଲିଛନ୍ତି। ମୁଁ ଏବଂ ମୋର ଓଡ଼ିଶାବାସୀ ସମସ୍ତେ ଏହି ସମୟରେ ଆପଣଙ୍କ ପରିବାର ସାଥିରେ ଅଛୁ। ଆପଣଙ୍କ ଏହି ଉତ୍ସାହକୁ ମୁଁ ସମ୍ମାନ କରୁଛି ବୋଲି ମୁଖ୍ୟମନ୍ତ୍ରୀ ଏକ ଭିଡିଓ ବାର୍ତ୍ତା ଦେଇଛନ୍ତି। ସେପଟେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ଶ୍ରଦ୍ଧା ଓ ସମ୍ମାନର ସହ ବ୍ୟବହାର କରିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ସେମାନଙ୍କ କାର୍ଯ୍ୟରେ ଯେମିତି କୌଣସି ଅସୁବିଧା ନ ହୁଏ ସେଥିପ୍ରତି ସମସ୍ତେ ଯତ୍ନବାନ ହୁଅନ୍ତୁ। ଯେଉଁମାନେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ କାମରେ ବାଧା ସୃଷ୍ଟି କରିବେ, ସେମାନଙ୍କୁ ଭଲ ବ୍ୟବହାର ପ୍ରଦର୍ଶନ ନ କରିବେ, ସେମାନଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଅର୍ଥ ବ୍ୟବସ୍ଥାକୁ ଲାଗିବ ୯ ଲକ୍ଷ କୋଟିର ଝଟକା

**ନୂଆଦିଲ୍ଲୀ,୨୫।୩**

କୋଭିଡ ୧୯ ପାଇଁ ସାରା ଦେଶକୁ ଏବେ ଲକ୍‌ଡାଉନ କରାଯାଇଛି। ଏହା ଦ୍ୱାରା ଦେଶର ମୋଟ ଘରୋଇ ଉତ୍ପାଦ(ଜିଡିପି)କୁ ପ୍ରାୟ ୪% ବା ୧୨୦ ବିଲିୟନ ଡଲାର(୯ ଲକ୍ଷ କୋଟି)ର ଝଟକା ଲାଗିବା ନେଇ ଆଶଙ୍କା କରାଯାଉଛି। ଏ ନେଇ ବ୍ରିଟିଶ ବ୍ରୋକରେଜ ବର୍କଲେଜ ପକ୍ଷରୁ ଆକଳନ କରାଯାଇଛି। ଭାରତ ବଜାର ଲାଗି ବିଭିନ୍ନ ଅନ୍ତର୍ଜାତୀୟ ଏଜେନ୍ସି ଏବେ ବିକାଶ ହାର ପୂର୍ବାନୁମାନକୁ କମ୍ କରୁଛନ୍ତି। ଏଭଳି ସ୍ଥିତିରେ ସରକାର ସହାୟତା ପ୍ୟାକେଜ ଘୋଷଣା କରିବାର ଆବଶ୍ୟକତା ରହିଛି ବୋଲି ବଜାର ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ଏହି ସମୟରେ ୨୦୨୦-୨୧ ଆର୍ଥିକ ବର୍ଷ ଲାଗି ଭାରତର ବିକାଶ ହାର ପୂର୍ବାନୁମାନକୁ ୧.୭% ପଏଣ୍ଟ ହ୍ରାସ କରିବା ସହ ୩.୫% ରଖିଛି।

ଏପ୍ରିଲ ୩ରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ)ର ଦ୍ୱିମାସିକ ମୁଦ୍ରାନୀତି ସମୀକ୍ଷା ବୈଠକ(ଏମ୍‌ପିସି) ଅନୁଷ୍ଠିତ ହେବ। ଏଥିରେ ସୁଧହାର ହ୍ରାସ ଉପରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇପାରେ। ଏହାବାଦ ବିତ୍ତୀୟ ନିଅଣ୍ଟ ଧାର୍ଯ୍ୟ ଲକ୍ଷ୍ୟ ପରିବର୍ତ୍ତନ ହୋଇପାରେ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଏହି ସମୟରେ ରିଜର୍ଭ ବ୍ୟାଙ୍କ ୦.୬୫% ସୁଧହାର ହ୍ରାସ ଘୋଷଣା କରିପାରେ। ଏପରିକି ବର୍ଷକ ମଧ୍ୟରେ ୧% ରେପୋ ହ୍ରାସ ହୋଇପାରେ ବୋଲି ବର୍କଲେଜ ଏହାର ରିପୋର୍ଟରେ ପ୍ରକାଶ କରିଛି। ସାରା ଦେଶ ଲକ୍‌ଡାଉନ ହୋଇଯିବା ଫଳରେ ଏହାର ପ୍ରଭାବ ଅର୍ଥ ବ୍ୟବସ୍ଥା ଉପରେ ପଡିଛି। ଦେଶର ପୁଞ୍ଜି ବଜାର ଏବେ ମଧ୍ୟ କ୍ଷତିଗ୍ରସ୍ତ ସ୍ଥିତିରେ ରହିଛି। ବୁଧବାର କାରବାରରେ ସେନ୍‌ସେକ୍ସ ୦.୪୭% ନିମ୍ନରେ ରହିଛି। ୩ ସପ୍ତାହରେ ସାରା ଦେଶକୁ ପ୍ରାୟ ୯୦ ବିଲିୟନ କ୍ଷତି ସହିବାକୁ ପଡିବ। ଏହାବାଦ ପୂର୍ବରୁ କିଛି ରାଜ୍ୟ ଲକ୍‌ଡାଉନ ଘୋଷଣା କରିଥିବାରୁ ☞ପୃଷ୍ଠା-୪

### ଲକ୍‌ଡାଉନ୍ କଟକଣା

- ବିକାଶ ହାର ପୂର୍ବାନୁମାନ ୧.୭% ହ୍ରାସ କଲା ବର୍କଲେଜ
- ସୁଧହାର ହ୍ରାସ କରିପାରେ ରିଜର୍ଭ ବ୍ୟାଙ୍କ

**ଆସିପାରେ ୧.୫ ଲକ୍ଷ କୋଟି ପ୍ୟାକେଜ** ପୃଷ୍ଠା-୯



# ଓଡ଼ିଶା ଫେରିଛନ୍ତି ୭୮,୨୩୩ ପ୍ରବାସୀ

**ଭୁବନେଶ୍ୱର,୨୫।୩(ବ୍ୟୁରୋ)**

ଘାତକ କରୋନା ଭୂତାଣୁ (କୋଭିଡ୍-୧୯) ସଂକ୍ରମଣ ରୋକିବାକୁ ସବୁସ୍ତରରେ ଉଦ୍ୟମ ଚଳାଇଛନ୍ତି ରାଜ୍ୟ ସରକାର। ଏପରିସ୍ଥଳେ ବିଦେଶ ଓ ରାଜ୍ୟ ବାହାରୁ ଓଡ଼ିଶାକୁ ଫେରିଥିବା ଲୋକଙ୍କୁ ନେଇ ଚିନ୍ତା ବଢ଼ିଛି। ସରକାରଙ୍କ ପକ୍ଷରୁ ମିଳିଥିବା ସୂଚନାନୁସାରେ, ଏହି କିଛିଦିନ ମଧ୍ୟରେ ବାହାର ରାଜ୍ୟଗୁଡ଼ିକରୁ ଓଡ଼ିଶାର ବିଭିନ୍ନ ଜିଲାକୁ ସମୁଦାୟ ୭୮,୨୩୩ ଜଣ ବ୍ୟକ୍ତି ଆସିଛନ୍ତି। ସେମାନଙ୍କୁ କରୋନା ଭୂତାଣୁ ସଂକ୍ରମଣରୁ ମୁକ୍ତ ରଖିବା ସହିତ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା କିପରି ଠିକ୍ ରହିବ ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ବିଶେଷକରି ସେମାନଙ୍କ ପାଇଁ ସାମାଜିକ ଦୂରତ୍ୱ ଓ ସଙ୍ଗରୋଧର ଆବଶ୍ୟକତା ରହିଛି। ସେହିଦୃଷ୍ଟିରୁ ସେମାନଙ୍କୁ 'ହୋମ୍ କ୍ୱାରାଣ୍ଟାଇନ୍'ରେ ରହିବା ପାଇଁ ସବୁମତେ ପ୍ରୋତ୍ସାହିତ କରିବାକୁ ଗ୍ରାମପଞ୍ଚାୟତ ସରପଞ୍ଚମାନଙ୍କୁ ଦାୟିତ୍ୱ ଦିଆଯାଇଛି। ରାଜ୍ୟ ବାହାରୁ ଗଞ୍ଜାମ ଜିଲାକୁ ସର୍ବାଧିକ ୧୧,୦୫୪ ବ୍ୟକ୍ତି ଆସିଥିବାବେଳେ ନବରଙ୍ଗପୁର ଜିଲାକୁ ସର୍ବନିମ୍ନ ୪୦୭ଜଣ ଆସିଛନ୍ତି। ସେହିଭଳି ବାଲେଶ୍ୱର ଜିଲାକୁ ୬୪୪୨ଜଣ, କଳାହାଣ୍ଡିକୁ ୪୪୪୮, କେନ୍ଦ୍ରାପଡ଼ାକୁ ୪୩୧୮, ଫୁଲବାଣୀକୁ ୪୩୦୬, ପୁରୀକୁ ୩୬୮୮, କଟକକୁ ୩୬୦୪, ମାଲକାନଗିରିକୁ ୩୮୫୨ ଓ ମୟୂରଭଞ୍ଜକୁ ୩୩୨୬ ଜଣ ବ୍ୟକ୍ତି ଆସିଛନ୍ତି। ବଲାଙ୍ଗୀରକୁ ୨୦୭୪ଜଣ, ଯାଜପୁରକୁ ୨୦୨୮, ଅନୁଗୋଳକୁ ୧୦୬୭, ବରଗଡ଼କୁ ୧୫୭୬, ଖୋର୍ଦ୍ଧାକୁ ୨୪୧୨, ଢେଙ୍କାନାଳକୁ ୧୦୨୧, ଗଜପତିକୁ ୨୮୪୯, ଜଗତ୍‌ସିଂହପୁରକୁ ୧୭୩୮, ଭଦ୍ରକକୁ ୧୯୭୨, କେନ୍ଦୁଝରକୁ ୧୯୪୫, କୋରାପୁଟକୁ ୨୨୩୮, ନୂଆପଡ଼ାକୁ ୧୯୧୦, ନୟାଗଡ଼କୁ ୨୧୧୫, ରାୟଗଡ଼ାକୁ ୨୩୬୯, ସମ୍ବଲପୁରକୁ ୧୦୨୦, ସୋନପୁରକୁ ୧୧୦୨, ସୁନ୍ଦରଗଡ଼କୁ ୧୨୦୧, ବୌଦ୍ଧକୁ ୧୦୧୩, ଦେବଗଡ଼କୁ ୫୭୦ ଓ ଝାରସୁଗୁଡ଼ା ଜିଲାକୁ ୫୬୮ଜଣ ବ୍ୟକ୍ତି ଆସିଛନ୍ତି।

- ଗଞ୍ଜାମ ଜିଲାକୁ ସର୍ବାଧିକ ୧୧ହଜାର ୫୪ଜଣ
- 'ହୋମ୍ କ୍ୱାରାଣ୍ଟାଇନ୍'ରେ ରହିବାକୁ ନିର୍ଦ୍ଦେଶ

**ଆମେରିକାରେ ଆର୍ଥିକ ସ୍ଥିତି ଗମ୍ଭୀର** ........୨........

### ଆଜିର ସମ୍ପାଦକୀୟ

କରୋନା ଓ ପୋଷା ପ୍ରାଣୀ

### ଆଜିର ମନ୍ତବ୍ୟ

"ମହାଭାରତ ଯୁଦ୍ଧ ୧୮ ଦିନ ଧରି ଚାଲିଥିଲା। କରୋନା ଭାଇରସ୍ ବିରୋଧରେ ଆମେ ୨୧ ଦିନ ଯୁଦ୍ଧ କରିବା।

**-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**


Taste the difference! Vencobb FRESH CHICKEN

25.03.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 64 | 112 | 121 |
| CTC | 64 | 111 | 121 |
| DKL | 64 | 111 | 121 |
| BDK | 64 | 111 | 121 |
| BLS | 64 | 111 | 121 |
| ANG | 64 | 111 | 121 |
| BMP | 64 | 111 | 121 |

*Conditions Apply

Issued in the Interest of Consumers

**ଗୁଜରାଟରେ ମାଗଣା ରାଶନ**

କରୋନାଜନିତ ସଙ୍କଟକୁ ନେଇ ୨୧ଦିନିଆ ଲକ୍‌ଡାଉନ୍ ଘୋଷଣା କରାଯାଇଥିବାରୁ ଗୁଜରାଟର ୩.୨୫ କୋଟି କାର୍ଡଧାରୀଙ୍କୁ ଗୋଟିଏ ମାସ ପାଇଁ ମାଗଣାରେ ରାଶନ ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ ବୁଧବାର ଘୋଷଣା କରିଛନ୍ତି। ଏପ୍ରିଲ ମାସରେ ପରିବାରର ପ୍ରତି ସଦସ୍ୟଙ୍କୁ ମାଗଣାରେ ୩.୫ କିଲୋଗ୍ରାମ ଗହମ, ୧.୫ କିଲୋଗ୍ରାମ ଚାଉଳ, ୧ କିଲୋ ଚିନି, ୧ କିଲୋ ଡାଲି ଓ ୧ କିଲୋ ଲୁଣ ଯୋଗାଇ ଦିଆଯିବ।



ଦେଶବ୍ୟାପୀ ୨୧ ଦିନିଆ ଲକ୍‌ଡାଉନ୍ ଘୋଷଣା ପରେ ବୁଧବାର ଅହମଦାବାଦରୁ ଦାଦନ ଶ୍ରମିକମାନେ ସେମାନଙ୍କ ପରିବାର ଧରି ନିଜ ଗାଁ ଅଭିମୁଖେ ଯାତ୍ରା କରୁଛନ୍ତି।

# ଲକ୍‌ଡାଉନ୍‌କୁ ମହାଭାରତ ଯୁଦ୍ଧ ସହ ତୁଳନା କଲେ ମୋଦି

**ନୂଆଦିଲ୍ଲୀ,୨୫।୩(ପି.ଟି.)**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘାତକ କରୋନା ଭାଇରସ୍ ପରିପ୍ରେକ୍ଷୀରେ ଚାଲିଥିବା ୨୧ ଦିନିଆ ଲକ୍‌ଡାଉନ୍‌କୁ ମହାଭାରତ ଯୁଦ୍ଧ ସହ ତୁଳନା କରିଛନ୍ତି। ନିଜ ସଂସଦୀୟ କ୍ଷେତ୍ର ବାରାଣସୀର ଜନତାଙ୍କୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ସମ୍ବୋଧିତ କରି ମୋଦି କହିଛନ୍ତି, ମହାଭାରତ ଯୁଦ୍ଧ ୧୮ ଦିନ ଧରି ଚାଲିଥିଲା। ଏବେ କୋଭିଡ୍-୧୯ ବିରୋଧରେ ଆମେ ୨୧ ଧରି ଲଢ଼େଇ କରିବା। ଭଗବାନ ଶ୍ରୀକୃଷ୍ଣ ମହାରାଭାରତ ଯୁଦ୍ଧ ବେଳେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଆଜି କୋଭିଡ୍-୧୯ ବିରୋଧରେ ଚାଲିଥିବା ଯୁଦ୍ଧରେ ଦେଶ ଜିତିବ। ଏହି ଯୁଦ୍ଧ ୧୩୦ କୋଟି ଭାରତୀୟ ଯୋଦ୍ଧାଙ୍କର। କାଶୀର ଜନତାଙ୍କୁ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବାକୁ ପଡ଼ିବ।

ପ୍ରଧାନମନ୍ତ୍ରୀ ଆହୁରି କହିଥିଲେ, କେତେଜଣ ବ୍ୟକ୍ତି କରୋନା ଭାଇରସ୍ ବିରୋଧରେ ଲଢ଼େଇ କରୁଥିବା ଡାକ୍ତର, ଏୟାରଲାଇନ୍ସ କ୍ରିଉ ଓ ଅତ୍ୟାବଶ୍ୟକ ସେବା ପ୍ରଦାନକାରୀ କର୍ମଚାରୀମାନଙ୍କୁ ଦୁର୍ବ୍ୟବହାର କରୁଛନ୍ତି। ଏହା ଅତ୍ୟନ୍ତ ନିନ୍ଦନୀୟ। ଏହି ଘାତକ ଭୂତାଣୁ ଧନୀ ଓ ଗରିବ ମଧ୍ୟରେ ତଫାତ୍ ଦେଖେନାହିଁ। ତେଣୁ ସମସ୍ତେ ସାମାଜିକ ଦୂରତ୍ୱ ବଜାୟ ରଖି ନିଜ ନିଜ ଘରେ ରୁହନ୍ତୁ। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ମୋଦି ସାରା ଭାରତରେ ଏପ୍ରିଲ ୧୪ ପର୍ଯ୍ୟନ୍ତ ଲକ୍‌ଡାଉନ୍ କରିବା ଲାଗି ମଙ୍ଗଳବାର ରାତିରେ ଆହ୍ୱାନ ଦେଇଥିଲେ।

# ଆମେରିକାରେ ଆର୍ଥିକ ସ୍ଥିତି ଗମ୍ଭୀର

**ଲରେଡୋ, ଟେକ୍ସାସ,୨୫।୩**

କରୋନା ସଂକ୍ରମଣ ଯୋଗୁ ବିଶ୍ୱର ସବୁଠୁ ଧନୀ ରାଷ୍ଟ୍ର ଆମେରିକାର ଆର୍ଥିକ ସ୍ଥିତି ଗୁରୁତର ପ୍ରଭାବିତ ହୋଇଛି। ନୂତନ ତଥ୍ୟ ପଦାକୁ ଆସିବା ପରେ ଏହି ଦେଶର ଅର୍ଥନୀତି କିଭଳି ସଙ୍କଟର ସମ୍ମୁଖୀନ ହୋଇଛି ତାହା ସ୍ପଷ୍ଟ ହେବ। ତେବେ ଦ୍ୱିତୀୟ ତ୍ରୈମାସିକରେ ଆମେରିକାରେ ବେକାରି ହାର ୩୦ ପ୍ରତିଶତ ବଢ଼ିପାରେ ବୋଲି ସେଣ୍ଟ ଲୁଇସ୍ ଫେଡେରାଲ ରିଜର୍ଭ ବ୍ୟାଙ୍କର ଅଧ୍ୟକ୍ଷ ଜେମ୍ସ ବୁଲାର୍ଡ ପୂର୍ବାନୁମାନ କରିଛନ୍ତି। ଏହା ୩୦ ଦଶକର ଦୀର୍ଘ ମାନ୍ଦାବସ୍ଥା ସ୍ଥିତିଠାରୁ ଅଧିକ। କେବଳ ଗତ ସପ୍ତାହରେ ଆମେରିକାରେ ୨୦ ଲକ୍ଷରୁ ଅଧିକ ବେରୋଜଗାରୀ ସୁବିଧା ପାଇବା ପାଇଁ ଆବେଦନ କରିଥିବା ଗୋଲ୍ଡମ୍ୟାନ ସାଚସ୍ ଆକଳନ କରିଛନ୍ତି।

କରୋନା ସଂକ୍ରମଣ ଜନିତ ଲକ୍‌ଡାଉନ ପାଇଁ ଆମେରିକାରେ ଅନେକ ଶିଳ୍ପ ଓ ବ୍ୟବସାୟ ପ୍ରତିଷ୍ଠାନରେ ତାଲା ପଡିଛି। ସମସ୍ତ ଗ୍ରାମାଞ୍ଚଳ ରେଷ୍ଟୁରାଣ୍ଟ ବନ୍ଦ ହେବା ସହ କର୍ମଚାରୀ ଛଟେଇ ହୋଇଛନ୍ତି। ନିଯୁକ୍ତି ହରାଇଥିବା ରୋଷେଇ ପ୍ରଶିକ୍ଷକ ଆଲବର୍ଟୋ ମେଣ୍ଡୋଜା ଖୁବ୍‌ଶୀଘ୍ର ବେକାରୀ ସୁବିଧା ପାଇବାକୁ ଯାଉଛନ୍ତି। ତାଙ୍କୁ ଘରଭଡ଼ା ଓ ଟ୍ରକ୍ ବିଲ୍ ଦେବାକୁ ପଡୁଛି। ଏଥିସହିତ ୩ ଜଣ ପିଲାଙ୍କ ଲାଳନପାଳନ କରିବାକୁ ପଡୁଛି ବୋଲି ସେ କହିଛନ୍ତି।

କେବଳ ମେଣ୍ଡୋଜା ନୁହନ୍ତି, ଆମେରିକାର ଦକ୍ଷିଣ ସୀମାନ୍ତରେ ଅବସ୍ଥିତ ଟେକ୍ସାସ ରାଜ୍ୟର ଲରେଡୋ ସହରରେ ହଜାର ହଜାର ଲୋକ କରୋନା ଯୋଗୁ ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଛନ୍ତି। ଏହି ସହରରେ ଏପର୍ଯ୍ୟନ୍ତ କରୋନାରେ କେହି ମରି ନ ଥିବାବେଳେ ମାତ୍ର ୯ ଜଣ ଆକ୍ରାନ୍ତ ହୋଇଛନ୍ତି। ତେବେ ମହାମାରୀ ଯୋଗୁ ସରକାର ବ୍ୟବସାୟିକ କାରବାରକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବା ସହ ଲୋକମାନଙ୍କୁ ଘରେ ରହିବା ଲାଗି ନିର୍ଦ୍ଦେଶ ଦେଇଥିବାରୁ ଆମେରିକାର ସବୁଠୁ ଗରିବ ସହର ଲରେଡୋରେ ଆର୍ଥିକ ଦୁଃସ୍ଥିତି ଦେଖାଦେଇଛି। ଦାରିଦ୍ର୍ୟ ଯୋଗୁ ସେଠାର ଜନସାଧାରଣ ନିଜକୁ ଆଇସୋଲେଶନରେ ରଖିବା କିମ୍ବା ଉପଯୁକ୍ତ ଚିକିତ୍ସା ସେବା ଉପଲବ୍ଧ କରାଇବା କଷ୍ଟକର ହୋଇପଡିଛି ବୋଲି ମେରିଲାଣ୍ଡ ୟୁନିଭର୍ସିଟିର ସ୍କୁଲ୍ ଅଫ୍ ପବ୍ଲିକ୍ ହେଲ୍‌ଥ ପ୍ରଫେସର ସାନ୍ଦ୍ରା କ୍ୱିନ୍ କହିଛନ୍ତି। ମହାମାରୀ ସାମାଜିକ ଅସମାନତା ବଢ଼ାଇବା ସହ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ତାରତମ୍ୟ ବଢ଼ାଇ ଦେଇଥିବା ସେ କହିଛନ୍ତି। ଆମେରିକା ଜନସଂଖ୍ୟା ବ୍ୟୁରୋ ତଥ୍ୟ ଅନୁଯାୟୀ ଲରେଡୋ ସମେତ ୱେବ୍ କାଉଣ୍ଟିର ପ୍ରତି ୩ ଜଣରେ ଜଣେ ସଂଘୀୟ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି। ଅଧିକାଂଶଙ୍କର ସ୍ୱାସ୍ଥ୍ୟବୀମା ନାହିଁ। ଏହି ସହରର ସ୍କୁଲ ପିଲାମାନେ ରିହାତିରେ ମଧ୍ୟାହ୍ନ ଭୋଜନ ଓ ଅନ୍ୟ ସରକାରୀ ସୁବିଧା ପାଇଥାନ୍ତି। ସ୍ୱଳ୍ପ ଆୟକାରୀ ପରିବାର ଭାବରେ ମେଣ୍ଡୋଜାଙ୍କ ୩ ପିଲାଙ୍କର ସରକାରୀ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ବୀମା କରାଯାଇଥିବାବେଳେ ମେଣ୍ଡୋଜା ନିଜର ବୀମା କରିପାରିନାହାନ୍ତି।

କରୋନା ସଂକ୍ରମଣ ପୂର୍ବରୁ ୱେବ୍ କାଉଣ୍ଟିରେ ବେକାରି ହାର ଜାନୁୟାରୀରେ ୪.୧ ପ୍ରତିଶତ ଥିଲା, ଯାହାକି ଜାତୀୟ ହାରଠାରୁ ଯଥେଷ୍ଟ ଅଧିକ। ଏବେ ଲକ୍‌ଡାଉନ ଯୋଗୁ ବହୁ ସଂଖ୍ୟାରେ କର୍ମଚାରୀ ନିଯୁକ୍ତି ହରାଇଛନ୍ତି। ଏଥିସହିତ ଏହି ଅଞ୍ଚଳର ଅଧିକାଂଶ ଲୋକ ପରିବହନ ଉପରେ ନିର୍ଭର କରୁଥିବାବେଳେ ମେକ୍ସିକୋ ଓ ଆମେରିକା ସରକାର ସଂକ୍ରମଣ ଭୟରେ ସୀମା ସିଲ୍ କରିଦେଇଥିବାରୁ ସେମାନଙ୍କୁ ରୋଜଗାର ହରାଇବାକୁ ପଡ଼ିଛି। ସାମାଜିକ ଦୂରତ୍ୱ ରକ୍ଷା କରିବା ଅଧିକାଂଶ ଗରିବଙ୍କ ପାଇଁ ଅଭିଶାପ ପାଲଟିଥିବା ଜର୍ଜ ୱାଶିଂଟନ ବିଶ୍ୱବିଦ୍ୟାଳୟର ମିଲକେନ୍ ଇନ୍‌ଷ୍ଟିଚ୍ୟୁଟ ସ୍କୁଲ ଅଫ୍ ପବ୍ଲିକ ହେଲ୍‌ଥର ପ୍ରଫେସର ସାରା ରୋସେନବମ୍ କହିଛନ୍ତି। ଲକ୍‌ଡାଉନ୍ ଯୋଗୁ ବାଜାରରେ ଅତ୍ୟାବଶ୍ୟକ ସାମଗ୍ରୀ ମିଳିବା କଷ୍ଟକର ହୋଇପଡିଛି। ଡଜନେ ଅଣ୍ଡା ଓ କିଛି କ୍ଷୀର କିଣିବା ପାଇଁ ବିଭିନ୍ନ ସ୍ଥାନ ବୁଲିବାକୁ ପଡୁଛି ବୋଲି ଲରେଡୋର ଜଣେ ଶିକ୍ଷକ କହିଛନ୍ତି। ସେହିପରି ଲରେଡୋ ରିଜିଓନାଲ ଫୁଡ୍ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କାର୍‌ମେନ ଗାର୍‌ସିଆ କହିଛନ୍ତି, ସେ ମାର୍ଚ୍ଚ ମାସ ପାଇଁ କିଣିଥିବା ସବୁ ସାମଗ୍ରୀ ମାତ୍ର ୧୦ ଦିନରେ ଶେଷ ହୋଇଯାଇଛି। ଶସ୍ତା ଚିକିତ୍ସା ସେବା ପାଇଁ ଅଧିକାଂଶ ମେକ୍ସିକୋ ଉପରେ ନିର୍ଭର କରୁଥିବାବେଳେ କରୋନା ପାଇଁ ସେଠାକୁ ଯାତାୟାତ ବନ୍ଦ କରିଦିଆଯାଇଛି। କାମଧନ୍ଦା ବନ୍ଦ ହୋଇଯାଇଥିବାରୁ ଅତ୍ୟାବଶ୍ୟକ ସାମଗ୍ରୀ ଓ ଚିକିତ୍ସା ସେବା ଲାଗି ସହାୟତା କେଉଁଠୁ ପାଇବେ ଏନେଇ ଲୋକେ ଚିନ୍ତାରେ ପଡ଼ଯାଇଥିବା ଗାର୍‌ସିଆ କହିଛନ୍ତି।

**ଲକ୍‌ଡାଉନ ପ୍ରଭାବ**



# ଭାରତରେ ୧୦ ମୃତ

**ନୂଆଦିଲ୍ଲୀ,୨୫।୩(ପି.ଟି.)**

ଭାରତରେ କରୋନା ଭୂତାଣୁ ସଂକ୍ରମିତଙ୍କ ସଂଖ୍ୟା ବୁଧବାର ୬୦୬ରେ ପହଞ୍ଚିଥିବାବେଳେ ୧୦ ଜଣଙ୍କ ଜୀବନ ଯାଇଛି। ବର୍ତ୍ତମାନ ସୁଦ୍ଧା ୪୩ ଜଣ ସୁସ୍ଥ ହୋଇଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ହର୍ଷବର୍ଦ୍ଧନଙ୍କ ଅଧ୍ୟକ୍ଷତାରେ ମନ୍ତ୍ରୀଗୋଷ୍ଠୀ ବୈଠକ ବସି ଦେଶରେ କୋଭିଡ୍-୧୯ ସ୍ଥିତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ପର୍ଯ୍ୟାପ୍ତ ପରିମାଣର ବ୍ୟକ୍ତିଗତ ସୁରକ୍ଷା ଉପକରଣ (ପିପିଇ) ଏବଂ ଏନ୍-୯୫ ମାସ୍କ ଉପଲବ୍ଧ କରାଇବା ପାଇଁ ସରକାର ଉଦ୍ୟମ କରୁଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। କୋଭିଡ-୧୯ ପରୀକ୍ଷା ଲାଗି ୨୯ ଘରୋଇ ଲାବ୍ ସହ ୧୬,୦୦୦ ନମୁନା ସଂଗ୍ରହ କେନ୍ଦ୍ରକୁ ସାମିଲ କରାଯାଇଛି। କଣ୍ଟ୍ରୋଲ ରୁମ୍ ମାଧ୍ୟମରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଲକ୍‌ଡାଉନ ଉପରେ ନଜର ରଖିଛି।

# ମେ ୧୫ ସୁଦ୍ଧା ୧୩ ଲକ୍ଷରେ ପହଞ୍ଚିପାରେ ରୋଗୀ ସଂଖ୍ୟା



**ନୂଆଦିଲ୍ଲୀ,୨୫।୩(ପି.ଟି.)**

**କରୋନାକୁ ନେଇ ବୈଜ୍ଞାନିକଙ୍କ ସତର୍କ ସୂଚନା**

ବର୍ତ୍ତମାନର ଧାରାରେ କରୋନା ଭୂତାଣୁ ସଂକ୍ରମଣ ଜାରି ରହିଲେ ମେ' ମାସ ମଧ୍ୟଭାଗ ସୁଦ୍ଧା ଭାରତରେ ରୋଗୀ ସଂଖ୍ୟା ୧ରୁ ୧୩ ଲକ୍ଷରେ ପହଞ୍ଚିପାରେ ବୋଲି ବୈଜ୍ଞାନିକମାନଙ୍କର ଏକ ଅନ୍ତର୍ଜାତୀୟ ଟିମ୍ ସତର୍କ କରାଇଦେଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଭୂତାଣୁ ସଂକ୍ରମଣ ରୋକିବାରେ ଅନ୍ୟ ଦେଶ ତୁଳନାରେ ଭାରତ ଭଲ ପଦକ୍ଷେପ ନେଇଛି। ତେବେ ପ୍ରକୃତରେ ଦେଶରେ କେତେଜଣ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ, ତାହାର ସଠିକ ଆକଳନ କରାଯାଇପାରିନାହିଁ। ଠିକ୍ ତଥ୍ୟ ମୁଖ୍ୟତଃ ପରୀକ୍ଷା କ୍ଷେତ୍ର, ପରୀକ୍ଷା ଫଳାଫଳର ସଠିକତା, ପରୀକ୍ଷାର ବାରମ୍ବାରତା ଆଦି ଉପରେ ନିର୍ଭର କରୁଥିବା ଆମେରିକାର ଜନ୍ସ ହପ୍‌କିନ୍ସ ୟୁନିଭର୍ସିଟିର ଦେବଶ୍ରୀ ରାୟଙ୍କ ସମେତ ଅନ୍ୟ ଗବେଷକମାନେ ମତ ଦେଇଛନ୍ତି। ସେମାନଙ୍କ କହିବା ଅନୁଯାୟୀ ଭାରତରେ ଖୁବ୍ କମ୍ ଲୋକଙ୍କର ନମୁନା ପରୀକ୍ଷା କରାଯାଇଛି। ଯଥେଷ୍ଟ ପରୀକ୍ଷାର ଅଭାବରୁ ପ୍ରକୃତରେ ହସ୍ପିଟାଲ ଓ ସ୍ୱାସ୍ଥ୍ୟକେନ୍ଦ୍ର ବାହାରେ କେତେଜଣଙ୍କୁ ଏହି ଭୂତାଣୁ ସଂକ୍ରମିତ ହୋଇଛି ତାହା ଆକଳନ କରି ହେଉନାହିଁ ବୋଲି ସେମାନେ କହିଛନ୍ତି।

**ଇତିହାସର ଆଇନାରେ**

**ମାର୍ଚ୍ଚ ୨୬ର ପ୍ରମୁଖ ଘଟଣା**

୧୮୧୨ ମାର୍ଚ୍ଚ ୨୬ରେ ଭେନେଜୁଏଲାର କାରାକାସ୍‌ରେ ୭.୭ ତୀବ୍ରତାର ଭୂକମ୍ପ ହୋଇଥିଲା। ଏଥିରେ ପାଖାପାଖି ୨୦ ହଜାର ଲୋକଙ୍କ ଜୀବନ ଯିବା ସହ ବ୍ୟାପକ କ୍ଷୟକ୍ଷତି ହୋଇଥିଲା।

୧୯୭୧ ମାର୍ଚ୍ଚ ୨୬ରେ ପାକିସ୍ତାନଠାରୁ ବାଂଲାଦେଶ ଅଲଗା ହୋଇ ସ୍ୱାଧୀନ ରାଷ୍ଟ୍ର ଘୋଷିତ ହୋଇଥିଲା। ଏହି ଦିନକୁ ବାଂଲାଦେଶର ସ୍ୱାଧୀନତା ଦିବସ ଭାବେ ପାଳନ କରାଯାଇଥାଏ।

# କ୍ୟାବିନେଟ ବୈଠକରେ ବି ସାମାଜିକ ଦୂରତ୍ୱ

**ନୂଆଦିଲ୍ଲୀ, ୨୫।୩**

କରୋନା ଭାଇରସ୍‌ରୁ ମୁକ୍ତି ଲାଗି ସାମାଜିକ ଦୂରତ୍ୱକୁ ଆପଣାଇବା ଉପରେ ଗୁରୁତ୍ୱ ଦିଆଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ କ୍ୟାବିନେଟ ବୈଠକରେ ମଧ୍ୟ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। କ୍ୟାବିନେଟ ମନ୍ତ୍ରୀମାନେ ଏକାଠି ହୋଇ ବସିବା ପରିବର୍ତ୍ତ ଅଲଗା ଅଲଗା ହୋଇ ବସିଥିବା ଦେଖାଯାଇଥିଲା। ନୂଆଦିଲ୍ଲୀର ୭ ଲୋକ କଲ୍ୟାଣ ମାର୍ଗଠାରେ ହୋଇଥିବା କ୍ୟାବିନେଟ ବୈଠକରେ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯାଇ ସମାଜକୁ ଏକ ବାର୍ତ୍ତା ପଠାଯାଇଛି। କରୋନା ମହାମାରୀରୁ ନିଜକୁ ତଥା ସମାଜକୁ ରକ୍ଷା କରିବା ଲାଗି ଏଭଳି ସାମାଜିକ ଦୂରତ୍ୱ ପାଳନ କରିବା ଜରୁରୀ ବୋଲି ବିଶେଷଜ୍ଞମାନେ କହିଛନ୍ତି। ସଂକ୍ରମଣରୁ ରକ୍ଷା ଲାଗି ମଙ୍ଗଳବାର ମୋଦି ୨୧ ଦିନ ଲକ୍‌ଡାଉନ୍ କରିବା ଲାଗି ଆହ୍ୱାନ ଦେଇଥିଲେ।

**ଅଲଗା ଅଲଗା ହୋଇ ବସିଲେ ମନ୍ତ୍ରୀ**



# ଗୁରୁଦ୍ୱାରାକୁ ଆଇଏସ୍ ଟାର୍ଗେଟ: ୨୫ ନିହତ

**କାବୁଲ,୨୫।୩**



ଆଫଗାନିସ୍ତାନ ରାଜଧାନୀ କାବୁଲର କେନ୍ଦ୍ରସ୍ଥଳରେ ଥିବା ସଂଖ୍ୟାଲଘୁ ଶିଖ୍‌ମାନଙ୍କ ଗୁରୁଦ୍ୱାରା ଉପରେ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ଆତଙ୍କବାଦୀ ଆକ୍ରମଣ କରିଛନ୍ତି। ଏଥିରେ ୨୫ ଜଣଙ୍କ ମୃତ୍ୟୁ ହେବା ସହ ୧୫ ଜଣ ଆହତ ହୋଇଛନ୍ତି। କାବୁଲ ଶୋର୍ ବଜାରରେ ଥିବା ଏକ ଧର୍ମଶାଳାକୁ ଟାର୍ଗେଟ କରି ଆକ୍ରମଣ କରାଯାଇଥିଲା। ଆକ୍ରମଣ ପାଇଁ ଆଇଏସ୍ ନିଜକୁ ଦାୟୀ କରିଛି। ସାରା ବିଶ୍ୱ କରୋନା ସଂକ୍ରମଣରେ ଆତଙ୍କିତ ହୋଇଥିବାବେଳେ ଆତଙ୍କବାଦୀମାନେ ଧର୍ମସ୍ଥଳୀ ଉପରେ ଆକ୍ରମଣ କରିବା ଘଟଣାକୁ ଭାରତ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଏହା ଆକ୍ରମଣକାରୀ ଓ ସେମାନଙ୍କ ସମର୍ଥକମାନଙ୍କର ପୈଶାଚିକ ମାନସିକତା ବୋଲି ଭାରତ କହିଛି। କ୍ଷତିଗ୍ରସ୍ତ ହିନ୍ଦୁ ଓ ଶିଖ୍ ପରିବାରକୁ ଯଥାସମ୍ଭବ ସହାୟତା ଯୋଗାଇଦେବାକୁ ନୂଆଦିଲ୍ଲୀ ପକ୍ଷରୁ କୁହାଯାଇଛି।

# ୧୯ ହଜାର ଟପିଲା କରୋନା ମୃତ୍ୟୁ

**ପ୍ୟାରିସ୍/ମାଡ୍ରିଡ,୨୫।୩**

- ସ୍ପେନ୍‌ରେ ଦିନକରେ ଗଲା ୭୩୮ ଜୀବନ
- ସଂକ୍ରମିତଙ୍କ ସଂଖ୍ୟା ୪,୪୦,୧୪୫



କରୋନା ସଂକ୍ରମଣ ଜନିତ ମୃତ୍ୟୁସଂଖ୍ୟା ବୁଧବାର ୧୯,୭୪୮ରେ ପହଞ୍ଚିଛି। ଡିସେମ୍ବରରେ ଚାଇନାରୁ ଆରମ୍ଭ ହୋଇଥିବା କୋଭିଡ୍-୧୯ ବର୍ତ୍ତମାନ ସୁଦ୍ଧା ୧୯୬ ଦେଶକୁ ବ୍ୟାପିଲାଣି ଓ ଏଥିରେ ୪ ଲକ୍ଷ ୪୦ ହଜାର ୧୪୫ ଜଣ ସଂକ୍ରମିତ ହୋଇଛନ୍ତି। ଏହି ଭୂତାଣୁ ସ୍ପେନ୍‌ରେ ଗୋଟିଏ ଦିନରେ ୭୩୮ ଜଣଙ୍କ ଜୀବନ ନେଇଛି। ସେଠାରେ ମୃତ୍ୟୁସଂଖ୍ୟା ୩୪୩୪କୁ ବୃଦ୍ଧି ପାଇଥିବାବେଳେ ସଂକ୍ରମିତଙ୍କ ସଂଖ୍ୟା ୪୭,୬୧୦ରେ ପହଞ୍ଚିଛି। ଇଟାଲୀରେ ଫେବୃୟାରୀ ମାସରେ ପ୍ରଥମ କରୋନା ରୋଗୀ ଚିହ୍ନଟ ହୋଇଥିବାବେଳେ ଏବେ ସେଠାରେ ମୃତ୍ୟୁ ସଂଖ୍ୟା ୬,୮୨୦ରେ ପହଞ୍ଚିଛି। ଏହି ଦେଶରେ ୬୯,୧୭୬ ଜଣ ସଂକ୍ରମିତ ଥିବାବେଳେ ୮,୩୨୬ ଜଣ ସୁସ୍ଥ ହେଲେଣି। ଚାଇନାରେ ମୃତ୍ୟୁସଂଖ୍ୟା ୩,୨୮୧ ଏବଂ ସଂକ୍ରମିତଙ୍କ ସଂଖ୍ୟା ୮୧,୨୧୮ ରହିଛି। ଅନ୍ୟମାନଙ୍କ ମଧ୍ୟରେ ଇରାନରେ ମୃତ୍ୟୁସଂଖ୍ୟା ୨,୦୭୭ ରହିଥିବାବେଳେ ଆକାନ୍ତଙ୍କ ସଂଖ୍ୟା ୨୭,୦୧୭, ଫ୍ରାନ୍ସରେ ମୃତ୍ୟୁସଂଖ୍ୟା ୧୧୦୦ ଏବଂ ସଂକ୍ରମିତଙ୍କ ସଂଖ୍ୟା ୨୨,୩୦୨ ରହିଛି। ଆମେରିକାରେ ୬୦୦ରୁ ଅଧିକ ପ୍ରାଣ ହରାଇଥିବାବେଳେ ୫୫,୨୨୫ ଜଣ ସଂକ୍ରମିତ ହୋଇଥିବା ଜଣାପଡିଛି।

ମହାଦେଶ ଅନୁଯାୟୀ ଦେଖିଲେ, ୟୁରୋପରେ କରୋନା ସଂକ୍ରମିତଙ୍କ ସଂଖ୍ୟା ସର୍ବାଧିକ ୨,୨୬,୩୪୦ ଓ ମୃତ୍ୟୁସଂଖ୍ୟା ୧୨,୭୧୯ ରହିଛି। ସେହିପରି ଏସିଆରେ ସଂକ୍ରମିତଙ୍କ ସଂଖ୍ୟା ୯୯,୮୦୫ ଏବଂ ମୃତକଙ୍କ ସଂଖ୍ୟା ୩,୫୯୩ ରହିଛି। ମଧ୍ୟପ୍ରାଚ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୨,୧୧୮ ରହିଥିବାବେଳେ ମୃତ୍ୟୁସଂଖ୍ୟା ୨,୨୨୯ରେ ପହଞ୍ଚିଛି। ଉତ୍ତର ଆମେରିକା ଓ କାନାଡାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୫୭,୩୦୪ ରହିଥିବାବେଳେ ମୃତ୍ୟୁସଂଖ୍ୟା ୬୨୪। ସେହିପରି ଦକ୍ଷିଣ ଆମେରିକା ଓ କାରିବିୟାନ ଦେଶରେ ୭୩୩୭ ମାମଲା ହୋଇଥିବାବେଳେ ୧୧୮ ଜଣଙ୍କ ଜୀବନ ଯାଇଛି। ଆଫ୍ରିକାରେ ୨୩୮୨ ଜଣ ଆକ୍ରାନ୍ତ ହେବା ସହ ୬୪ ଜଣଙ୍କ ମୃତ୍ୟୁ ଘଟିଛି।




# ବୃତ୍ତ ଚିହ୍ନରେ ଠିଆହୋଇ ସାମଗ୍ରୀ କିଣିବେ ଲୋକେ

**ଭୁବନେଶ୍ୱର, ୨୫।୩ (ବ୍ୟୁରୋ)**

କରୋନା ପାଇଁ ସାରା ଦେଶ ଏବେ ୨୧ଦିନ ପାଇଁ ଲକ୍ ଡାଉନ୍। ଆବଶ୍ୟକତା ହେଉ ଅବା ଅଧିକ ଅତ୍ୟାବଶ୍ୟକ ସାମଗ୍ରୀ ଘରେ ମହଜୁଦ ରଖିବାକୁ ହେଉ, ଲୋକେ ଏବେ ବଜାର ମୁହାଁ। ଫଳରେ ହାଟ, ବଜାର ଓ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନରେ ଏବେ ଲୋକଙ୍କ ପ୍ରବଳ ଭିଡ଼ ଜମୁଛି। ସାମଗ୍ରୀ ନେବାକୁ ପ୍ରତିଯୋଗିତା ଭିତରେ ଠେଲାପେଲା, ଧସ୍ତାଧସ୍ତି ପରିସ୍ଥିତି ବି ସୃଷ୍ଟି ହେଉଛି। କରୋନା ଭାଇରସ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଘରେ ରହିବା ଓ ସାମାଜିକ ଦୂରତ୍ୱ ରକ୍ଷା କରିବାକୁ ସବୁବେଳେ ଗୁରୁତ୍ୱ ଦିଆଯାଉଥିବାବେଳେ ହାଟବଜାରରେ ଏହାକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା ଦେଖିବାକୁ ମିଳିଛି। ଏପରିସ୍ଥିତିକୁ ଦେଖି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ହାଟ, ବଜାର ଓ ଅତ୍ୟାବଶ୍ୟକ ସାମଗ୍ରୀ ବିକୁଥିବା ଦେକାନଗୁଡ଼ିକ ସାମ୍ନାରେ ଲକ୍ଷ୍ମଣରେଖା ଟାଣିଛି। ବୃତ୍ତ ଚିତ୍ର କରାଯାଇ ତାହା ମଧ୍ୟରେ ଜଣେ ଜଣେ ଲୋକ ଧାଡ଼ିରେ ରହି ସାମଗ୍ରୀ କିଣିବାକୁ କୁହାଯାଇଛି। ଲୋକେ ଜିନିଷ କିଣିବାକୁ ଆସିଲେ ଦୋକାନୀମାନେ ଏନେଇ ସେମାନଙ୍କୁ ଜଣାଇବା ସହ ସେହି ଅନୁସାରେ ପରାମର୍ଶ ଦେବେ। ଲୋକେ ଠିକ୍ ଭାବେ ଏହାକୁ ପାଳନ କରୁଛନ୍ତି କି ନାହିଁ ସିସିଟିଭି ଓ ସ୍କ୍ୱାଡ୍ ଦ୍ୱାରା ତଦାରଖ କରାଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।



## ଜିଲା ରେଡକ୍ରସ୍ ପାଣ୍ଠିକୁ ୪୪ କୋଟି ୫୦ଲକ୍ଷ

**ଭୁବନେଶ୍ୱର, ୨୫।୩(ବ୍ୟୁରୋ):** ରାଜ୍ୟରେ କୋଭିଡ୍-୧୯ ଭାଇରସ୍‌କୁ ନିୟନ୍ତ୍ରଣ କରିବା ପାଇଁ ଅନ୍ୟତମ ପଦକ୍ଷେପ ସ୍ୱରୂପ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୩୦ ଜିଲାର ରେଡକ୍ରସ ପାଣ୍ଠିକୁ ୪୪କୋଟି ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଗଞ୍ଜାମ ଓ ମାଲକାନଗିରି ଜିଲାକୁ ୩ କୋଟି ଟଙ୍କା ଲେଖାଏ, ବାଲେଶ୍ୱର, ବରଗଡ଼, ବଲାଙ୍ଗୀର, କଟକ, କଳାହାଣ୍ଡି, କେନ୍ଦ୍ରାପଡ଼ା, କେନ୍ଦୁଝର, ଖୋର୍ଦ୍ଧା, ନୟାଗଡ଼, ପୁରୀ ଓ ସମ୍ବଲପୁର ଜିଲାକୁ ୨କୋଟି ଟଙ୍କା ଲେଖାଏ, ଅନୁଗୋଳ, ଭଦ୍ରକ, ବୌଦ୍ଧ, ଢେଙ୍କାନାଳ, ଗଜପତି, ଜଗତ୍‌ସିଂହପୁର, ଯାଜପୁର, ଝାରସୁଗୁଡ଼ା, କନ୍ଧମାଳ, କୋରାପୁଟ, ମୟୂରଭଞ୍ଜ, ନୂଆପଡ଼ା, ନବରଙ୍ଗପୁର, ରାୟଗଡ଼ା, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ ଜିଲାକୁ ୧ କୋଟି ଟଙ୍କା ଲେଖାଏ ଓ ଦେବଗଡ଼ ଜିଲାକୁ ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏ ନେଇ ବୁଧବାର କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ ସୂଚନା ଦେଇଛନ୍ତି।

## ରାଜ୍ୟ ବାହାରେ ଥିବା ସରକାରୀ ରହଣି ସ୍ଥାନର ବୁକିଂ ସ୍ଥଗିତ

- ୩୧ ଯାଏ ଓଡ଼ିଶା ଭବନ, ସଦନ, ନିବାସରେ ପଞ୍ଜୀକରଣ ମନା
- ଉତ୍କଳ ଭବନରେ ମଧ୍ୟ ବୁକିଂ ମନା

**ଭୁବନେଶ୍ୱର, ୨୫।୩(ବ୍ୟୁରୋ):** କରୋନା ଭୂତାଣୁ ସଂକ୍ରମଣର ମୁକାବିଲା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଏହି କ୍ରମରେ ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗ ପକ୍ଷରୁ ଦେଶର ବିଭିନ୍ନ ସହରରେ ଥିବା ଓଡ଼ିଶା ଭବନ, ଓଡ଼ିଶା ସଦନ, ଓଡ଼ିଶା ନିବାସ ଏବଂ ଉତ୍କଳ ଭବନ ଆଦିକୁ ଆସନ୍ତା ୩୧ ପର୍ଯ୍ୟନ୍ତ ବନ୍ଦ କରାଯାଇଛି। ଏ ନେଇ ଗତ ୨୩ରେ ଏକ ବିଜ୍ଞପ୍ତି ପ୍ରକାଶ ପାଇସାରିଛି। ତେଣୁ ଏହି ସବୁ ସ୍ଥାନରେ ରହଣି ପାଇଁ କୌଣସି ବୁକିଂ କରାଯାଇ ପାରିବ ନାହିଁ। ଉଲ୍ଲେଖଯୋଗ୍ୟ, ନୂଆଦିଲ୍ଲୀରେ ଓଡ଼ିଶା ଭବନ ଓ ଓଡ଼ିଶା ନିବାସ ରହିଛି। ସେହିପରି ଦ୍ୱାରକାରେ ଓଡ଼ିଶା ସଦନ ରହିଛି। ନଭି ମୁମ୍ବାଇରେ ଓଡ଼ିଶା ଭବନ, କୋଲକାତାରେ ଉତ୍କଳ ଭବନ ଏବଂ ଚେନ୍ନାଇରେ ଓଡ଼ିଶା ଭବନ ରହିଛି।

# ସମଗ୍ର ରାଜ୍ୟରେ ଲକ୍‌ଡାଉନ୍ କଡ଼ାକଡ଼ି

- ଉଲ୍ଲଂଘନକାରୀଙ୍କ ବିରୋଧରେ କଠୋର ହେଉଛି ପୋଲିସ
- କେଉଁଠି କାନ ଧରି ବସ ଉଠ, ଆଉ କେଉଁଠି ପ୍ଲା' କାର୍ଡ

**ଭୁବନେଶ୍ୱର, ୨୫।୩ (ବ୍ୟୁରୋ)**

ଦେଶରେ କରୋନା ଭାଇରସର ମୁକାବିଲା ଲାଗି ମଙ୍ଗଳବାର ମଧ୍ୟରାତ୍ରରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମଗ୍ର ଦେଶରେ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଆସନ୍ତା ୨୧ଦିନ ପର୍ଯ୍ୟନ୍ତ ଘରୁ ପଦାକୁ ବାହାରିବା ଉପରେ କଟକଣା ଲାଗୁ କରାଯାଇଛି। ଜରୁରୀ କାର୍ଯ୍ୟ କିମ୍ବା ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ବାହାରକୁ ଯିବାକୁ କେବଳ ଅନୁମତି ରହିଛି। ହେଲେ କିଛି ଲୋକ ନିୟମକୁ ଉଲ୍ଲଂଘନ କରୁଥିବା ଦେଖିବାକୁ ମିଳୁଛି, ଯାହାଫଳରେ ରାଜ୍ୟ ପୋଲିସ କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ ବାଧ ହେଉଛି। ବୁଧବାର ରାଜ୍ୟର ବିଭିନ୍ନ ସ୍ଥାନରେ ପୋଲିସ ଭିନ୍ନଭିନ୍ନ ଉପାୟରେ କଟକଣା ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଥିବା ଦେଖିବାକୁ ମିଳିଥିଲା। କେଉଁଠି ରାସ୍ତାରେ ବୁଲୁଥିବା ଯୁବକଙ୍କୁ କାନ ଧରି ବସ୍ ଉଠ କରୁଥିବାବେଳେ ଅନ୍ୟ କେଉଁଠି ହାତରେ ପ୍ଲାକାର୍ଡ ଧରାଇ ନିନ୍ଦିତ କରୁଥିଲା। ଏପରି କି କେଉଁଠି ଗାଡ଼ି ଜବତ କରି ଜରିମାନା ଆଦାୟ କରୁଥିବା ଦେଖିବାକୁ ମିଳିଥିଲା। ମିଳିଥିବା ତଥ୍ୟ ଅନୁସାରେ ୨୪ମାର୍ଚ୍ଚ ସକାଳଠାରୁ ୨୫ ମାର୍ଚ୍ଚ ସକାଳ ସୁଦ୍ଧା ସମଗ୍ର ରାଜ୍ୟରେ କୋଭିଡ-୧୯ ସମ୍ବନ୍ଧୀୟ ନିର୍ଦ୍ଦେଶାବଳୀ ଉଲ୍ଲଂଘନ କରିବା ଅଭିଯୋଗରେ ୧୪୯ଟି ମାମଲା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏଥିମଧ୍ୟରୁ ୧୭୩ଟି ମାମଲା 'ଲକ୍‌ଡାଉନ୍' ଉଲ୍ଲଂଘନ ନେଇ ରୁଜୁ ହୋଇଥିବାବେଳେ ୫ଟି ମାମଲା 'ହୋମ୍ କ୍ୱାରାଣ୍ଟାଇନ' ନିୟମ ଉଲ୍ଲଂଘନ ଅଭିଯୋଗରେ ରୁଜୁ ହୋଇଛି। ଏତଦ୍‌ବ୍ୟତୀତ ୭ଟି ମାମଲା କୋଭିଡ-୧୯ ସମ୍ବନ୍ଧୀୟ ଅନ୍ୟ ନିର୍ଦ୍ଦେଶାବଳୀ ଖିଲାପ କରିବା ନେଇ ରୁଜୁ ହୋଇଛି। ଭୁବନେଶ୍ୱର ଥାନା ଅଞ୍ଚଳରେ ଶତାଧିକ ବାଇକ୍‌କୁ ଜବତ କରାଯାଇଥିବାବେଳେ ନିୟମ ଉଲ୍ଲଂଘନକାରୀ ଚାଳକଙ୍କଠାରୁ ୫୦୦ରୁ ୨୦୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯାଇଛି। ନିୟମ ଉଲ୍ଲଂଘନ କରି ରାସ୍ତାକୁ ବାହାରିଲେ ଜରିମାନା ସହ ଆବଶ୍ୟକସ୍ଥଳେ ଗିରଫ କରାଯିବ ବୋଲି ଟ୍ୱିନ୍‌ସିଟି ଅତିରିକ୍ତ ପୋଲିସ କମିଶନର ଅନୁପ କୁମାର ସାହୁ କହିଛନ୍ତି।



ଜଣେ ନିୟମ ଉଲ୍ଲଂଘନକାରୀ ଧରିଥିବା ପ୍ଲାକାର୍ଡ।

### ଗୁଟ୍‌ଖା କିଣିବାକୁ ଯାଇ କାନ ଧରି ବସ ଉଠ

ଭୁବନେଶ୍ୱର ଜୟଦେବ ବିହାର ଛକରେ ୪ଜଣ ଯୁବକ ୨ଟି ବାଇକରେ ଯାଉଥିବାବେଳେ ସେମାନଙ୍କୁ ଟ୍ରାଫିକ ପୋଷ୍ଟ ଚେକିଂରେ ଅଟକା ଯାଇଥିଲା। ହେଲେ ସେମାନେ ନ ମାନି ଖସି ପଳାଇବାକୁ ଚେଷ୍ଟା କରିଥିଲେ। ଏନେଇ ଖବର ପାଇ ବାଣୀବିହାର ଛକରେ କାର୍ଯ୍ୟରତ ପୋଲିସ ସେମାନଙ୍କୁ କାବୁ କରିନେଇଥିଲା। ଏହାପରେ ଉକ୍ତ ୪ ଜଣ ଯୁବକଙ୍କୁ ଯାଞ୍ଚ କରିବା ପରେ ଗୁଟ୍‌ଖା ଓ ସିଗାରେଟ ଆଣିବାକୁ ସେମାନେ ଯାଇଥିବା ଜଣାପଡ଼ିଥିଲା। ପୋଲିସ ସେମାନଙ୍କୁ କାନ ଧରି ବସ ଉଠ କରାଇବା ସହ ତତଲା ପିଚୁ ଉପରେ କିଛି ସମୟ ବସାଇଥିଲା। ପରେ ପୋଲିସ ସେମାନଙ୍କୁ ଏପରି ଭୁଲ ପୁନର୍ବାର ନ କରିବାକୁ ତାଗିଦ କରି ବିଦା କରିଥିଲା।

### 'ମୁଁ ସ୍ୱାର୍ଥପର, ମୁଁ ସମାଜକୁ ବିପଦକୁ ଠେଲିପାରେ'

ମୁଁ ଗୋଟିଏ ସ୍ୱାର୍ଥପର। ମୋ ବୁଲିବା ଚକ୍କରରେ ମୁଁ ସମାଜକୁ ବିପଦକୁ ଠେଲି ପାରେ। ଆଉ ଏଥିପାଇଁ ମୁଁ ଅନୁତପ୍ତ ବି ନୁହେଁ। ପ୍ଲା କାର୍ଡରେ ଲେଖାଥିବା ଏପରି କିଛି ସଚେତନ ବାର୍ତ୍ତାକୁ କନ୍ଧମାଳ ଜିଲା ବାଲିଗୁଡା, କେନ୍ଦୁଝର ଜିଲା ପାଟଣା ପୋଲିସ ନିୟମ ଉଲ୍ଲଂଘନକାରୀଙ୍କ ହାତରେ ଧରାଇ ରାସ୍ତାରେ ଠିଆ କରାଇଥିବା ଦେଖିବାକୁ ମିଳିଥିଲା। ଏପରି କି ସେମାନଙ୍କ ଫଟୋ ଉତ୍ତୋଳନ କରି ଚେତାବନୀ ଦେଇଥିଲା। ପୋଲିସର ଏଭଳି ଅଭିନବ ଢ଼ଙ୍ଗରେ ସଚେତନକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

## ସ୍ୱାଧୀନତା ସଂଗ୍ରାମୀ ଭବାନୀ ପଟ୍ଟନାୟକ ଅସୁସ୍ଥ

**ଭୁବନେଶ୍ୱର, ୨୫।୩(ବ୍ୟୁରୋ)**


ଭବାନୀ ଚରଣ ପଟ୍ଟନାୟକ

- ସ୍ୱତନ୍ତ୍ର ମେଡିକାଲ ଟିମ୍ ଚିକିତ୍ସା କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ
- ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବେ ରାଜ୍ୟ ସରକାର

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ଏମ୍‌ପି ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକ ଗୁରୁତର ଅସୁସ୍ଥ ହୋଇପଡିଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ବୁଧବାର ସକାଳୁ ତାଙ୍କୁ ଆଇସିୟୁରେ ରଖାଯାଇଛି। ହୃଦରୋଗରେ ଆକ୍ରାନ୍ତ ହୋଇ ଗୁରୁତର ହୋଇପଡ଼ିଥିବା ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅବଗତ ହେବାପରେ ଦୁଃଖପ୍ରକାଶ କରିଛନ୍ତି। ଚିକିତ୍ସାରେ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବା ସହ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ମେଡିକାଲ ଟିମ୍ ତାଙ୍କ ଚିକିତ୍ସା କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କ ଚିକିତ୍ସାର ସମସ୍ତ ଖର୍ଚ୍ଚ ସରକାର ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ଚେନ୍ନାଇରେ ଫସିଛନ୍ତି ପୁରୀର ୧୮ ତୀର୍ଥଯାତ୍ରୀ

**ପୁରୀ ଅଫିସ, ୨୫।୩**

ତୀର୍ଥ କରିବାକୁ ଯାଇଥିବା ପୁରୀର ୧୮ଜଣ ଚେନ୍ନାଇରେ ଅଟକି ରହିଛନ୍ତି। ଟ୍ରେନ୍ ଏବଂ ବିମାନ ସେବା ବନ୍ଦ ହୋଇଯାଇଥିବାରୁ ସେମାନେ ଓଡ଼ିଶା ଫେରି ପାରୁନାହାନ୍ତି । ସେମାନେ ଏବେ ଚେନ୍ନାଇର ଗୀତା ଭବନରେ ରହୁଥିବା ବେଳେ ବହୁତ ଅସୁବିଧାର ଶିକାର ହେଉଛନ୍ତି। ତେଣୁ ସେମାଙ୍କୁ ଉଦ୍ଧାର ପାଇଁ ରାଜ୍ୟ ସରକାରଙ୍କୁ ଏକ ଭିଡିଓ ମାଧ୍ୟମରେ ନିବେଦନ କରିଛନ୍ତି । ଏ ନେଇ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଜିଲା ପ୍ରଶାସନକୁ ମଧ୍ୟ ଜଣାଇଛନ୍ତି ।

## ଚଢ଼ାଉ ପରେ ଦର କମାଇଲେ ଗ୍ରସେରି, ପରିବା ଦୋକାନୀ

**ଭୁବନେଶ୍ୱର, ୨୫।୩(ବ୍ୟୁରୋ)**

କରୋନା ସଂକ୍ରମଣ ଏଡ଼ାଇବାକୁ ମଙ୍ଗଳବାର ମଧ୍ୟରାତିରୁ ସାରା ଦେଶ ୨୧ ଦିନିଆ ଲକ୍‌ଡାଉନ୍ ହେବା ପରେ ଏବେ ବଜାରରେ ଗ୍ରସେରି ଓ ପରିବା ଦର ବୃଦ୍ଧି ପାଇଛି। ଭୁବନେଶ୍ୱରର ପ୍ରମୁଖ ୧୭ଟି ହାଟ ସହ ବିଏମ୍‌ସି ଅଧୀନ ୬୭ ୱାର୍ଡ ଅଞ୍ଚଳରେ ଥିବା ପନିପରିବା, ମାଛ ମାଂସ ବଜାର ଓ ଗ୍ରସେରି ଦୋକାନଗୁଡ଼ିକରେ ହଠାତ୍ ଦର ବୃଦ୍ଧି ହେବାରୁ ସାଧାରଣ ଲୋକଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। କିଛି ଅସାଧୁ ବ୍ୟବସାୟୀ କଳାବଜାର ଓ ଶୋଷଣ ଆରମ୍ଭ କରିଛନ୍ତି। ବିଭିନ୍ନ ହାଟରେ ବ୍ୟବସାୟୀମାନେ ମନଇଚ୍ଛା ଭିନ୍ନଭିନ୍ନ ଦରରେ ପରିବାର ବିକୁଥିବା ଦେଖିବାକୁ ମିଳିଥିଲା। ରସୁଲଗଡ଼ କୋଚିଲେଇ ହାଟରେ ବ୍ୟବସାୟୀମାନେ ଚଢ଼ା ଦରରେ ବିକ୍ରିକରୁଥିବା ନେଇ ପୋଲିସ ସୂଚନା ପାଇ ଚଢ଼ାଉ କରିଥିଲା। ତାଗିଦ ଓ ଚେତାବନୀ ପରେ ବ୍ୟବସାୟୀ ଉଚିତ ମୂଲ୍ୟରେ ପରିବା ବିକ୍ରି କରିଥିଲେ। ସେହିଭଳି ସହରର ଆଉ କେତେକ ହାଟରେ ମଧ୍ୟ ଅଧିକ ଦରରେ ପରିବାର ଓ ଗ୍ରସେରୀ ବିକ୍ରି କରୁଥିବା ଅଭିଯୋଗ ହେଉଛି।

## ୩ମାସ ପାଇଁ ନିଯୁକ୍ତି ପାଇବେ ଡାକ୍ତର, ଡାକ୍ତରୀ କର୍ମଚାରୀ

**ଭୁବନେଶ୍ୱର, ୨୫।୩(ବ୍ୟୁରୋ)**

**ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଁ ବିଜ୍ଞପ୍ତି**

କରୋନା ଭୂତାଣୁ ବର୍ତ୍ତମାନ ସାରା ବିଶ୍ୱକୁ କରାୟତ କରିସାରିଲାଣି। ଭାରତରେ ଆକ୍ରାନ୍ତ ଓ ମୃତ୍ୟୁ ସଂଖ୍ୟା ବଢ଼ି ଚାଲିଥିବାବେଳେ ସମ୍ଭାବ୍ୟ ଆଗାମୀ ସ୍ଥିତିର ମୁକାବିଲା ପାଇଁ ଓଡ଼ିଶା ସରକାର ପ୍ରସ୍ତୁତି ଚଳାଇଛନ୍ତି। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଅବସରପ୍ରାପ୍ତ ଡାକ୍ତରଙ୍କ ସମେତ ଯୋଗ୍ୟ ଡାକ୍ତରୀ କର୍ମଚାରୀଙ୍କୁ ଆମନ୍ତ୍ରଣ କରିଛନ୍ତି। ସେମାନଙ୍କୁ ସରକାରୀ ଡାକ୍ତରଖାନାରେ ଚୁକ୍ତିଭିତ୍ତିକ ନିଯୁକ୍ତି ଦିଆଯିବ। ସେମାନେ ଆସନ୍ତା ଜୁନ୍ ୩୦ ପର୍ଯ୍ୟନ୍ତ କାର୍ଯ୍ୟ କରିବେ ଓ ଆବଶ୍ୟକ ସ୍ଥଳେ ପରିସ୍ଥିତିକୁ ଦୃଷ୍ଟିରେ ରଖି ଅବଧି ବୃଦ୍ଧି କରାଯାଇପାରେ। ଏନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ବିଜ୍ଞପ୍ତି ଅନୁସାରେ, ବିଶେଷଜ୍ଞମାନଙ୍କୁ ମାସିକ ଦରମା ୫ହଜାର ଟଙ୍କା, ଏମ୍‌ବିବିଏସ୍ ଡିଗ୍ରୀ ସହିତ ମେଡିକାଲ୍ ଅଫିସର ୩ହଜାର ଟଙ୍କା, ଷ୍ଟାଫ୍ ନର୍ସ ୧ହଜାର ଟଙ୍କା, ଲାବରେଟୋରି ଟେକ୍ନିସିଆନ ୧ହଜାର ଟଙ୍କା, ଫାର୍ମାସିଷ୍ଟ ୧ହଜାର ଟଙ୍କା, ରେଡିଓଗ୍ରାଫର୍ ୧ହଜାର ଟଙ୍କା, ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀଙ୍କୁ (ପୁରୁଷ/ମହିଳା) ୮୫୦ ଟଙ୍କା ଦିଆଯିବ। ଯୋଗଦେବାକୁ ଚାହୁଁଥିବା ଯୋଗ୍ୟ ଡାକ୍ତର, କର୍ମଚାରୀ, ନର୍ସ ଓ ପାରାମେଡିକ୍ କର୍ମଚାରୀ ନିଜ ଜିଲା ମୁଖ୍ୟ ଚିକିତ୍ସାଳୟ, ଜନସ୍ୱାସ୍ଥ୍ୟ ଅଧିକାରୀ କାର୍ଯ୍ୟାଳୟ କିମ୍ବା ବିଭାଗର ଅଫିସିଆଲ୍ ୱେବ୍ ପୋର୍ଟାଲ 'dhsodisha.nic.in'ରେ ଦିଆଯାଇଥିବା ନିର୍ଦ୍ଦିଷ୍ଟ ଫର୍ମାଟରେ ଆବେଦନ କରିପାରିବେ। ନିର୍ଦ୍ଧାରିତ ସ୍କାନ୍ ଡକ୍ୟୁମେଣ୍ଟ ସହିତ ଯୋଗ୍ୟତା, ବୟସ, ପରିଚୟ, ଓଡ଼ିଶା ମେଡିକାଲ କାଉନସିଲ ପଞ୍ଜୀକରଣ କିମ୍ବା ଅନନ୍ୟ ପଞ୍ଜୀକରଣ ପ୍ରମାଣପତ୍ର ସହ ଫଟୋ ଅପ୍‌ଲୋଡ୍ କରିବେ।

## ୨୦୪୩ ଦାଦନ ଶ୍ରମିକ ହୋମ୍ କ୍ୱାରାଣ୍ଟାଇନ୍‌ରେ

**ବଲାଙ୍ଗୀର ଅଫିସ, ୨୫।୩**

ବଲାଙ୍ଗୀର ଭଳି ଦାଦନ ପ୍ରବଣ ଜିଲାର ବିଭିନ୍ନ ଗାଁରୁ ପ୍ରତିବର୍ଷ ହଜାର ହଜାର ଦାଦନ ଶ୍ରମିକ ରାଜ୍ୟ ବାହାରକୁ ଜୀବିକା ଅନ୍ୱେଷଣରେ ଯାଇଥାନ୍ତି। ଜିଲା ଶ୍ରମ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ ଜିଲାରୁ ଚଳିତବର୍ଷ ପ୍ରାୟ ୨୩ ହଜାର ଦାଦନ ଶ୍ରମିକ ରାଜ୍ୟ ବାହାରକୁ କାମ କରିବା ପାଇଁ ପଞ୍ଜୀକୃତ ହୋଇଥିଲେ। ପ୍ରାୟ ୩ଶହ ଦାଦନ ସର୍ଦ୍ଦାର ବା ଶ୍ରମ ଠିକାଦାରଙ୍କ ଜରିଆରେ ଏହି ୨୩ ହଜାର ଦାଦନ ଶ୍ରମିକ ବିଭିନ୍ନ ରାଜ୍ୟକୁ କାମ କରିବା ପାଇଁ ଯାଇଛନ୍ତି। କରୋନା ସଂକ୍ରମଣ ଭୟ ଓ ଆତଙ୍କ ପରେ ବିଭିନ୍ନ ରାଜ୍ୟରୁ ଦାଦନ ଶ୍ରମିକମାନେ ନିଜ ନିଜ ଗାଁକୁ ଫେରି ଆସିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ ରାଜ୍ୟ ବାହାରୁ ବଲାଙ୍ଗୀର ଜିଲାକୁ ୨୦୪୩ ଜଣ ଦାଦନ ଶ୍ରମିକ ଫେରିଛନ୍ତି। ସେମାନଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପରାମର୍ଶ ଦିଆଯାଇଛି। ଜିଲାର କୌଣସି ଜଣେ ବି ଦାଦନ ଶ୍ରମିକ ବା ବ୍ୟକ୍ତି ଏଯାଏଁ କରୋନା ସଂକ୍ରମିତ ହୋଇଥିବା ଚିହ୍ନଟ ହୋଇନାହାନ୍ତି। ତଥାପି ପ୍ରତିଷେଧକ ବ୍ୟବସ୍ଥା ଅବଲମ୍ବନ କରାଯାଇ ସମସ୍ତ ୨୦୪୩ ଦାଦନ ଶ୍ରମିକଙ୍କୁ ହୋମ କ୍ୱାରାଣ୍ଟାଇନ୍ ବା ହୋମ ଆଇସୋଲେଶନ୍‌ରେ ରହିବାକୁ ପରାମର୍ଶ ଦିଆଯାଇଛି। ଏଦିଗରେ ଜିଲା ପ୍ରଶାସନ ପକ୍ଷରୁ ନଜର ରଖାଯାଇଛି। ପଞ୍ଚାୟତ ସ୍ତରରେ ବିଭିନ୍ନ ଗାଁରେ ଆଶା, ଅଙ୍ଗନୱାଡି ଓ ଏଏନ୍ଏମ୍‌ଙ୍କ ଜରିଆରେ ଏହି ରାଜ୍ୟ ବାହାରୁ ଆସିଥିବା ଦାଦନ ଶ୍ରମିକଙ୍କୁ ପଞ୍ଜୀକରଣ କରାଯାଇଛି। କରୋନା ସଂକ୍ରମଣକୁ ନେଇ ଜିଲାରେ ବ୍ୟାପକ ସଚେତନତା ଅବଲମ୍ବନ କରାଯାଉଥିବା ଓ ଏଥିରେ ସମସ୍ତ ବ୍ୟକ୍ତି ସହଯୋଗ କରିବାକୁ ଜିଲା ପ୍ରଶାସନ ତରଫରୁ ନିବେଦନ କରାଯାଇଛି। କାଶ, ସର୍ଦ୍ଦି, ଜ୍ୱର ଲକ୍ଷଣ ଥିବା ବ୍ୟକ୍ତିମାନେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର, ଡାକ୍ତରଙ୍କ ପରାମର୍ଶ ନେବାକୁ କୁହାଯାଇଛି। ତଥାପି ରାଜ୍ୟ ବାହାରୁ ଫେରିଥିବା ଦାଦନ ଶ୍ରମିକଙ୍କୁ ନେଇ ଗ୍ରାମାଞ୍ଚଳସ୍ତରରେ ଭୟ ଓ ଆତଙ୍କ ରହିଛି। କୌଣସି ବ୍ୟକ୍ତିଙ୍କଠାରେ କୌଣସି ଲକ୍ଷଣ ଦେଖାଯାଉ ନ ଥିଲେ ମଧ୍ୟ କରୋନା ମହାମାରୀକୁ ନେଇ ସମଗ୍ର ବିଶ୍ୱସ୍ତରୀୟ ତଥ୍ୟ ଶୁଣିଦେଇ ଅନେକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ବିଭିନ୍ନ ଗାଁରେ ଦାଦନ ଶ୍ରମିକଙ୍କ ପ୍ରବେଶକୁ ନେଇ ଯେଉଁ ଅସୁବିଧା ଲାଗି ରହିଥିଲା ତାକୁ ଦୂର କରିବାକୁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି।

# ବୃନ୍ଦାବନରେ ଫସି ରହିଛନ୍ତି ୬୦ ଓଡ଼ିଆ ତୀର୍ଥଯାତ୍ରୀ


ବୃନ୍ଦାବନରେ ଫସି ରହିଥିବା ଓଡ଼ିଆ ତୀର୍ଥଯାତ୍ରୀ।

**ଅମରପାଲି, ୨୫।୩ (ଡି.ଏନ.ଏ.)**

ତୀର୍ଥ କରିବାକୁ ଯାଇଥିବା ସୁବର୍ଣ୍ଣପୁର, ବୌଦ୍ଧ ଓ ଦେବଗଡ଼ ଜିଲାର ୬୦ ଜଣ ତୀର୍ଥଯାତ୍ରୀ ଏବେ ଉତ୍ତରପ୍ରଦେଶର ବୃନ୍ଦାବନରେ ଫସି ରହିଛନ୍ତି। ସେମାନଙ୍କ ମଧ୍ୟରୁ ୨୮ ଜଣ ମହିଳା। ଲକ୍‌ଡାଉନ ଯୋଗୁ ସେମାନେ ଏବେ ଫେରି ପାରୁ ନ ଥିବା କହିଛନ୍ତି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବଡ଼ଖମାରସ୍ଥିତ ବରାହପଦର ମଠର ମହନ୍ତ ଖେଳାକୃଷ୍ଣ ଦାଶ, ବାବା ନିତ୍ୟଗୋପାଳ ଦାଶ, ଭିକାରୀ ମେହେର, ବ୍ରହ୍ମାନନ୍ଦ ପାଣିଗ୍ରାହୀଙ୍କ ନେତୃତ୍ୱରେ ଉକ୍ତ ଶ୍ରଦ୍ଧାଳୁମାନେ ମଥୁରା ଓ ବୃନ୍ଦାବନକୁ ତୀର୍ଥରେ ଯାଇଥିଲେ। ସେମାନେ ୨୫ମାର୍ଚ୍ଚ ସୁଦ୍ଧା ଘରକୁ ଫେରି ଆସିବାର ଥିଲା। ମାତ୍ର ଏବେ ଲକ୍‌ଡାଉନ ଯୋଗୁ ଗାଡ଼ି ଚଳାଚଳ ଓ ଟ୍ରେନ ସେବା ବାତିଲ ପାଇଁ ସେମାନେ ଆସି ପାରୁନାହାନ୍ତି। ଏବେ ସେମାନେ ବୃନ୍ଦାବନର କୌଣସି ଏକ ମଠରେ ଅଛନ୍ତି। ସେମାନଙ୍କ ପାଖରେ ଟଙ୍କା ନ ଥିବାରୁ ଖାଇବା ପିଇବାରେ ବହୁତ ଅସୁବିଧା ହେଉଥିବା ଆମ ପ୍ରତିନିଧିଙ୍କୁ ଫୋନ୍ ଯୋଗେ ଜଣାଇଛନ୍ତି। ଏନେଇ ସେମାନେ ଉତ୍ତରପ୍ରଦେଶ ପୋଲିସକୁ ନିଜର ସମସ୍ୟା ଜଣାଇଥିଲେ ମଧ୍ୟ କୌଣସି ସହଯୋଗ ମିଳି ପାରିନାହିଁ। ଉକ୍ତ ତୀର୍ଥଯାତ୍ରୀ ଦଳରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳର ୨୫ ଜଣ, ଉଲୁଣ୍ଡା ବ୍ଲକର ୧୦, ବିନିକା ବ୍ଲକରୁ ୫, ଦେବଗଡ଼ ଜିଲାରୁ ୧୦ ଓ ବୌଦ୍ଧ ଜିଲାର ୭ ତୀର୍ଥଯାତ୍ରୀଙ୍କ ସହିତ ମହନ୍ତ ଓ ବାବା ମିଶି ୬୦ ଜଣ ରହିଛନ୍ତି। ଉକ୍ତ ତୀର୍ଥଯାତ୍ରୀମାନେ ଉଦ୍ଧାର ପାଇଁ ମନ୍ତ୍ରୀ ତଥା ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରାଙ୍କୁ ଅନୁରୋଧ କରିଛନ୍ତି। ମନ୍ତ୍ରୀ ବେହେରା ସେମାନଙ୍କୁ ଉଦ୍ଧାର କରିବା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ପ୍ରତିଶ୍ରୁତି ଦେଇଥିବା ତୀର୍ଥଯାତ୍ରୀ ମାନେ ପ୍ରକାଶ କରିଛନ୍ତି।

### ନାସିକରେ ଅଟକିଛନ୍ତି ୨୮ ଓଡ଼ିଆ

**ଜଳେଶ୍ୱର, ୨୫।୩(ସ୍ୱ.ପ୍ର):** ତୀର୍ଥଯାତ୍ରା କରିବାକୁ ଯାଇଥିବା ବାଲେଶ୍ୱର ଜିଲାର ୨୮ଜଣ ଯାତ୍ରୀ ୪ ଦିନ ଧରି ମହାରାଷ୍ଟ୍ରର ନାସିକ ସହରରେ ଅଟକି ରହିଛନ୍ତି। ସେମାନଙ୍କୁ ଉଦ୍ଧାର କରିବାପାଇଁ ପରିବାରବର୍ଗ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ସମେତ ମୁଖ୍ୟ ଶାସନ ସଚିବ ଓ ବାଲେଶ୍ୱର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଗତ ୩ ତାରିଖରେ ତୀର୍ଥଯାତ୍ରାରେ ଯାଇଥିବା ଏହି ଲୋକେ ବୃନ୍ଦାବନ, ଜୟପୁର, ଆଜମୀର, ଦ୍ୱାରିକା, ମାଉଣ୍ଟଆବୁ, ଉଜ୍ଜୟିନୀ, ସୋମନାଥ ମନ୍ଦିର ବୁଲିସାରି ନାସିକର ପଞ୍ଚବଟିରେ ପହଞ୍ଚିଥିଲେ। ଗତ ୨୨ ତାରିଖରେ ସେମାନଙ୍କର ଫେରିବା କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ସେଦିନ ଜନତା କର୍ଫ୍ୟୁ ଡାକରା ଯୋଗୁଁ ସେମାନେ ଫେରି ପାରି ନ ଥିଲେ।

### ତିରୁପତିରେ ବି ୧୪ ତୀର୍ଥଯାତ୍ରୀ

**କେନ୍ଦ୍ରାପଡ଼ା ଅଫିସ, ୨୫।୩:** କେନ୍ଦ୍ରାପଡ଼ା ଜିଲାର ୨ ଜଣ ସମେତ ଯାଜପୁର ଜିଲାର ମୋଟ ୧୪ ତୀର୍ଥଯାତ୍ରୀ ତିରୁପତିଠାରେ ଫସିରହିଛନ୍ତି। ସେମାନଙ୍କୁ ଉଦ୍ଧାର କରିବା ପାଇଁ ଏକ ଭିଡିଓ ମାଧ୍ୟମରେ ଆକୁଳ ନିବେଦନ କରିଛନ୍ତି। ଏହି ଭିଡିଓ ଏବେ ଜିଲାରେ ଭାଇରାଲ ହେବାରେ ଲାଗିଛି। ତୀର୍ଥଯାତ୍ରୀମାନେ ସେମାନଙ୍କୁ ଉଦ୍ଧାର ପାଇଁ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ, ଯାଜପୁର ବିଧାୟକ ପ୍ରଣବପ୍ରକାଶ ଦାସ, ଜିଲା ବିଜେଡି ସଭାପତି ସରୋଜ ମହାପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ବଡ଼ଶଙ୍ଖ ପରିବା ମାର୍କେଟ ଦୁଇଭାଗ

ପୁରୀ ଅଫିସ,୨୫।୩: କରୋନା ମୁକାବିଲା ପାଇଁ ସାମାଜିକ ଦୂରତ୍ୱ ରକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ତେଣୁ ବଡ଼ଶଙ୍ଖ ପରିବା ମାର୍କେଟକୁ ଦୁଇ ଭାଗ କରାଯାଇଛି। ପନିପରିବା ପାଇଁ ଲୋକଙ୍କ ଭିଡ଼ ଯୋଗୁ ବୁଧବାର ଅଧା ବ୍ୟବସାୟୀଙ୍କୁ ପୁରୁଣା ଜେଲ୍ ପରିସରକୁ ସ୍ଥାନାନ୍ତର କରାଯାଇଛି। ସନ୍ଧ୍ୟା ୬ଟା ପରେ ବଡ଼ଶଙ୍ଖ ପରିବା ମାର୍କେଟ ବନ୍ଦ ରହିବ ବୋଲି ପ୍ରଶାସନ କହିଛି।


**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଜିଲା ଚିଠି
### କନ୍ଧମାଳ

# ପିଏମ୍‌ଜିଏସ୍‌ୱାଇ ମହୁ

ଗ୍ରାମାଞ୍ଚଳରେ ଲୋକଙ୍କ ଗମନାଗମନ ଅସୁବିଧାକୁ ଦୃଷ୍ଟିରେ ରଖି ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ) ଆରମ୍ଭ କରିଥିଲେ। ଲୋକେ କିପରି ଭଲରେ ଯାତାୟାତ କରିବେ ଏବଂ ଯୋଗାଯୋଗ ଭଲ ହେବ ଏହାର ମୂଳ ଲକ୍ଷ୍ୟ ଥିଲା। ଏହି ରାସ୍ତା ପାଇଁ ଅତିକମ୍‌ରେ କୋଟିଏ ଟଙ୍କାରୁ ଉର୍ଦ୍ଧ୍ୱ ମଞ୍ଜୁର ହୋଇଥାଏ। ତେବେ ଠିକାଦାର ଏବଂ ବିଭାଗୀୟ ଅଧିକାରୀ ଯଥା ଯନ୍ତ୍ରୀଙ୍କ କଳୁଷିତ ମନୋବୃତ୍ତି ଯୋଗୁ ଉକ୍ତ ରାସ୍ତାର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇ ପାରୁନାହିଁ। ସରକାରଙ୍କ ନିୟମକୁ କନ୍ଧମାଳ ଜିଲାରେ ସବୁଠି ଉଲ୍ଲଂଘନ କରାଯାଉଛି। ଯେତିକି ସମୟ ସୀମା ମଧ୍ୟରେ କାର୍ଯ୍ୟ ସରିବା କଥା ତାହା ହେଉନାହିଁ। ଠିକାଦାରମାନେ ସମୟ ଗଡାଇ ଚାଲୁଥିବା ବେଳେ ଯନ୍ତ୍ରୀମାନେ ସେମାନଙ୍କୁ ଏଥିରେ ସହାୟତା କରୁଛନ୍ତି। ପିଏମ୍‌ଜିଏସ୍‌ୱାଇରେ ରାସ୍ତା କାମ ପାଇଁ ଟେଣ୍ଡର ଡକାଯିବା ପରେ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ତାରିଖ ଧାର୍ଯ୍ୟ ହୋଇଥାଏ। କାମ ସରିବା ପରେ ୫ ବର୍ଷ (ଗ୍ୟାରେଣ୍ଟି ପିରିୟଡ) ପର୍ଯ୍ୟନ୍ତ ରାସ୍ତାରେ କିଛି ତ୍ରୁଟି ପରିଲକ୍ଷିତ ହେଲେ ଠିକାଦାର ବିନା ଟଙ୍କାରେ ସେହି କାମ କରିବାକୁ ବାଧ୍ୟ। ନଚେତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିୟମ ରହିଛି। ତେବେ ଜିଲାରେ କୌଣସି ଗୋଟିଏ ବି ପିଏମ୍‌ଜିଏସ୍‌ୱାଇ କାମ ନିର୍ଦ୍ଧାରିତ ସମୟରେ ସରୁନାହିଁ। ଆଜି ପର୍ଯ୍ୟନ୍ତ କୌଣସି ବି ଜଣେ ଠିକାଦାରଙ୍କ ବିରୋଧରେ ସେଭଳି କିଛି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଅର୍ଥାତ୍ କାହାକୁ ବ୍ଲାକ ଲିଷ୍ଟେଡ କିମ୍ବା ଜରିମାନା କରାଯାଇନାହିଁ। ଯନ୍ତ୍ରୀମାନେ ନିଜର ଫାଇଦା ପାଇଁ ଠିକାଦାରମାନଙ୍କୁ ଜାଣିଶୁଣି ସମୟ ଗଡାଇବାକୁ ପ୍ରୋତ୍ସାହନ କରୁଛନ୍ତି। ଠିକାଦାରମାନେ ନିର୍ଦ୍ଧାରିତ ସମୟରେ କାମ ନ ସାରି ଗ୍ୟାରେଣ୍ଟି ପିରିୟଡ଼ ଶେଷ ହେବା ପର୍ଯ୍ୟନ୍ତ ମୂଳ କାମକୁ ଗଡାଇ ନେଉଛନ୍ତି। ସେପଟେ କାମ ଠିକ୍ ହୋଇଛି ବୋଲି ସେମାନଙ୍କ ବିଲ୍ କରି ଦିଆଯାଉଛି। କାମ ଅତ୍ୟନ୍ତ ନିମ୍ନମାନର ହେଉଛି। ଚାଲାଖି କରି ବୋର୍ଡରେ ୫ ବର୍ଷ ପୂର୍ବେ କାମ ସରିଛି ବୋଲି ଉଲ୍ଲେଖ କରାଯାଉଛି। ଏଥିରେ ଯନ୍ତ୍ରୀ, ଏସ୍‌ଡିଓ ଏବଂ ନିର୍ବାହୀ ଯନ୍ତ୍ରୀ ବ୍ୟାପକ ମୁନାଫା ଉଠାଉଛନ୍ତି। ଗତ ୧୫ ତାରିଖରେ ଜିଲା ପରିଷଦର ଏକ ସ୍ୱତନ୍ତ୍ର ବୈଠକ ଡକାଯାଇ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା-୩ ବାବଦରେ ଆଲୋଚନା ହୋଇ ୧୨୬ଟି ପ୍ରକଳ୍ପ ଅନୁମୋଦିତ ହୋଇଛି। ପିଏମ୍‌ଜିଏସ୍‌ୱାଇ-୧ ଓ ୨ ପରେ ଏବେ ୩ ଆସୁଥିବାରୁ ଯନ୍ତ୍ରୀ ଏବଂ ବିଭାଗୀୟ ଅଧିକାରୀଙ୍କ ଓଠରୁ ଖାଲି ମହୁ ଝରୁଛି।

– ରାକେଶ କୁମାର ରାଉତ

# ବୁଲା ଜୀବଜନ୍ତୁଙ୍କୁ ମିଳୁନି ଖାଦ୍ୟ

■ ସହାୟତାର ହାତ ବଢ଼ାଇଛନ୍ତି ଯୁବ ସ୍ୱେଚ୍ଛାସେବୀ
■ ଖାଇବାକୁ ଦେବାକୁ ନିବେଦନ କଲା ବିଏମ୍‌ସି

ଭୁବନେଶ୍ୱର,୨୫।୩(ବ୍ୟୁରୋ)

ସାରା ବିଶ୍ୱ ଏବେ କରୋନା ମହାମାରୀର ଶିକାର ହୋଇଛି। ଏଭଳିସ୍ଥିତିରେ ସମଗ୍ର ଦେଶ ଏବଂ ରାଜ୍ୟରେ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ବିଶେଷକରି ରାଜଧାନୀ ଭୁବନେଶ୍ୱରରେ ଗତ ରବିବାରଠାରୁ ଲକ୍‌ଡାଉନ ଘୋଷଣା ହେବା ପରଠାରୁ ଅଧିକାଂଶ ଜନସାଧାରଣ ଘରେ ରହିବାକୁ ଉଚିତ ମଣିଥିବାବେଳେ ହୋଟେଲ, ରେଷ୍ଟୁରାଣ୍ଟ, ଦୋକାନ ବଜାର ସବୁକିଛି ବନ୍ଦ ରହିଛି। ଏଭଳିସ୍ଥଳେ ଛୋଟ ବଡ଼ ହୋଟେଲ ଓ ଦୋକାନଗୁଡ଼ିକରୁ ବଳକା ଖାଦ୍ୟ ଖାଇ ବଞ୍ଚୁଥିବା ପଶୁପକ୍ଷୀ ଏବେ ଖାଦ୍ୟ ନ ପାଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଶୂନ୍‌ଶାନ୍ ରାସ୍ତାଘାଟରେ ନ ଖାଇ ନ ପିଇ ପଡ଼ି ରହୁଛନ୍ତି। ଏଭଳିସ୍ଥଳେ ନିରୀହ ପଶୁପକ୍ଷୀଙ୍କ ଜୀବନରକ୍ଷା ପାଇଁ ସହାୟତାର ହାତ ବଢ଼ାଇଛନ୍ତି କେତେକ ସଂଗଠନ ଏବଂ ବ୍ୟକ୍ତିବିଶେଷ। ପ୍ରତିଦିନ ରାଜଧାନୀ ରାଜରାସ୍ତାରେ ବୁଲି ସେମାନେ ଗୋରୁ ଏବଂ ବୁଲା କୁକୁରଙ୍କୁ ଖାଦ୍ୟ ଖୁଆଉଛନ୍ତି। ଭୁବନେଶ୍ୱରରେ ଏବେ କିଛି ସଂଗଠନ ନିଜେ ଜୀବଜନ୍ତୁଙ୍କୁ ଖାଦ୍ୟ ଖୁଆଇବା ସହ ନିଜସ୍ୱ ଉଦ୍ୟମରେ ପ୍ରତିଦିନ କିଛି ନା କିଛି ଖାଦ୍ୟ ଜୀବମାନଙ୍କୁ ଦେବାକୁ ସାଧାରଣ ଜନତାଙ୍କୁ ଅନୁରୋଧ କରିଛନ୍ତି।




ଖଣ୍ଡଗିରିଠାରେ ଜଣେ ବ୍ୟକ୍ତି ମାଙ୍କଡ଼ମାନଙ୍କୁ ଖାଦ୍ୟ ଦେଉଛନ୍ତି।

ଖଣ୍ଡଗିରିରୁ ଆରମ୍ଭକରି ରାଜଧାନୀର ଚାରିଆଡେ ଜୀବଜନ୍ତୁଙ୍କ ଶୁଖିଲା ମୁହଁ ଦେଖିବାକୁ ମିଳୁଛି। ଖଣ୍ଡିଗିରି ଏବଂ ଉଦୟଗିରି ଶତାଧିକ ମାଙ୍କଡ଼ଙ୍କ ରହଣିସ୍ଥଳ ହୋଇଥିବା ବେଳେ ପ୍ରତ୍ୟହ ପର୍ଯ୍ୟଟକ ଦେଉଥିବା ଖାଦ୍ୟ ଖାଇ ସେମାନେ ବଞ୍ଚିଥାନ୍ତି। ହେଲେ ଲକ୍‌ଡାଉନ୍ ପରେ ଖାଁ ଖାଁ ପଡ଼ିଥିବା ଖଣ୍ଡିଗିରି-ଉଦୟଗିରିରେ ଏବେ ମାଙ୍କଡ଼ମାନଙ୍କ କରୁଣ ଅବସ୍ଥା ଦେଖିବାକୁ ମିଳୁଛି। ଏଭଳି ସମୟରେ ମାଙ୍କଡ଼ମାନଙ୍କୁ ଖାଦ୍ୟ ଯୋଗାଇଦେବାକୁ ଆଗେଇ ଆସିଛି ଭୁବନେଶ୍ୱରର 'ପିପୁଲ୍‌ସ ଫର୍ ଆନିମଲ୍‌ସ' (ପିଏଫ୍‌ଏ) ସଂଗଠନ। ପିଏଫ୍‌ଏ ପକ୍ଷରୁ ମଙ୍ଗଳବାର ପାହାଡ଼ରେ ଥିବା ମାଙ୍କଡ଼ଙ୍କୁ ସେଓ, କଦଳୀ, ତରଭୁଜ ଭଳି ବିଭିନ୍ନ ଫଳ ବଣ୍ଟା ଯାଇଥିବାବେଳେ ଅନ୍ୟ ଜୀବଜନ୍ତୁଙ୍କୁ ମଧ୍ୟ ଖାଦ୍ୟ ଦିଆଯାଇଛି। ସେହିଭଳି 'କଳିଙ୍ଗ ଯୁବ ସେନା' ପକ୍ଷରୁ ଲଗାତର ଦ୍ୱିତୀୟ ଦିନ ପାଇଁ ଶୈଳଶ୍ରୀ ବିହାର, ଡମଣା, ଇନ୍‌ଫୋସିଟି ଛକ, ପଟିଆ, ଶିଶୁ ବିହାର, କାନନ ବିହାର ଅଞ୍ଚଳର ସମସ୍ତ ଗାଈ, ବାଛୁରୀ, ଷଣ୍ଢ, କୁକୁରମାନଙ୍କୁ ଖାଇବାକୁ ଦିଆଯାଇଛି। ସମ୍ପାଦକ ମନୋରଞ୍ଜନ ଜେନାଙ୍କ ନେତୃତ୍ୱରେ ଏହି ଯୁବ ସଂଗଠନ ଲକ୍‌ଡାଉନ୍ ଜାରି ରହିବା ପର୍ଯ୍ୟନ୍ତ ବୁଲା ଜୀବଜନ୍ତୁଙ୍କୁ ଖାଦ୍ୟ ଯୋଗାଇଦେବ ବୋଲି କହିଛି। ଏହାବ୍ୟତୀତ 'ସ୍ମିକ୍ ଫର୍ ଆନିମଲ୍‌ସ'ର ଯୁବ ସ୍ୱେଚ୍ଛାସେବୀମାନେ ରାତିରେ ଏବଂ ଦିନରେ ସହରର ବିଭିନ୍ନ ସ୍ଥାନ ବୁଲି ବୁଲା କୁକୁରମାନଙ୍କୁ ଖାଦ୍ୟ ଖୁଆଉଥିବା ଦେଖିବାକୁ ମିଳିଛି। ରାଜ୍ୟର ସମସ୍ତ ଗାଈଗୋରୁ ଓ ବୁଲା କୁକୁରଙ୍କ ପାଇଁ ସରକାର ଯୁଦ୍ଧକାଳୀନ ଭିତ୍ତିରେ ଖାଦ୍ୟ ଯୋଗାଇଦେବାକୁ ଭାରତୀୟ ବିକାଶ ପରିଷଦ ଦାବି କରିଥିବାବେଳେ ଲକ୍‌ଡାଉନ୍ ସମୟରେ ଖାଇବାକୁ ପାଉ ନଥିବା ଜୀବମାନଙ୍କୁ ଦୟା କରିବା ସହ ପ୍ରତିଦିନ ବ୍ୟକ୍ତିଗତ ଉଦ୍ୟମରେ କିଛି ଖାଦ୍ୟ ଦେବାକୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ରାଜଧାନୀବାସୀଙ୍କୁ ନିବେଦନ କରିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**



ରବି ଓ ଚନ୍ଦ୍ର ଏକତ୍ର ଅବସ୍ଥାନ କରି ଘରୋଇ ଆଲୋଚନାରେ ସମୟ କଟାଇବେ। ଅସାବଧାନତା ହେତୁ କିମ୍ବା ଦ୍ରବ୍ୟନଷ୍ଟ କିମ୍ବା ଅର୍ଥହାନିର ସମ୍ଭାବନା ରହିଛି। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରିତ ରହିବ କିନ୍ତୁ ମାନସିକ ଉତ୍ତେଜନା ଲାଗି ରହିପାରେ। ବନ୍ଧୁସମ୍ପର୍କ, ଯାତ୍ରା, ବାଣିଜ୍ୟ, ଆନୁଷ୍ଠାନିକ କାମ ବାଧାପ୍ରାପ୍ତ ହୋଇପାରେ।

**ବୃଷ**



ଶୁକ୍ର ଓ ରବିଙ୍କ ସ୍ଥାନ ସ୍ଥିତିରୁ ପାରିବାରିକ ସ୍ତରରେ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ନିଜ ପରିସରରେ ବିବାଦୀୟ ଘଟଣାରେ ମଧ୍ୟସ୍ଥତା କରି ଅପମାନିତ ହୋଇପାରନ୍ତି। ଶନି କ୍ଷେତ୍ରସ୍ଥ ବୁଧ ଯୋଗୁ ପ୍ରବାସୀ ସନ୍ତାନଙ୍କ ସମସ୍ୟା ବିଷୟ ଚିନ୍ତାକରି ଦ୍ୱନ୍ଦ୍ୱର ସମ୍ମୁଖୀନ ହେବେ। ବ୍ୟବସାୟ, ପରିବହନ ଆଦି କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟିହେବ।

**ମିଥୁନ**



ବୁଧ ଭାଗ୍ୟସ୍ଥାନସ୍ଥ ଯୋଗୁ ଆପଣଙ୍କ ଅଭିଳଷିତ ଚେଷ୍ଟା କେତେକାଂଶରେ ସଫଳ ହୋଇପାରିବ। କର୍ମକ୍ଷେତ୍ରରେ କିଛିଟା ବ୍ୟତିକ୍ରମକୁ ନେଇ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ଘରେ ମଧ୍ୟ ସାଧାରଣ କଥାକୁ କେନ୍ଦ୍ରକରି କଳହର ଆଶଙ୍କା ରହିଛି। ପୁରାଣପଠନ, ସାହିତ୍ୟାନୁରାଗ, ସଙ୍ଗୀତରେ ରୁଚି ମାନସିକ ସ୍ଥିତିକୁ ଉନ୍ନତ କରିବ।

**କର୍କଟ**



କର୍ମକ୍ଷେତ୍ରରେ ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ କରିବା ଦିଗରେ ମନ ବଳାଇବେ। ପାରିବାରିକ ହସଖୁସିରେ ଆନନ୍ଦ ଅନୁଭବ କରିପାରନ୍ତି। ବିଶ୍ୱାସଯୋଗ୍ୟ କାରଣ ନ ଥାଇ ବନ୍ଧୁଙ୍କ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ଶନି ଓ ମଙ୍ଗଳଙ୍କ କୁପ୍ରଭାବରେ ଯାତ୍ରା, ଗୃହାରମ୍ଭ, ଶୁଭକାର୍ଯ୍ୟରେ ଯୋଗଦାନ ବାଧାପ୍ରାପ୍ତ ହେବା କାରଣରୁ ବ୍ୟଥିତ ହୋଇପାରନ୍ତି।

**ସିଂହ**



ଅଷ୍ଟମସ୍ଥ ଚନ୍ଦ୍ର ଓ ରବିଙ୍କ ସ୍ଥିତି ଦୈହିକ ଓ ମାନସିକ ସ୍ଥିତିରେ ବ୍ୟତିକ୍ରମ ସୃଷ୍ଟି କରିବ। ଯେକୌଣସି କାର୍ଯ୍ୟାରମ୍ଭ ପୂର୍ବରୁ ଭଲଭାବରେ ଚିନ୍ତା କରିବା ଭଲ ହେବ। ମିତ୍ରବନ୍ଧୁଙ୍କ ଦୋଷ, ଦୁର୍ବଳତାକୁ ଘୋଡ଼ାଇବାକୁ ଯାଇ ଅନ୍ୟକୁ ମିଥ୍ୟା କୈଫିୟତ ଦେବାକୁ ପଡ଼ିପାରେ। ହାତମୁଠାରୁ ସୁଯୋଗ ଖସିଯିବା ସହ ପାରିବାରିକ ସମସ୍ୟାରେ ଦୁଶ୍ଚିନ୍ତା ବୃଦ୍ଧି ପାଇବ।

**କନ୍ୟା**



ଚନ୍ଦ୍ରଙ୍କ ଶୁଭଦୃଷ୍ଟିରୁ ଯେଉଁଥିପାଇଁ ଚିନ୍ତିତ ରହିଛନ୍ତି ତାହା ଅଳ୍ପ ସମୟରେ ଦୂରୀଭୂତ ହୋଇଯିବ। ବହୁତଦିନରୁ ବାକି ରଖିଥିବା ଲୋକଟି ନିଜେ ଆସି ଟଙ୍କା ପଇଠ କରିପାରେ। କର୍ମକ୍ଷେତ୍ରରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବେ। ପାରିବାରିକ ଅସ୍ଥିରତା ଲାଗି ରହିଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିପାରିବେ।

**ତୁଳା**



ସ୍ୱଗୃହୀ ଚତୁର୍ଥାଧିପତି ହେତୁ ସାମୂହିକ କାର୍ଯ୍ୟରେ ସହଯୋଗ କରି ସାମାଜିକ ସ୍ତରରେ ସମ୍ମାନ ଲାଭ କରିପାରନ୍ତି। ବାଣିଜ୍ୟ,ବ୍ୟବସାୟ, ପରିବହନ କ୍ଷେତ୍ରରେ ଆଶାନୁରୂପ ଉଦ୍ଦେଶ୍ୟ ପୂରଣ ହେବନାହିଁ। ଆଗାମୀ ଆନୁଷ୍ଠାନିକ ଉତ୍ସବ ପ୍ରସ୍ତୁତି କ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ବନ୍ଧୁସମ୍ପର୍କରେ ନୂତନ ଦିଗନ୍ତ ସୃଷ୍ଟି ହେବ।

**ବିଛା**



ତୃତୀୟଭାବସ୍ଥ ମଙ୍ଗଳ ଓ ଶନି ପ୍ରଭାବରେ ଭାଇ, ବନ୍ଧୁ, ପଡ଼ୋଶୀଙ୍କ ସହ ସମ୍ପର୍କରେ ନ୍ୟୁନତା ପରିଲକ୍ଷିତ ହେବ। ଅତି ଭଲ ସମ୍ପର୍କ ଥିବା ବନ୍ଧୁଟି ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଦୂରେଇ ଯାଉଥିବାର ଅନୁଭବ କରିବେ। ପରିବାରରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**ଧନୁ**



କର୍ମାଧିପତି ନିଜ ଭାବରୁ ଷଷ୍ଠସ୍ଥ ଯୋଗୁ କର୍ମକ୍ଷେତ୍ରରେ ବାକ୍‌ଯୁଦ୍ଧ ଜନିତ ଅଶାନ୍ତିର ବାତାବରଣ ସୃଷ୍ଟିର ଆଶଙ୍କା ରହିଛି। ଗୃହୋପକରଣ କ୍ରୟ କରିବାରେ କେତେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତାର କାରଣ ପାଲଟିଯାଇପାରେ। ପ୍ରତ୍ୟେକ କ୍ଷେତ୍ରରେ ସହମତିରେ କାମ କଲେ ସଫଳତା ପାଇପାରନ୍ତି।

**ମକର**



ସ୍ୱଗୃହୀ ଶନିଙ୍କ ଯୋଗୁ ଆପଣ ଯାହା ଓ ଯେମିତି ଚାହିଁବେ ତଦନୁଯାୟୀ କାମ କରି ସଫଳତା ହାସଲ କରିପାରିବେ। ଅବଶ୍ୟ କେତେକ କ୍ଷେତ୍ରରେ ପ୍ରତିବନ୍ଧକ ଅଗ୍ରଗତିକୁ ରୋକ୍ ଲଗାଇବାର ମଧ୍ୟ ଆଶଙ୍କା ରହିଛି। ଚତୁର୍ଥସ୍ଥ କାଳସର୍ପ ଯୋଗମଧ୍ୟସ୍ଥ ଶୁକ୍ର ପ୍ରଭାବରେ ପାରିବାରିକ ଅଶାନ୍ତି ସହ ସଙ୍ଗଦୋଷ ପାଇଁ ସମାଲୋଚିତ ହୋଇପାରନ୍ତି।

**କୁମ୍ଭ**



ବ୍ୟୟଭାବସ୍ଥ ଚତୁର୍ଥାଧିପତି କାରଣରୁ ଘରେ ପିଲାମାନଙ୍କ ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ଅତ୍ୟାବଶ୍ୟକ ଜିନିଷଟି ପାଖରେ ନ ଥିବା କାରଣରୁ ଅନ୍ୟମ୍ମାନଙ୍କ ସହ ତର୍କ ଓ ବିବାଦ ବଢ଼ିବ। ସ୍ୱାର୍ଥସାଧନରେ ବାଧାଜନିତ ଆତ୍ମୀୟମାନେ ଶତ୍ରୁତା ଆଚରଣ କରିପାରନ୍ତି। ନିଜ କାମ ଛାଡ଼ି ପରକଥାରେ ମୁଣ୍ଡ ପୂରାଇଲେ ଅଯଥା ଅଶାନ୍ତିକୁ ନିମନ୍ତ୍ରଣ କରିବେ।

**ମୀନ**



ବନ୍ଧୁକାରକ ବୁଧ ଦ୍ୱାଦଶସ୍ଥ ଯୋଗୁ ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ। ପାରିବାରିକ ଶୃଙ୍ଖଳା ରକ୍ଷା କରିବା କ୍ଷେତ୍ରରେ ପଡୋଶୀଙ୍କ ସହାୟତା ଆଶା କରିପାରନ୍ତି। ନିଜ ଭାବରୁ ସପ୍ତମାଧିପ ଦୁଃସ୍ଥାନସ୍ଥ ଯେତୁ ବିଦେଶ ଯାତ୍ରା ସ୍ଥଗିତ ରହିପାରେ। ସାମାଜିକ ସ୍ତରରେ କେତେକ ନୂତନ କାର୍ଯ୍ୟରେ ହାତ ଦେଇ କୃତକାର୍ଯ୍ୟ ହେବେ।

ଆଜି ଚୈତ୍ର ଶୁକ୍ଳ ଦ୍ୱିତୀୟା ଗୁରୁବାର,ମାର୍ଚ୍ଚ ୨୬ ତାରିଖ, ରାଶି ନକ୍ଷତ୍ର- ସକାଳ. ଘ୭।୧୬ମି. ଗତେ, ଅଶ୍ୱିନୀ/ମେଷ, ମେଷ ରାଶିର ଘାତଚନ୍ଦ୍ର, ତୁଳା ଓ କୁମ୍ଭ ରାଶିର ଘାତବାର, ଘାତଚନ୍ଦ୍ର, ମୃତେ ପୁଷ୍କରଦୋଷ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ସର୍ବବେଦୀ ବ୍ରତୋପନୟନ, ଜଳାଶୟ ପ୍ରତିଷ୍ଠା ଓ ବୃକ୍ଷରୋପଣ ପାଇଁ ଶୁଭଦିନ। ରାତ୍ରି ଦିବା ଘ୨।୩୮ମି. ଗତେ ଘ୩।୨୫ମି. ମଧ୍ୟେ ଅମୃତବେଳା। ପ୍ରାତଃ ଘ୫।୪୮ମି. ଗତେ ଘ୭।୨୫ମି. ମଧ୍ୟେ, ଦିବା ଘ୧୦।୩୯ମି.ଗତେ ଘ୧।୦୫ମି.ମଧ୍ୟେ ମାହେନ୍ଦ୍ର ବେଳା। ଅପରାହ୍ନ ଘ୧।୨୩ମି.ଗତେ ଘ୨।୫୪ମି.ମଧ୍ୟେ ରାହୁକାଳ।

# ୨ କରୋନା ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର

ଭୁବନେଶ୍ୱର,୨୫।୩(ବ୍ୟୁରୋ)– ଓଡ଼ିଶାରେ ଏବେବି କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨ରେ ରହିଛି। ଆଉ କୌଣସି ନୂଆ ପଜିଟିଭ୍ ଚିହ୍ନଟ ହୋଇନାହିଁ। ବୁଧବାର ୧୨ଟା ସୁଦ୍ଧା ଓଡ଼ିଶାରେ ୧୩୩ଟି ନମୁନା କୋଭିଡ୍-୧୯ ପରୀକ୍ଷା ପାଇଁ ପଠାଯାଇଥିଲା। ସେଥିମଧ୍ୟରୁ ୧୨୯ଟି ନମୁନାର ରିପୋର୍ଟ ହସ୍ତଗତ ହୋଇଥିବାବେଳେ ୪ ରିପୋର୍ଟ ମିଳିପାରିନି। ତେବେ ଓଡ଼ିଶାରେ ସଂକ୍ରମଣ ଚିହ୍ନଟ ହୋଇଥିବା ୨ଜଣ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଉଭୟ ହସ୍ପିଟାଲ୍‌ରେ ଦିଆଯାଉଥିବା ଖାଦ୍ୟ ଖାଉଛନ୍ତି। ରୋଗୀଙ୍କ ସଂସ୍ପର୍ଶରେ ବର୍ତ୍ତମାନ ସୁଦ୍ଧା ୫୫ ଜଣ ଆସିଥିବା ତଥ୍ୟ ମିଳିଛି। ସେମାନଙ୍କ ମଧ୍ୟରୁ ୩୬ଜଣଙ୍କୁ ହସ୍ପିଟାଲରେ ଆଇସୋଲେଶନରେ ରଖାଯାଇଥିବାବେଳେ ଅନ୍ୟମାନଙ୍କ ସହ ଯୋଗାଯୋଗ ହୋଇଛି। ଭୁବନେଶ୍ୱରରେ ୧୦ ଓ ସାରା ରାଜ୍ୟରେ ୧୦୦ ମନିଟରିଂ ଟିମ୍ ଏଥିପାଇଁ କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ୪୦୧୫ଜଣ ୧୦୪ ହେଲ୍ପଲାଇନ୍ ଓ ପୋର୍ଟାଲ୍ ଜରିଆରେ ପଞ୍ଜୀକରଣ କରିଛନ୍ତି ବୋଲି ବୁଧବାର କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ କହିଛନ୍ତି।

# ଔଷଧ ବିତରକଙ୍କୁ ମିଳିବ ପ୍ରୋତ୍ସାହନ

ଭୁବନେଶ୍ୱର,୨୫।୩(ବ୍ୟୁରୋ)– ହସ୍ପିଟାଲଗୁଡ଼ିକୁ ଔଷଧ ଏବଂ ମେଡିକାଲ ସାମଗ୍ରୀ ଯୋଗାଣକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ନିର୍ଦ୍ଧାରିତ ସମୟଠାରୁ ଶୀଘ୍ର ଔଷଧ ଯୋଗାଇଲେ ବିତରକ ସଂସ୍ଥାମାନଙ୍କୁ ପ୍ରୋତ୍ସାହନ ମିଳିବ ବୋଲି ସରକାର ଘୋଷଣା କରିଥିବା ବୁଧବାର କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ କହିଛନ୍ତି। ସେ କହିଛନ୍ତି, ସପ୍ତାହକ ମଧ୍ୟରେ ଯୋଗାଣ ପାଇଁ ୫୦ ପ୍ରତିଶତ ଅଧିକ ଅର୍ଥ ଦିଆଯିବ। ସେହିପରି ୧୫ଦିନ ମଧ୍ୟରେ ଯୋଗାଣ ପାଇଁ ୨୫ ପ୍ରତିଶତ ଓ ମାସକ ମଧ୍ୟରେ ଯୋଗାଣ ପାଇଁ ୧୦ ପ୍ରତିଶତ ଅତିରିକ୍ତ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ଅନୁରୂପ ଭାବେ ଉପକରଣ ବାବଦରେ ସମସ୍ତ ପରିବହନ ଖର୍ଚ୍ଚ ଓ ପ୍ରାପ୍ୟ ୨୪ ଘଣ୍ଟା ମଧ୍ୟରେ ପ୍ରଦାନ କରାଯିବ। କରୋନା ମୁକାବିଲା ପାଇଁ ବିଭିନ୍ନ ମେଡିକାଲରେ ଔଷଧ ମହଜୁଦ ଉପରେ ଗୁରୁତ୍ୱ ଦିଆଯାଉଛି। ଡାକ୍ତରମାନେ ଅହରହ ମେଡିକାଲରେ ସେବା ଯୋଗାଇ ଆସୁଛନ୍ତି। ଆଉ ଏଭଳି ସ୍ଥିତିରେ ମେଡିକାଲରେ ଔଷଧ ଯୋଗାଣ ପ୍ରକ୍ରିୟାକୁ ଅଧିକ ସକ୍ରିୟ କରିବା ପାଇଁ ବିତରକମାନଙ୍କୁ ପୁରସ୍କାର ଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ବାଗ୍‌ଚୀ କହିଛନ୍ତି। ଓଡ଼ିଶାର ଶିଳ୍ପୋଦ୍ୟୋଗଗୁଡ଼ିକୁ ଆବଶ୍ୟକ ମେଡିକାଲ ଉପକରଣ ଯଥା ପୋର୍ଟେବୁଲ୍ ଭେଣ୍ଟିଲେଟର, ମାସ୍କ ଏବଂ ସାନିଟାଇଜର ଇତ୍ୟାଦି ପ୍ରଦାନ କରିବାକୁ ରାଜ୍ୟ ସରକାର ଅନୁରୋଧ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଇଣ୍ଡିଆନ୍ ଫାର୍ମର୍ସ ଫର୍ଟିଲାଇଜର କୋପରେଟିଭ୍ (ଇଫ୍‌କୋ) ଏ ଦିଗରେ ପ୍ରଥମେ ପଦକ୍ଷେପ ନେଇ ଆବଶ୍ୟକ ମେଡିକାଲ ଉପକରଣ ଯୋଗାଇଛନ୍ତି ବୋଲି ବାଗ୍‌ଚୀ ସୂଚନା ଦେଇଛନ୍ତି।

# ୪୦ ଡିଗ୍ରୀ ଛୁଇଁବ ପାରଦ

**ମାଲକାନଗିରିରେ ୩୮ ଡିଗ୍ରୀ**

ଭୁବନେଶ୍ୱର,୨୫।୩(ବ୍ୟୁରୋ)

ରାଜ୍ୟରେ ତାତି ବଢି ଚାଲିଛି। । ଆସନ୍ତା ସପ୍ତାହ ମଧ୍ୟରେ ପାରଦ ୪୦ ଡିଗ୍ରୀ ସେଲସିୟସକୁ ଛୁଇଁବ। ବଲାଙ୍ଗୀର, ଟିଟିଲାଗଡ, ସୋନପୁର, ସମ୍ବଲପୁର, ଝାରସୁଗୁଡା ଆଦି ଜିଲାରେ ସର୍ବୋଚ୍ଚ ତାପମାତ୍ରା ୩୮ରୁ ୪୦ ଡିଗ୍ରୀ ସେଲସିୟସ ମଧ୍ୟରେ ରହିବ। ଏପ୍ରିଲ ୧୨ରୁ ତାପମାତ୍ରା ୪୦ ଡିଗ୍ରୀ ସେଲସିୟକୁ ଟପିଯିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ବୁଧବାର ମାଲକାନଗିରିରେ ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବାବେଳେ ଟିଟିଲାଗଡ ୩୭.୯, ସୋନପୁର ୩୭, ଅନୁଗୋଳ ୩୭.୧, ଭବାନୀପାଟଣା ୩୬.୬, ସମ୍ବଲପୁର ୩୬.୧, ଝାରସୁଗୁଡା ୩୬.୬, ଭୁବନେଶ୍ୱର ୩୫.୭ ଏବଂ କଟକରେ ସର୍ବୋଚ୍ଚ ତାପମାତ୍ରା ୩୬.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

# ୫୦୦ କୋଟି ଟଙ୍କାର ସହାୟତା ପ୍ରଦାନ କଲା ଓଏମ୍‌ସି

■ ନିଗମର ଅନ୍ତରୀଣ ଡେଭିଡେଣ୍ଡ ୨୫୦ କୋଟି
■ ଗତ ଫେବୃୟାରୀରେ କରିଥିଲା ୧୦୦ କୋଟିର ସହାୟତା
■ ବିଧାୟକ ପାଣ୍ଠିରୁ ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୫।୩(ବ୍ୟୁରୋ)

ରାଜ୍ୟରେ କରୋନା ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ବିଭିନ୍ନ ସଂସ୍ଥା, ବ୍ୟକ୍ତିବିଶେଷ ଏବଂ ଜନପ୍ରତିନିଧି ସହାୟତା ରାଶି ପ୍ରଦାନ କରୁଛନ୍ତି। ଏହି କ୍ରମରେ ବୁଧବାର ଓଡ଼ିଶା ଖଣି ନିଗମ(ଓଏମ୍‌ସି) ୫୦୦ କୋଟି ଟଙ୍କାର ସହାୟତା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରିଛି। ଏହାକୁ ବାଦ୍ ଦେଇ ନିଗମ ପକ୍ଷରୁ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଅନ୍ତରୀଣ ଭାବେ ୨୫୦ କୋଟି ଟଙ୍କାର ଅନ୍ତରୀଣ ଡେଭିଡେଣ୍ଡ ଘୋଷଣା କରାଯାଇଛି। ଏହା ପୂର୍ବରୁ ଗତ ଫେବୃୟାରୀରେ ଓଏମ୍‌ସି ପକ୍ଷରୁ ୧୦୦ କୋଟି ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜର ୨୦୧୯-୨୦ ଆର୍ଥିକ ବର୍ଷର ବିଧାୟକ ପାଣ୍ଠିରୁ ହିଞ୍ଜିଳି ନିର୍ବାଚନମଣ୍ଡଳୀରେ କରୋନା ମୁକାବିଲା ଲାଗି ଖର୍ଚ୍ଚ କରିବା ପାଇଁ ଗଞ୍ଜାମ ଜିଲାପାଳଙ୍କୁ କହିଛନ୍ତି। କୃଷି ଓ କୃଷକ ସଶକ୍ତୀକରଣ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ତାଙ୍କର ତିନିମାସର ଦରମା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି (କୋଭିଡ୍-୧୯ ଫଣ୍ଡ)କୁ ଦାନ କରିଛନ୍ତି। ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ତାଙ୍କ ସାଂସଦ ପାଣ୍ଠିରୁ ଏକକୋଟି ଟଙ୍କାର ସହାୟତା ମୟୂରଭଞ୍ଜ ଜିଲା ପାଇଁ ଖର୍ଚ୍ଚ କରିବେ ବୋଲି ଜଣାପଡିଛି। ଏଥିପାଇଁ ସେ ସ୍ଥାନୀୟ ଜିଲାପାଳଙ୍କ ସହ ଆଲୋଚନା କରିବା ସହ ଚିଠି ଲେଖି ମଧ୍ୟ ଅବଗତ କରାଇଛନ୍ତି। ଏହା ବାଦ୍ ସସ୍ମିତ ନିଜର ୩ ମାସର ଦରମା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରିଛନ୍ତି। ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ବିଧାୟକ ପାଣ୍ଠିରୁ ସମସ୍ତ ୩ କୋଟି ଟଙ୍କା ଏବଂ ଭୁବନେଶ୍ୱର(ଉତ୍ତର) ବିଧାୟକ ସୁଶାନ୍ତ ରାଉତ ନିଜ ବିଧାୟକ ପାଣ୍ଠିରୁ ୫୦ ଲକ୍ଷ ଟଙ୍କା ନିଜ ନିଜ ନିର୍ବାଚନମଣ୍ଡଳୀ ପାଇଁ ଖର୍ଚ୍ଚ କରିବାକୁ ପ୍ରଶାସନକୁ ଅନୁରୋଧ କରିଛନ୍ତି। ଅନୁରୂପଭାବେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ପକ୍ଷରୁ ୫ ଲକ୍ଷ ଟଙ୍କାର ସହାୟତା ରାଶି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରାଯାଇଛି। ପୂର୍ବରୁ ରାଜ୍ୟରେ କାର୍ଯ୍ୟରତ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଧିକାରୀମାନେ ନିଜ ନିଜର ଗୋଟିଏ ଦିନର ଦରମା କରୋନା ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରିବା ନେଇ ନିଷ୍ପତ୍ତି ନେଇଛନ୍ତି। ଆଇଏଏସ୍ ସଂଘ ସମ୍ପାଦକ ବିଶାଲ ଦେବଙ୍କ ପକ୍ଷରୁ ଏହି ସୂଚନା ମିଳିଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧୦ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରିଛନ୍ତି।

# ଏମ୍‌ସରେ ଆରମ୍ଭ ହେଲା କରୋନା ପରୀକ୍ଷା

**ଆର୍‌ଏମ୍‌ଆର୍‌ସି ପରେ ଓଡ଼ିଶାର ଦ୍ୱିତୀୟ ନମୁନା ପରୀକ୍ଷା କେନ୍ଦ୍ର**

ଭୁବନେଶ୍ୱର,୨୫।୩(ବ୍ୟୁରୋ)

ଭୁବନେଶ୍ୱର ଏମ୍‌ସରେ ରାଜ୍ୟର ଦ୍ୱିତୀୟ କରୋନା ଭୂତାଣୁ (କୋଭିଡ-୧୯) ପରୀକ୍ଷା କେନ୍ଦ୍ର ସ୍ଥାପନ କରାଯାଇଛି। କେନ୍ଦ୍ର ସରକାରଙ୍କ ଅନୁମତି ମିଳିବା ପରେ ବୁଧବାରଠାରୁ ଏଠାରେ ନମୁନା ପରୀକ୍ଷା ହୋଇଛି। ପ୍ରଥମ ଦିନରେ ୩ ନମୁନା ପରୀକ୍ଷା କରାଯାଇଥିଲା। ସମସ୍ତ ରିପୋର୍ଟ ନେଗେଟିଭ୍ ରହିଥିବା ଏମ୍‌ସ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ କରୋନା ସଂକ୍ରମଣକୁ ନଜରରେ ରଖି ନିୟମିତ ଏମ୍‌ସର ଓପିଡି ତଥା ବର୍ହିର୍ବିଭାଗକୁ ନିୟମିତ ଚିକିତ୍ସା ପାଇଁ ନ ଆସିବା ଲାଗି କର୍ତ୍ତୃପକ୍ଷ ରୋଗୀମାନଙ୍କୁ ଅନୁରୋଧ କରିଛନ୍ତି। ଏବେ ଏମ୍‌ସରେ କେବଳ ଜରୁରିକାଳୀନ ଶଲ୍ୟ ଚିକିତ୍ସା ଏବଂ ଏମର୍‌ଜେନ୍ସି ଚିକିତ୍ସା କରାଯାଉଥିବା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଓଡ଼ିଶାରେ କେବଳ ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର (ଆର୍‌ଏମ୍‌ଆର୍‌ସି)ରେ କରୋନା ନମୁନା ପରୀକ୍ଷା କରାଯାଉଥିଲା। ଏମ୍‌ସ ଭୁବନେଶ୍ୱରରେ କରୋନା ପରୀକ୍ଷା ଆରମ୍ଭ ହେବାପରେ ଆରଏମ୍‌ଆରସି ଉପରେ ରହୁଥିବା ଚାପ କିଛି ମାତ୍ରାରେ ହ୍ରାସ ପାଇବ ବୋଲି ଆଶା କରାଯାଉଛି।


**classifieds Everyday** 0674-2580101, 2549302




**SALE**

ଶାଳଗାଁ ଷ୍ଟେସନ୍ ପାଖରେ 2,80,000ରେ ପ୍ଲଟ୍ ମିଳୁଛି। 8908492594 (ନଗଦ/କିସ୍ତି)
D-17082

ଭୁବନେଶ୍ୱରର ପଟିଆ ରଘୁନାଥପୁର, ଫୁଲନଖରା ପାଖରେ **1,2,3,4BHK flat, simplex, duplex** ଅଛି। **8327785834, 9658122456.** D-69114

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ପ୍ରଥମ ପୃଷ୍ଠାରୁ...

### ଏନ୍‌ପିଆର୍, ଜନଗଣନା...

ଅନୁରୂପ ଭାବେ ଏନ୍‌ପିଆର୍ ଅପ୍‌ଡେଟିଂ କାର୍ଯ୍ୟକୁ ଆସାମ ବ୍ୟତୀତ ଅନ୍ୟ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ପ୍ରଥମ ପର୍ଯ୍ୟାୟ ଜନଗଣନା ସହ ଏକସଙ୍ଗେ କରିବା ପାଇଁ ଧାର୍ଯ୍ୟ ହୋଇଥିଲା। କୋଭିଡ୍-୧୯ ଭୂତାଣୁ ସଂକ୍ରମଣ ଯୋଗୁ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ପକ୍ଷରୁ ହାଇଆଲର୍ଟ ଜାରି କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ପ୍ରଥମ ପର୍ଯ୍ୟାୟ ଜନଗଣନା ୨୦୨୧ ଏବଂ ଏନ୍‌ପିଆର୍ ଅପ୍‌ଡେଟିଂକୁ ସ୍ଥଗିତ ରଖାଯାଇଛି, ଯାହାକି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ସରକାରମାନଙ୍କ ନିଷ୍ପତ୍ତି ଅନୁଯାୟୀ ଏପ୍ରିଲ ୧ରେ ଆରମ୍ଭ ହେବାର ଥିଲା। ନୂଆ ନିର୍ଦ୍ଦେଶନାମା ଜାରି ହେବା ଯାଏ ଏହି କାର୍ଯ୍ୟକୁ ସ୍ଥଗିତ କରାଯାଇଥିବା ବିବୃତିରେ କୁହାଯାଇଛି।

ପ୍ରକାଶ ଯେ, ଏନ୍‌ପିଆର୍‌କୁ କେରଳ, ପଶ୍ଚିମବଙ୍ଗ, ପଞ୍ଜାବ, ରାଜସ୍ଥାନ, ଛତିଶଗଡ଼ ଓ ବିହାର ଭଳି ରାଜ୍ୟ ବିରୋଧ କରିଆସୁଛନ୍ତି। ତେବେ ଜନଗଣନାର ଘର ତାଲିକାଭୁକ୍ତ କରିବା ପର୍ଯ୍ୟାୟକୁ ସେମାନେ ସହଯୋଗ କରିବେ ବୋଲି କହିଛନ୍ତି। ଦେଶରେ ବସବାସ କରୁଥିବା ପ୍ରତ୍ୟେକ ସ୍ୱାଭାବିକ ବାସିନ୍ଦାଙ୍କୁ ନେଇ ଏକ ବିସ୍ତୃତ ଡାଟାବେସ୍ ପ୍ରସ୍ତୁତ କରିବା ହେଉଛି ଏନ୍‌ପିଆର୍‌ର ଉଦ୍ଦେଶ୍ୟ।

### ଅର୍ଥ ବ୍ୟବସ୍ଥାକୁ ଲାଗିବ ...

ତତ୍‌ଜନିତ କ୍ଷତିକୁ ମିଶାଇଲେ ମୋଟ କ୍ଷତି ୧୨୦ ବିଲିୟନ ଡଲାର ଛୁଇଁବ ବୋଲି ଆକଳନ କରାଯାଇଛି।

ଅର୍ଥବ୍ୟବସ୍ଥା ଉପରେ ପ୍ରଭାବ କ'ଣ ରହିବ ସେ ନେଇ ସରକାର ଏବେ ଯାଏ ନୀରବ ରହିଥିବା ଘରୋଇ ବ୍ରୋକରେଜ ଫାର୍ମ ଏମ୍‌କେ ପ୍ରକାଶ କରିଛି। ଏ ଦିଗରେ ନୀତି ନିର୍ଦ୍ଧାରକ ଆଗୁଆ ଲଗାଇଥିବା ପୂର୍ବାନୁମାନ ପାଇଁ ଧନ୍ୟବାଦ ପ୍ରଦାନ କରିଛି। ଏହି ଏଜେନ୍ସି କହିଛି ଯେ, ବିମୁଦ୍ରୀକରଣ ଏବଂ ଜିଏସ୍‌ଟି ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା କ୍ଷୁଦ୍ରଶିଳ୍ପ ଏବେ ଯାଏ ଅଣ୍ଟାସଳଖି ଛିଡା ହୋଇନାହିଁ। ସରକାର ପଦକ୍ଷେପ ଗ୍ରହଣ କରିବା ଦ୍ୱାରା ଏହି କ୍ଷେତ୍ରଗୁଡିକର ସମସ୍ୟାକୁ ଲାଘବ କରାଯାଇ ପାରିବ ବୋଲି କୁହାଯାଇଛି। କ୍ଷୁଦ୍ର ବାଣିଜ୍ୟ ଲାଗି ଋଣ ସୁବିଧା, ଋଣ ପୁନର୍ଗଠନ, ନଗଦ ସୁବିଧା, ଟାସ୍କଫୋର୍ସ ସୁବିଧା ଏବଂ ରାଜ୍ୟଗୁଡିକ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି। ଏଡେଲୱିସ ପକ୍ଷରୁ କୁହାଯାଇଛି ଯେ, ବର୍ତ୍ତମାନର ଅସୁବିଧା ସମୟରେ ଯେଉଁଭଳି ପ୍ରସ୍ତୁତିର ଆବଶ୍ୟକତା ରହିଛି ସେ ଦିଗରେ ସରକାର ଠିକ୍ ଭାବେ ପଦକ୍ଷେପ ନେଇନାହାନ୍ତି। ଭାରତକୁ ଅଧିକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି କୁହାଯାଇଛି।

ଯଦି କ୍ରୀତଦାସଟିଏ ନ ହୋଇ ମୁକ୍ତ ମଣିଷ ହେବାକୁ ଚାହ– ଯଦି ତୁମେ ଏକ ଓ ଅବିଭକ୍ତ ହୋଇରହିବାକୁ ଚାହ– ଯଦି ତୁମେ ମୃତ୍ୟୁର ଅନ୍ଧାର ଭିତରେ ନ ରହି– ଅମର ହେବାକୁ ଚାହ– ଅନ୍ଧକାରାବୃତ ନ ହୋଇ ଆଲୋକିତ ଜୀବନ ବଂଚିବାକୁ ଚାହ– ଯଦି ତୁମେ ଦୁଃଖ ଯନ୍ତ୍ରଣାର ଶିକାର ନ ହୋଇ– ଆନନ୍ଦମୟ ଜୀବନ ବଞ୍ଚିବାକୁ ଚାହ– ଦୁର୍ବଳ ନ ହୋଇ ଖୁବ୍ ଶକ୍ତିମାନ ହେବାକୁ ଚାହ– ତେବେ ଅନନ୍ତ ମଧ୍ୟରେ ବାସ କର ଓ ଶାନ୍ତକୁ ଅଧିକାର କର। –ଶ୍ରୀଅରବିନ୍ଦ



# କରୋନା ଓ ପୋଷା ପ୍ରାଣୀ

ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ବର୍ତ୍ତମାନ ଆପଣଙ୍କର କରୋନା ଭୂତାଣୁ ସମ୍ପର୍କରେ ପଢ଼ି ପଢ଼ି ବା ଶୁଣି ଶୁଣି ବିରକ୍ତି ଆସିଯିବଣି। ଅର୍ଥନୀତି, ବୈଦେଶିକ ବ୍ୟାପାର, ଦୋକାନ ବଜାର ସବୁ ବନ୍ଦ। କାହାର ଛିଙ୍କ କିମ୍ବା କାଶରୁ ଆସୁଥିବା ବିପଦ ସାମ୍ନାରେ ଅଦିନିଆ ବର୍ଷା, ଗ୍ଲୋବାଲ ୱାର୍ମିଂ, କର୍କଟ ରୋଗର ବୃଦ୍ଧି ପ୍ରଭୃତି ପ୍ରତ୍ୟେକଟି ଜିନିଷ ଅପ୍ରାସଙ୍ଗିକ ହୋଇଯାଇଛି। କରୋନା ବିପଦ ସମୟରେ କିଛି ଭଲ ଘଟଣା ବି ଘଟୁଛି। ପାଗ ଭଲ ହୋଇଛି। ବଡ଼ ବିବାହ ପାର୍ଟି ବନ୍ଦ ହୋଇଯାଇଛି। ପ୍ରଦୂଷଣକାରକ ବାଣ ଫୁଟୁ ନାହିଁ। ରାସ୍ତାରେ ଟ୍ରାଫିକ ବହୁତ କମ୍। ମୁଁ ଏବେ ପୁଣି ପକ୍ଷୀମାନଙ୍କ କାକଳି ଶୁଣିପାରୁଛି। ପରିବାରଗୁଡ଼ିକ ପରସ୍ପର ସହିତ ଅଧିକ ସମୟ ଅତିବାହିତ କରୁଛନ୍ତି। ସୋସିଆଲ ମିଡିଆରେ ଏବେ ରାଜନୈତିକ ଚର୍ଚ୍ଚା କମିଯାଇଛି। ରାଜନେତାମାନେ ଏବେ ଅପ୍ରାସଙ୍ଗିକ ହୋଇପଡ଼ିଛନ୍ତି ଏବଂ ସେମାନଙ୍କର ଦଳବଦଳ ଏବେ ଆପଣଙ୍କ ଜୀବନରେ କୌଣସି ପ୍ରଭାବ ପକାଇବ ନାହିଁ।

ସମସ୍ତେ ପୂର୍ବରୁ ଏକ ବିଫଳ ଅର୍ଥନୀତିକୁ ନେଇ ସଂଘର୍ଷ କରୁଛନ୍ତି, ଲୋକମାନେ କିଛି କିଣିବାକୁ ଆଉ ଦୋକାନକୁ ଆସୁ ନାହାନ୍ତି। ବିଳାସପୂର୍ଣ୍ଣ ସାମଗ୍ରୀ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ତଳ ସ୍ତରରେ ରାସ୍ତାକଡ଼ ଖାଦ୍ୟ ବିକ୍ରେତା, କପଡା ଓ ଜୋତା ବିକ୍ରେତାମାନଙ୍କର ବେପାର ବନ୍ଦ। ଖାଦ୍ୟର ମୂଲ୍ୟ ବୃଦ୍ଧି ପାଇଛି। ମୋ ପାଇଁ ଏବଂ ପଶୁଜଗତ ପାଇଁ ଏହା ଏକ ଭୟଙ୍କର ସମୟ। ବହୁ ସରକାରୀ ଓ ବେସରକାରୀ ସଂସ୍ଥା, ଯାହାର ଭୂତାଣୁଙ୍କ ସହ କିଛି ସମ୍ପର୍କ ନାହିଁ, ସେମାନେ ମିଥ୍ୟା ଖବର ପ୍ରଚାରରେ ବିଶେଷଜ୍ଞ ବନିଯାଇଛନ୍ତି। ମୁମ୍ବାଇର ପଶ୍ଚିମ ରେଳପଥ ଗୃହପାଳିତ ପଶୁଙ୍କୁ ସ୍ପର୍ଶ ନ କରିବାକୁ ପରାମର୍ଶ ଦେଇଛି, ଠାଣେ ପୌର ନିଗମ ମଧ୍ୟ ସେହି କଥା ଲେଖି ପ୍ରଚାରପତ୍ର ବାଣ୍ଟିଛି। ଷ୍ଟାର୍ ଇନସ୍ୟୁରାନ୍ସ କମ୍ପାନୀ ଏଭଳି ଏକ ଚିଠି ପଠାଇଛି। ଏନ୍‌ଟିପିସି ବିଦ୍ୟୁତ୍ କମ୍ପାନୀ ପ୍ରଭୃତି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟରୁ ଚେତାବନୀ ପାଇବା ପରେ ଏ ସମ୍ପର୍କିତ ମିଥ୍ୟା ସୂଚନାଗୁଡ଼ିକ ପ୍ରତ୍ୟାହାର କରିନେଇଛନ୍ତି। କିନ୍ତୁ ସେତେବେଳକୁ ଡେରି ହୋଇଯାଇଥିଲା। ଯେଉଁମାନେ ନିଜର ପୋଷା ପ୍ରାଣୀଙ୍କୁ ବିଦା କରିବାକୁ କିଛି ବାହାନା ଖୋଜୁଥିଲେ ସେମାନେ ନିଜ ନିଜର ଶହ ଶହ କୁକୁରଙ୍କୁ ନେଇ ରାଜପଥରେ ପକାଇଦେଲେ ଯେଉଁଠାରେ ଅନେକେ ଗାଡ଼ି ଚକା ତଳେ ମଲେ। ଅନ୍ୟମାନେ ମୋ ପରି ଆଶ୍ରୟସ୍ଥଳୀଗୁଡ଼ିକରେ ନେଇ ନିଜର ପୋଷା କୁକୁରଙ୍କୁ ଛାଡ଼ିଦେଲେ। ଏହି ସମସ୍ତ ପ୍ରାଣୀ ବିନା ଦୋଷରେ ଯନ୍ତ୍ରଣା ଭୋଗିବେ ଓ ମରିବେ।

କରୋନା ଭୂତାଣୁ ମଣିଷଠାରୁ ପଶୁମାନଙ୍କୁ ବା ପଶୁଠାରୁ ମଣିଷମାନଙ୍କୁ ସଂକ୍ରମିତ ହୁଏ ନାହିଁ। କରୋନା ଭୂତାଣୁ ହେଉଛି ଋତୁକାଳୀନ ଫ୍ଲୁର ଏକ ଭୟଙ୍କର ରୂପ– ଯାହା ପ୍ରତ୍ୟେକ ଋତୁରେ ପରିବର୍ତ୍ତିତ ହୁଏ। ପୃଥିବୀରେ ପ୍ରତ୍ୟେକ ପ୍ରାଣୀ ବଞ୍ଚିବାକୁ ଚାହାନ୍ତି ଏବଂ ଭୂତାଣୁଙ୍କର ମଧ୍ୟ ଜୀବନ ଅଛି। ବଞ୍ଚିବା ଏବଂ ବହୁଗୁଣିତ ହେବା ପାଇଁ ସେମାନଙ୍କୁ କ୍ରମାଗତ ଭାବରେ ପରିବର୍ତ୍ତିତ (ମ୍ୟୁଟେଶନ) ହେବାକୁ ପଡ଼ିଥାଏ, କାରଣ ମାନବ ଶରୀରର ପ୍ରତିରକ୍ଷା ବ୍ୟବସ୍ଥା ପୁନର୍ବାର ସମାନ ଭୂତାଣୁର କବଳିତ ହେବାକୁ ଦିଏ ନାହିଁ। ପ୍ରତ୍ୟେକ ଥର ଆପଣ ଯେତେବେଳେ ଫ୍ଲୁ ରୋଗରେ ଆକ୍ରାନ୍ତ ହୁଅନ୍ତି ସେତେବେଳେ ଏହା ଏକ ଭିନ୍ନ ଭୂତାଣୁ ହୋଇଥାଏ। କିନ୍ତୁ ଆପଣଙ୍କଠାରୁ କେବେ ବି କୁକୁର, ବିଲେଇ କିମ୍ବା ଗାଈ ଓ ଛେଳିଙ୍କୁ କାଶ କି ଥଣ୍ଡା ରୋଗ ହୋଇ ନାହିଁ କିମ୍ବା ଆପଣ ସେମାନଙ୍କଠାରୁ ଏହି ରୋଗର ଶିକାର ହୋଇ ନାହାନ୍ତି। ଏହି ସମୟ ଅଲଗା ନୁହେଁ। ଯଦି ଆପଣ ବର୍ତ୍ତମାନ ନିଜର ପୋଷା ପଶୁମାନଙ୍କ ପ୍ରତି ଅତ୍ୟାଚାର କରନ୍ତି, ତେବେ ନିଜ କର୍ମର ଫଳ ପରେ ଭୋଗିବାକୁ ପଡ଼ିବ।

ଦ୍ୱିତୀୟ ଦୁଃଖଦ ଘଟଣା ହେଉଛି ଉଭୟ ଅର୍ଥ ଏବଂ ଖାଦ୍ୟ ଆକାରରେ ଦାନର ସମ୍ପୂର୍ଣ୍ଣ ଅଭାବ। ପ୍ରତିଦିନ ଶହ ଶହ ଲୋକ ମୋ ଆଶ୍ରୟସ୍ଥଳକୁ ଆସୁଥିଲେ ଏବଂ ଗାଈ, ମାଙ୍କଡ ଏବଂ କୁକୁରମାନଙ୍କ ପାଇଁ ଖାଦ୍ୟ ଦେଉଥିଲେ। ବର୍ତ୍ତମାନ କରୋନା ଭୟ ହେତୁ କେହି ଆସୁନାହାନ୍ତି। ଦାନ ମଧ୍ୟ ଆସିବା ବନ୍ଦ ହୋଇଯାଇଛି। ତେଣୁ ଆଶ୍ରୟସ୍ଥଳ କେମିତି ଚାଲିବ ସେଥି ନେଇ ମୋର ଚିନ୍ତା ବଢ଼ିଯାଇଛି। ପ୍ରାଣୀମାନଙ୍କର ଯତ୍ନ ନେଉଥିବା ପ୍ରତ୍ୟେକ ଏନ୍‌ଜିଓ ଏବେ ଭୟଭୀତ। କମ୍ପାନୀଗୁଡିକ ସେମାନଙ୍କର ସିଏସ୍‌ଆର୍ ପାଣ୍ଠିରୁ ଯାହା ଦାନ ଦେଉଥିଲେ (ଯଦିଚ ଏହା ଖୁବ୍ କମ୍) ତାହା ଆଉ ଦେଉନାହାନ୍ତି, କାରଣ ସେମାନଙ୍କର ଲାଭ ହ୍ରାସ ପାଇଛି କିମ୍ବା ଏହାକୁ କରୋନା ମୁକାବିଲା ତହବିଲକୁ ଦେବା ପାଇଁ ସରକାର କହିଛନ୍ତି। ତେଣୁ ଆମେ ଭାଙ୍ଗିପଡ଼ିଛୁ।

ଅନେକ ଲୋକ ମୋତେ ପଚାରିଛନ୍ତି ମାଂସ ଖାଇଲେ ସେମାନଙ୍କଠାରେ ଭୂତାଣୁ ସଂକ୍ରମିତ ହେବାର ସମ୍ଭାବନା ଅଧିକ କି? ସେମାନେ ଜାଣିବା ଆବଶ୍ୟକ: ପଶୁମାଂସ ମାନବ ଶରୀର ପାଇଁ ଖରାପ। ଭୂତାଣୁ ସମସ୍ତଙ୍କୁ ଆକ୍ରମଣ କରିବେ– ଆପଣ ସେହି ବେକାରିଆ ମାସ୍କ କିମ୍ବା ଗ୍ଲୋଭ୍‌ସ ଯାହା ବି ପିନ୍ଧନ୍ତୁ ସବୁ ଅପ୍ରାସଙ୍ଗିକ। କିନ୍ତୁ ଭୂତାଣୁ ଆପଣଙ୍କ ଶରୀରକୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରଭାବିତ କରିପାରିବ କି ନାହିଁ, ତାହା ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ଉପରେ ନିର୍ଭର କରେ। ମାଂସାହାର ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତିକୁ ନଷ୍ଟ କରେ। ଅଧିକାଂଶ ମାଂସ ଓ ଚିକେନରେ ପ୍ରବଳ ଜୀବାଣୁ, ଭୂତାଣୁ ଓ ଆଣ୍ଟିବାୟୋଟିକ ଥାଏ। ଯଦି ଆପଣ ଏହାକୁ ଖାଆନ୍ତି– ବିଶେଷକରି ଚିକେନ ଓ ଅଣ୍ଡା, ତେବେ ଆପଣ ସେହିସବୁ ଜୀବାଣୁ, ଭୂତାଣୁ, ଆଣ୍ଟିବାୟୋଟିକ ଓ ହରମୋନ ପାଇବେ ଯାହା ଏହି ପ୍ରାଣୀମାନଙ୍କୁ ଫାର୍ମରେ ପାଳନ ବେଳେ ଦିଆଯାଇଥିଲା। ଭାରତର ୭୦% ଆଣ୍ଟିବାୟୋଟିକ୍ ପଶୁମାନଙ୍କୁ ଖାଇବାକୁ ଦିଆଯାଏ ଏବଂ ଥରେ ଏହା ଆପଣଙ୍କ ଶରୀରରେ ପ୍ରବେଶ କଲାପରେ ଯଦି ଆପଣ କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହୁଅନ୍ତି, ତେବେ ଡାକ୍ତରମାନେ ଦେଉଥିବା ଆଣ୍ଟିବାୟୋଟିକ ଆପଣଙ୍କୁ ଭଲ କରିବାରେ କୌଣସି ପ୍ରଭାବ ଦେଖାଇବ ନାହିଁ। କାରଣ ଭୂତାଣୁମାନେ ଏହାର ପ୍ରତିରୋଧୀ ହୋଇଯାଇଥାନ୍ତି।

ମଇଁଷି ଓ ଗାଈମାନଙ୍କର ଲ୍ୟୁକେମିଆ ଓ ଯକ୍ଷ୍ମା, କୁକୁଡ଼ାମାନଙ୍କର ମଧୁମେହ ଓ ଅନ୍ୟାନ୍ୟ ଅନେକ ରୋଗ ଅଛି ଏବଂ ଘୁଷୁରିମାନଙ୍କଠାରେ ସମସ୍ତ ପ୍ରକାରର କୃମି ଅଛି। ଆପଣ ଏହି ରୋଗଗୁଡ଼ିକୁ କିଣିବାକୁ ଚାହୁଁଛନ୍ତି କି? ତା'ହେଲେ ମାଂସ ଖାଆନ୍ତୁ। ଦୁଇ ମାସ ମଧ୍ୟରେ ମୋର 'ଆପଣଙ୍କ ପ୍ଲେଟ୍‌ରେ ବିଷ' ଶୀର୍ଷକ ଏକ ପୁସ୍ତକ ପ୍ରକାଶ ପାଇବାକୁ ଯାଉଛି। ଏଥିରେ ସମସ୍ତ ପ୍ରକାର ଆଣ୍ଟିବାୟୋଟିକ୍ ଏବଂ ରାସାୟନିକ ପଦାର୍ଥ ବିଷୟରେ ଲେଖା ହୋଇଛି ଯାହା ମାଂସ, ଅଣ୍ଡା ଓ କ୍ଷୀରରେ ଥାଏ। ପ୍ରକାଶ ପାଇବା ପୂର୍ବରୁ ଏପର୍ଯ୍ୟନ୍ତ ଏହାର ପ୍ରଭାବ ଏଇଆ ହୋଇଛି ଯେ, ମୋର ସମ୍ପାଦକ ଏବଂ ପ୍ରକାଶକମାନେ ଶାକାହାରୀ ହୋଇଯାଇଛନ୍ତି। ଯଦି କେବେ ବି ଆପଣ ଦୁର୍ଯୋଗକୁ ଭୂତାଣୁ ଦ୍ୱାରା ସଂକ୍ରମିତ ହୁଅନ୍ତି ଏବଂ ସଂକ୍ରମିତ ହେବା ପରେ ସେଥିରୁ ବଞ୍ଚିବାକୁ ଚାହାନ୍ତି, ତେବେ ମାଂସ ଖାଇବା ବନ୍ଦ କରନ୍ତୁ।

ଚାଇନା ଏବଂ ଦକ୍ଷିଣପୂର୍ବ ଏସିଆର ଅନେକ ଦେଶ ସାପ, ବାଦୁଡ଼ି, ଭାଲୁ, ବାଘ, ବଜ୍ରକାପ୍ତା ପ୍ରଭୃତି ବନ୍ୟଜନ୍ତୁଙ୍କୁ ମାରି ଖାଉଛନ୍ତି। ଏହି ପ୍ରାଣୀମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ଦେହରେ ମାତ୍ରାଧିକ ଭୂତାଣୁ ଥାନ୍ତି ଏବଂ ଏହା ମାନବ ଶରୀରକୁ ଆସିଲେ ପରିବର୍ତ୍ତିତ ହୁଅନ୍ତି। ବର୍ତ୍ତମାନ ଚାଇନାର ଅଧିବାସୀମାନଙ୍କୁ ତାଙ୍କ ସରକାରଙ୍କ ପକ୍ଷରୁ ଗ୍ରହର ପ୍ରତ୍ୟେକ ଜୀବଙ୍କୁ ନ ଖାଇବାକୁ କୁହାଯାଇଛି, କିନ୍ତୁ ଭାରତରେ? ମଣିପୁରରେ ତାମେଙ୍ଗଲଙ୍ଗ ନାମକ ଏକ ଜିଲାରେ ଏକ ଭୟଙ୍କର ବଜାର ଅଛି, ଯେଉଁଠାରେ କୁକୁର, ବଜ୍ରକାପ୍ତା, ସାପ, ବାଦୁଡ଼ି, ମାଙ୍କଡ ପ୍ରଭୃତି ସମସ୍ତ ପ୍ରାଣୀ ଓ ତାଙ୍କ ମାଂସ ପ୍ରତିଦିନ ବିକ୍ରି ହୁଏ। ଏହି ମାଂସ କିଣିବା ପାଇଁ ପ୍ରତିଦିନ ମ୍ୟାନ୍‌ମାରରୁ ଚୋରା ଚାଲାଣକାରୀମାନେ ଆସନ୍ତି। ଏହି ବଜାରଗୁଡିକ ତୁରନ୍ତ ବନ୍ଦ କରାଯିବା ଉଚିତ।

ଅନେକେ ବିଶ୍ୱାସ କରୁଛନ୍ତି ଯେ, ପାଗ ଗରମ ହେଲେ ଭୂତାଣୁ ଚାଲିଯିବେ। କିନ୍ତୁ କେରଳରେ ପାଗ ସବୁବେଳେ ଗରମ ରହିଥାଏ ଏବଂ ଅଧିକାଂଶ ଭୂତାଣୁ ସଂକ୍ରମଣ ସେଇଠାରେ ଦେଖିବାକୁ ମିଳିଛି। ଏହା ସମଗ୍ର ଆଫ୍ରିକାରେ ବ୍ୟାପିଛି। ଏହି ଭୂତାଣୁ କଦାପି ଲୋପ ପାଇବ ନାହିଁ। ହଁ, ଏହି ଭୂତାଣୁ କିଛି ମାସ ପରେ ଦୂର ହୋଇଯିବ, ବୋଧହୁଏ ଯେତେବେଳେ ଏହା ଆକ୍ରମଣ କରିବାକୁ ଆଉ ନୂଆ ଦୁର୍ବଳ ଶରୀର ପାଇବ ନାହିଁ ଏବଂ ଯେତେବେଳେ ଆପଣ ଏହାର ପ୍ରତିରୋଧକ ଶକ୍ତି ହାସଲ କରିବେ। କିନ୍ତୁ ଏହା କିଛି ମାସ ପରେ ପୁଣି ଅନ୍ୟ ରୂପରେ ଫେରି ଆସିବ ଏବଂ ସେତେବେଳେ ଆମେ ଏହାକୁ ଭିନ୍ନ ଭାବରେ ନାମିତ କରିବୁ, ଯେହେତୁ ଆମର ପୂର୍ବଗୁଡ଼ିକ ଅଛି– ଚିକେନ୍‌ଗୁନିଆ, ସ୍ୱାଇନ୍ ଫ୍ଲୁ, ବାର୍ଡ ଫ୍ଲୁ, କରୋନା ଇତ୍ୟାଦି। ଆପଣ ଏହା ପାଇଁ ପ୍ରସ୍ତୁତ ହେବେ କି? ତା'ହେଲେ ନିରାମିଷ ସ୍ୱାସ୍ଥ୍ୟକର ଖାଦ୍ୟ ଖାଆନ୍ତୁ ଓ ଶରୀରକୁ ସୁସ୍ଥ ରଖନ୍ତୁ।

Email: gandhim@nic.in

## ନିଷ୍ଠାପର ପ୍ରୟାସ ଲୋଡ଼ା

ସବ୍ୟସାଚୀ ଅମିତାଭ

୭ ବର୍ଷ ପରେ ନିର୍ଭୟା ଦୋଷୀଙ୍କୁ ଫାଶୀ ହୋଇଛି। ଦେଶର ମହିଳାଙ୍କ ସୁରକ୍ଷା ପାଇଁ ଏହା ଏକ ବଡ ପଦକ୍ଷେପ ବୋଲି କୁହାଯାଉଛି। ଆଇନ ବଦଳିଛି, ଦଣ୍ଡ କଠୋର ହୋଇଛି, ତେବେ ବି ଦେଶର ଅନେକ ରାଜ୍ୟରେ ନିର୍ଭୟା ପରି ଘଟଣା କମିବାର ନାଁ ନେଉନି। ମହିଳାଙ୍କ ପ୍ରତି ସମ୍ମାନ, ନ୍ୟାୟ, ସେମାନଙ୍କ ସଶକ୍ତୀକରଣ କଥା ସମସ୍ତେ କହୁଛନ୍ତି। ହେଲେ ବାସ୍ତବରେ ଆଜିର ସମୟରେ ମହିଳାମାନେ କେତେ ସଶକ୍ତ ହୋଇଛନ୍ତି ତାହା ବର୍ତ୍ତମାନ ସମୟର ବଡ ପ୍ରଶ୍ନ, ଏବାବଦରେ ଖୋଲା ଚର୍ଚ୍ଚା ହେବା ମଧ୍ୟ ଜରୁରୀ। ଆମେ ନିଜକୁ ଏକ ଶିକ୍ଷିତ ସମାଜର ଅଂଶବିଶେଷ ବୋଲି କହୁଛୁ। ହେଲେ ଭୁଲିଯାଉଛୁ, ଏହି ସମାଜର ଅଧା ଜନସଂଖ୍ୟା ଅର୍ଥାତ୍ ମହିଳାଙ୍କୁ ସମ୍ମାନ ଓ ମାନ୍ୟତା ଦେବାକୁ। ସମାନତା କଥା ଛାଡନ୍ତୁ, ମହିଳାମାନଙ୍କ ମଧ୍ୟରୁ ଏକ ବଡ ଅଂଶ ଆଜି ବି ବଞ୍ଚୁଛନ୍ତି ଡର, ଭୟ ଓ ହିଂସାର ପରିବେଶ ଭିତରେ, ଯାହା ପ୍ରମାଣିତ କରୁଛି ପୁରୁଷପ୍ରଧାନ ସମାଜକୁ ଓ ଲିଙ୍ଗଗତ ପ୍ରଭେଦକୁ। ମିଳିତ ଜାତିସଂଘ ପକ୍ଷରୁ ଜାରି ହୋଇଥିବା ଘୋଷଣାନାମାକୁ ଯଦି ଦେଖିବା, ମହିଳା ବିରୋଧୀ ହିଂସା ଘଟଣାର ପ୍ରକାରଭେଦ ପାଇବା। ଯେମିତି, ବଳାତ୍କାର ବା ଶାରୀରିକ ନିର୍ଯାତନା, ବାଲ୍ୟ ବିବାହ, ପତ୍ନୀଙ୍କୁ ମାରପିଟ୍, ବେଶ୍ୟାବୃତ୍ତି, ଯୌତୁକଜନିତ ନିର୍ଯାତନା, ଯୁବତୀ ଚାଲାଣ, ଅନର କିଲିଂ, ପର୍ନୋଗ୍ରାଫି, ଅପହରଣ ଇତ୍ୟାଦି।

ଯଦି ଆମେ ନ୍ୟାଶ୍ନାଲ କ୍ରାଇମ୍ ରେକର୍ଡସ ବ୍ୟୁରୋର ରିପୋର୍ଟ ଉପରେ ନଜର ପକାଇବା ଦେଖିବା, ମହିଳାଙ୍କ ହିଂସା ଘଟଣା ବେଶ୍ ବଢ଼ିଛି। ୨୦୧୮ର ତଥ୍ୟ ଅନୁସାରେ ଦୈନିକ ଏକ ହଜାରରୁ ଅଧିକ ମହିଳା ହିଂସାଜନିତ ଘଟଣା ଘଟୁଛି। କ୍ରାଇମ୍ ଏଗେଷ୍ଟ ୱିମେନ୍ କାଟାଗୋରୀରେ ୨୦୧୮ରେ ୩ ଲକ୍ଷ ୭୮ ହଜାର ୨୭୭ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୧୭ରେ ଏହି ସଂଖ୍ୟା ଥିଲା ୩, ୬୯, ୮୪୯। ସେହିପରି ୨୦୧୬ରେ ଏହି ସଂଖ୍ୟା ଥିଲା ୩, ୩୮,୯୫୪। ଏହି ହିଂସା ଘଟଣାଗୁଡିକ ଭିତରେ ବଳାତ୍କାର, ଅପହରଣ, ଯୌତୁକଜନିତ ମୃତ୍ୟୁ, ପରିବାର ଭିତରେ ସ୍ୱାମୀ ଓ ସଂପର୍କୀୟଙ୍କ ଦ୍ୱାରା ନିର୍ଯାତନା ଇତ୍ୟାଦି। ନାବାଳିକା, ସାବାଳିକା ତଥା ବୃଦ୍ଧ ମହିଳାମାନେ ବରାବର ବଳାତ୍କାର ଓ ହତ୍ୟାକାଣ୍ଡର ଶିକାର ହେଉଛନ୍ତି। ୨୦୦୧ରୁ ୨୦୧୮ ଭିତରେ ରୁଜୁ ହୋଇଥିବା ହିଂସାଜନିତ ଘଟଣାରେ ଦଣ୍ଡବିଧାନ ମାତ୍ର ରହିଛି ୨୧ ପ୍ରତିଶତ। ମହିଳାଙ୍କ ଉପରେ ହିଂସାଜନିତ ଘଟଣାର ଚିତ୍ର ରାଜ୍ୟୱାରି ଭିନ୍ନ ଭିନ୍ନ ରହିଛି। ତଥ୍ୟ କହୁଛି, ଆମ ଦେଶର ପ୍ରତି ୭୮ ଘଣ୍ଟାରେ ଗୋଟିଏ ଯୌତୁକଜନିତ ହତ୍ୟା ଘଟୁଥିବା ବେଳେ ପ୍ରତି ୫୯ ମିନିଟରେ ଗୋଟିଏ ଶାରୀରିକ ନିର୍ଯାତନା ଓ ପ୍ରତି ୧୫ ମିନିଟରେ ଗୋଟିଏ ବଳାତ୍କାର ହେଉଛି। ସେହିପରି ପ୍ରତି ମିନିଟରେ ତିନି ଜଣ ମହିଳା ଘରୋଇ ହିଂସାର ସାମନା କରୁଛନ୍ତି।

ଆମ ରାଜ୍ୟ ଓଡିଶାରେ ବି ମହିଳାମାନଙ୍କ ବିରୋଧରେ ହିଂସାଜନିତ ଘଟଣା କିଛି କମ୍ ନୁହେଁ। ନ୍ୟାଶ୍ନାଲ କ୍ରାଇମ୍ ରେକର୍ଡସ ବ୍ୟୁରୋର ରିପୋର୍ଟ ଅନୁସାରେ ପୁରା ଦେଶରେ ମହିଳା ହିଂସା କ୍ଷେତ୍ରରେ ଓଡିଶାର ସ୍ଥାନ ୭ମ। ଅତୀତ ଦିନମାନଙ୍କରେ ସାଧାରଣ ଭାବେ ମହିଳାମାନେ ଘରୋଇ ହିଂସା, କର୍ମ କ୍ଷେତ୍ରରେ ଶାରୀରିକ ନିର୍ଯାତନା, ଯୌତୁକଜନିତ ନିର୍ଯାତନାର ଶିକାର ହେଉଥିଲେ। ସେହିପରି ଅଳ୍ପ ବୟସରେ ବିବାହ ବି ଏକ ପ୍ରକାର ନିର୍ଯାତନା ଭାବେ ଗଣାହେଉଛି। ଏବେ ସମୟ ବଦଳିବା ସହ ଏହି ନିର୍ଯାତନାରେ ଆଉ କିଛି ନୂଆ ଫର୍ଦ୍ଦ ଯୋଡି ହୋଇଯାଇଛି। ଯେମିତି, ମହିଳାଙ୍କ ଉପରେ ଏସିଡ୍ ପିଙ୍ଗା, ଅନର କିଲିଂ।

ତେବେ ମୁଖ୍ୟ ପ୍ରସଙ୍ଗଟି ହେଉଛି, କ'ଣ ପାଇଁ ମହିଳାଙ୍କ ବିରୋଧରେ ହିଂସା ବୃଦ୍ଧି ପାଉଛି। ଏହାର ନିରାକରଣ କ'ଣ? ମୋଟାମୋଟି ଦେଖିବାକୁ ଗଲେ ପରିବାରର ଆର୍ଥିକ ସ୍ଥିତି, ଜାତି, ବର୍ଣ୍ଣ, ମହିଳା ଓ ପୁରୁଷଙ୍କ ମଧ୍ୟରେ ହାରାହାରି ଅନୁପାତ, ମହିଳାଙ୍କ ପାଇଁ ନିଯୁକ୍ତି ସୁଯୋଗ, ସାକ୍ଷରତା, ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଲୋକସଂଖ୍ୟା ଭିତରେ ଥିବା ଅନୁପାତ, ସ୍ଥାନୀୟ ପ୍ରଶାସନର ଦକ୍ଷତା ଓ ଗଣମାଧ୍ୟମର ଭୂମିକା। ଏହିସବୁ ଦିଗଗୁଡିକ କେଉଁଠି ନା କେଉଁଠି ମହିଳା ହିଂସାଜନିତ ଘଟଣାର କାରଣ ଓ ନିରାକରଣରେ ଜଡିତ। ଘରୋଇ ହିଂସା ନିରାକରଣ ପାଇଁ ଜନସଚେତନତା ଲୋଡା। ସେହିପରି କର୍ମକ୍ଷେତ୍ରରେ ମହିଳାଙ୍କ ନିର୍ଯାତନା ରୋକିବା ପାଇଁ ସମସ୍ତଙ୍କୁ ମୁହଁ ଖୋଲିବାକୁ ପଡିବ। ବିରୋଧ କରିବାକୁ ପଡିବ।

ମହିଳାଙ୍କ ସୁରକ୍ଷା ଦାୟିତ୍ୱ ସମସ୍ତଙ୍କର। ମହିଳା ହିଂସାଜନିତ ଘଟଣାରେ ଦଣ୍ଡ ଓ ଆଇନ ବ୍ୟବସ୍ଥାକୁ କଡାକଡି କରାଯିବା, ସାମୂହିକସ୍ତରରେ ମହିଳାଙ୍କ ବିକାଶ ପାଇଁ ଯୋଜନା, ମହିଳା ଓ ଝିଅମାନେ ସହଜରେ ଆଇନ ସେବା ପାଇବାର ବ୍ୟବସ୍ଥା, ଘରୋଇ କଳିର ସମାଧାନ ପାଇଁ କାଉନ୍‌ସେଲିଂ ବ୍ୟବସ୍ଥା, ମହିଳାଙ୍କ ଆର୍ଥିକସ୍ଥିତିରେ ବିକାଶକୁ ପ୍ରାଧାନ୍ୟ, ଗଣମାଧ୍ୟମ ଜରିଆରେ ଜନସଚେତନତା ଆଦି ଜରିଆରେ ମହିଳାଙ୍କ ବିରୋଧରେ ହିଂସା ଘଟଣାକୁ ହ୍ରାସ କରିହେବ। ଖାଲି କଥାରେ ବା ଭାଷଣରେ ନୁହଁ ବରଂ ମହିଳାଙ୍କୁ ସୁରକ୍ଷିତ ଓ ସଶକ୍ତ କରିବା ପାଇଁ ସମସ୍ତେ ନିଷ୍ଠାପର ପ୍ରୟାସ କରିବା ଦରକାର।

ଭୁବନେଶ୍ୱର, ମୋ– ୯୪୩୮୨୯୬୫୧୯

## ଏଇ ଭାରତରେ

ସେବା କରିବାରେ ସବୁଠାରୁ ଅଧିକ ଆନନ୍ଦ ମିଳିଥାଏ, ଏ କଥା ହୁଏତ ଅନୁଭବ କରିଛନ୍ତି ସରିତା କାଶ୍ୟପ। ସେ ଚାକିରି ଛାଡି ରାସ୍ତାକଡ଼ରେ ରହୁଥିବା ପିଲା ଓ ଭିକାରିଙ୍କୁ ଖାଇବାକୁ ଦେଉଛନ୍ତି। ସରିତା ରହୁଛନ୍ତି ଦିଲ୍ଲୀର ମୀରାବାଗ୍‌ରେ। ଅଟୋମୋବାଇଲ ଇଣ୍ଡଷ୍ଟ୍ରିରେ ସେଲ୍‌ସ୍‌ୱୋମ୍ୟାନ ଭାବେ ୧୭ ବର୍ଷ ଧରି ଚାକିରି କରିବା ପରେ ତାହା ଛାଡି ଦେଇଥିଲେ। ପରେ ପଶ୍ଚିମ ଦିଲ୍ଲୀର ପୀରାଗଡିରେ 'ଅପ୍‌ନା ପନ୍ ରାଜ୍‌ମା ଚାୱଲ' ଷ୍ଟଲ୍‌ରେ ରାସ୍ତାକଡ଼ରେ ରହୁଥିବା ଭୋକିଲା ପିଲା, ଜରିଗୋଟାଳି ତଥା ଗୃହହୀନମାନଙ୍କୁ ପ୍ରତିଦିନ ଖାଇବାକୁ ଦେଉଛନ୍ତି। ରାଜମା–ଚାୱଲ–ରାଇତା ବିକ୍ରି କରିବା ସିଙ୍ଗଲ ମଦର ସରିତାଙ୍କ ମୁଖ୍ୟ ଜୀବିକା ହେଲେ ମଧ୍ୟ ଏହାର ଏକ ବଡ ଅଂଶ ସେ ଭୋକିଲାଙ୍କୁ ଦେଇଥାନ୍ତି। ଦାରିଦ୍ର୍ୟକୁ ଖୁବ୍ ନିକଟରୁ ଦେଖିଥିବା ନିମ୍ନ ମଧ୍ୟବିତ୍ତ ପରିବାରର ଝିଅ ସରିତା ସ୍ୱଳ୍ପ ଆୟରେ ତାଙ୍କ ଝିଅକୁ ବହୁକଷ୍ଟରେ ବଡ଼ କରିଛନ୍ତି। ସେ ପ୍ରଥମେ ଅଧିକ ରୋଷେଇ କରି ପଶ୍ଚିମ ଦିଲ୍ଲୀର ବିଭିନ୍ନ ହସ୍ପିଟାଲରେ ରହୁଥିବା ରୋଗୀଙ୍କ ସମ୍ପର୍କୀୟଙ୍କୁ ଖାଇବାକୁ ଯୋଗାଉଥିଲେ। ପରେ ସେ 'ଅପ୍‌ନା ପନ୍ ରାଜ୍‌ମା ଚାୱଲ' ଷ୍ଟଲ୍ ଖୋଲି ଅବହେଳିତ ପିଲାମାନଙ୍କୁ ଖାଇବାକୁ ଦେଇଥିଲେ। ଦୈନିକ ଭୋର୍ ୪ଟାରୁ ଉଠି ଘରକାମ ସାରି ସରିତା ରାଜମା ଚାୱଲ ଓ ରାଇତା ତିଆରି କରି ସ୍କୁଟର୍‌ରେ ତାହାକୁ ପୀରାଗଡି ବସ୍‌ଷ୍ଟାଣ୍ଡ ପାଖ ତାଙ୍କ ଷ୍ଟଲ୍‌କୁ ନେଇଥାନ୍ତି। ସେଠାରେ ସେ ୩ରୁ ୪ ଘଣ୍ଟା ରହିବା ଭିତରେ ଲୋକମାନଙ୍କୁ ମାତ୍ର ୭୦–୮୦ଟି ପ୍ୟାକେଟ ବିକ୍ରି କରିବା ସହ ଆଉସବୁ ଅବହେଳିତମାନଙ୍କୁ ଖାଇବାକୁ ଦେଇଥାନ୍ତି।

## ଚିରନ୍ତନୀ

ଚକିତେ ଆସେ ପଶି ସବୁ ଘରେ ନବ ରାଗେ
ଗୋପନତମ ଗତି
ଅନୁମତି ନାହିଁ ମାଗେ !
ଛଡ଼ାଇ ଯାଏ ଘେନି ବଦନରୁ ସବୁ କଥା
ଦାରୁଣ ପରଶରେ
ଝଡ଼ିପଡ଼େ ତନୁଲତା। (ମରଣ ପାଳି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୬ ମାର୍ଚ୍ଚ ୧୯୯୫

- ଭାରତର ବଜେଟ ପରିସ୍ଥିତି ନୈରାଶ୍ୟଜନକ ବୋଲି ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିର ଡେପୁଟି ମ୍ୟାନେଜିଂ ଡାଇରେକ୍ଟର ଷ୍ଟାନଲୀ ଫିସର କହିଛନ୍ତି।
- ବ୍ରାଜିଲର ଆପ୍ଲାଇଡ ମ୍ୟାଥ ମାଟିକ୍ସର ପ୍ରଫେସର ଜାକୁବ ପାଲିସଙ୍କୁ ୧୯୯୪ ବର୍ଷର ଆନ୍ତଃ ଆମେରିକୀୟ ବିଜ୍ଞାନ ପୁରସ୍କାର ବେରନାଦୋ ହାଉସେ ପ୍ରଦାନ କରାଯାଇଛି।

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 8 | 7 | | | | | | C | 6 | | 4 |
| B | | | | 1 | 4 | 6 | | | | D | 5 | C | | |
| 3 | | | 2 | | | 4 | | 8 | | | | | | |
| 8 | 1 | | | 0 | | | | | | | A | 9 | | |
| 0 | D | | A | | | | C | | | E | | 5 | | |
| | | | B | 4 | | | 1 | | | | | E | A | C |
| 5 | 3 | D | | | | | 7 | | 1 | | | 0 | 4 | 6 |
| | | B | E | 5 | | | | | 7 | | | | | |
| | A | | | | 8 | | | | | 4 | 6 | | | |
| | | 0 | 3 | | | A | | | | | 8 | | | B |
| 4 | | | | | 3 | 5 | | | | C | 2 | B | 8 | |
| | 2 | | 7 | | 9 | | | | A | | | | 1 | |
| | 0 | 3 | | D | | | | | | 6 | | | | |
| | | | 0 | 2 | | | | 3 | | | 1 | | | 7 |
| 7 | C | 1 | | | 5 | | | 2 | | | B | 3 | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 1 | 3 | 0 | 4 | D | 6 | 8 | B | A | 5 | 2 | E | 7 | C |
| A | 5 | 0 | 1 | 3 | E | 9 | 4 | D | C | B | 7 | 2 | 8 | 6 |
| 6 | 8 | E | C | A | 9 | 3 | 7 | 2 | 1 | 4 | 0 | B | D | 5 |
| 4 | 2 | B | 6 | 7 | 5 | C | A | 1 | 8 | D | E | 9 | 3 | 0 |
| D | 7 | C | 8 | 2 | B | 0 | 5 | E | 6 | 9 | 3 | 4 | A | 1 |
| E | 0 | 9 | 7 | 1 | 3 | 5 | C | 4 | 2 | A | B | D | 6 | 8 |
| 5 | C | 4 | A | B | 8 | D | 0 | 9 | 3 | 7 | 6 | 1 | E | 2 |
| B | 6 | D | 4 | 0 | 2 | 8 | 1 | 7 | 9 | E | C | A | 5 | 3 |
| 7 | 3 | 8 | E | D | C | A | 2 | 6 | 5 | 1 | 4 | 0 | 9 | B |
| 1 | A | 2 | 9 | 5 | 6 | B | E | 3 | 0 | 8 | D | 7 | C | 4 |
| 8 | 9 | A | 2 | 6 | 0 | 7 | B | C | E | 3 | 1 | 5 | 4 | D |
| 2 | B | 6 | 5 | 9 | 7 | 1 | D | A | 4 | C | 8 | 3 | 0 | E |
| C | 4 | 5 | D | 8 | A | E | 3 | 0 | B | 2 | 9 | 6 | 1 | 7 |
| 0 | D | 1 | 3 | E | 4 | 2 | 9 | 8 | 7 | 6 | 5 | C | B | A |
| 3 | E | 7 | B | C | 1 | 4 | 6 | 5 | D | 0 | A | 8 | 2 | 9 |

ଗତକାଲିର ଉତ୍ତର

# ଅଯଥା ନୁହେଁ ଶିକ୍ଷା କ୍ଷେତ୍ରରେ ଖର୍ଚ୍ଚ

ବିଚିତ୍ର ବିଶ୍ୱାଳ

କିଛିଦିନ ତଳେ ବହୁଳ ପ୍ରଚାରିତ ଏକ ଖବର ଅନୁସାରେ ଜାପାନ ସରକାର ଜଣେ ମାତ୍ର ଯାତ୍ରୀ ପାଇଁ ଗୋଟିଏ ଟ୍ରେନ୍‌କୁ ଏକ ନିର୍ଦ୍ଦିଷ୍ଟ ଷ୍ଟେଶନ୍ ପର୍ଯ୍ୟନ୍ତ ଆଗକୁ ଚଳାଉଥିଲେ। ସେହି ଯାତ୍ରୀ ଜଣକ ଜଣେ ଦଶମ ଶ୍ରେଣୀର ଛାତ୍ରୀ ଥିଲା। ସେହି ଷ୍ଟେଶନ୍‌ରେ ଆଉ କେହି ଯାତ୍ରୀ ଟ୍ରେନ୍‌ରେ ଚଢ଼ନ୍ତି ନାହିଁ କି ଓହ୍ଲାନ୍ତି ନାହିଁ। ଜାପାନ୍‌ର କ୍ୟୁ ସିରାଟାକି ଷ୍ଟେଶନ୍‌ରେ ସେହି ଛାତ୍ରୀଟିର ସୁବିଧାରେ ସ୍କୁଲ୍‌କୁ ଯିବା ପାଇଁ ଓ ଘରକୁ ଫେରିବା ପାଇଁ ପ୍ରତିଦିନ ଦୁଇଥର ଟ୍ରେନ୍ ରୁହେ। ଏଥିରୁ ଜାପାନ ସରକାରଙ୍କର ଶିକ୍ଷା ପ୍ରତି ଥିବା ପ୍ରତିବଦ୍ଧତା ବୁଝାପଡୁଛି। କିନ୍ତୁ ଦୁର୍ଭାଗ୍ୟଜନକ ଭାବେ ଆମ ରାଜ୍ୟ ସରକାର ଶିକ୍ଷା କ୍ଷେତ୍ରରେ ଖର୍ଚ୍ଚ କରିବାକୁ ଅଯଥା ଭାବୁଛନ୍ତି। ଏହା କେବଳ ଆମ ରାଜ୍ୟର କାହାଣୀ ନୁହେଁ, ସାରା ଦେଶରେ ଏବେ ଏହି ଧାରା ଆରମ୍ଭ ହୋଇଯାଇଛି। ସଂପ୍ରତି ଶିକ୍ଷାକୁ ଯେପରି ଯୋଜନାବଦ୍ଧ ଭାବେ ଘରୋଇକରଣ କରିବା ପାଇଁ ପ୍ରୟାସ କରାଯାଉଛି, ଆଉ କିଛିଦିନ ଭିତରେ ଶିକ୍ଷା କେବଳ ଧନିକମାନଙ୍କର ବିଷୟ ହୋଇ ରହିଯିବ। ଗରିବମାନଙ୍କ ପାଇଁ ଉନ୍ନତମାନର ଶିକ୍ଷା ଆଉ ଉପଲବ୍ଧ ହୋଇପାରିବ କି ନାହିଁ ସନ୍ଦେହ।

ଯଦିଓ ସଂପ୍ରତି ଆମ ରାଜ୍ୟରେ ଘରୋଇ ଶିକ୍ଷାନୁଷ୍ଠାନମାନଙ୍କର ପ୍ରଭାବ ବଢ଼ି ବଢ଼ି ଚାଲୁଛି, ତଥାପି ସରକାରୀ ସ୍କୁଲ୍ ହିଁ ଶିକ୍ଷାର ମୁଖ୍ୟ ଆଧାର ହୋଇ ଠିଆହୋଇଛି। ରାଜ୍ୟର ଅଧିକାଂଶ ପିଲା ଶିକ୍ଷା ପାଇଁ ସରକାରୀ ବିଦ୍ୟାଳୟ ଉପରେ ନିର୍ଭର କରୁଛନ୍ତି। କାରଣ ଘରୋଇ ବିଦ୍ୟାଳୟରେ ପଢ଼ିବା ପରି ସମ୍ବଳ ଅନେକଙ୍କ ପାଖରେ ନାହିଁ। କିନ୍ତୁ ବର୍ତ୍ତମାନ ସରକାରଙ୍କର ଘୋଷଣା ଅନୁଯାୟୀ ଆମ ରାଜ୍ୟରେ ପ୍ରାୟ ୧୪,୩୭୯ଟି ସରକାରୀ ବିଦ୍ୟାଳୟ ଏବେ ବନ୍ଦ ହେବାକୁ ଯାଉଛି। ଏହା ସାଧାରଣ ତଥା ନିମ୍ନ ରୋଜଗାର ବର୍ଗର ପିଲାମାନଙ୍କ ପାଇଁ ଆଗାମୀ ସମୟରେ ଏକ ବଡ଼ ସଂକଟ ହୋଇ ଉଭାହେବ। ସରକାରଙ୍କ ସୂଚନା ଅନୁଯାୟୀ ଯେଉଁ ସରକାରୀ ବିଦ୍ୟାଳୟଗୁଡ଼ିକରେ ଆବଶ୍ୟକ ସଂଖ୍ୟକ ପିଲା ହେଉନାହାନ୍ତି, ସେଗୁଡ଼ିକୁ ବନ୍ଦ କରିଦିଆଯିବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ଏହି ସବୁ ବିଦ୍ୟାଳୟକୁ ନିକଟସ୍ଥ ସରକାରୀ ବିଦ୍ୟାଳୟ ସହିତ ମିଶ୍ରଣ କରାଯିବ। ସରକାରଙ୍କ ସୂଚନା ଅନୁଯାୟୀ ଯେ କୌଣସି ଦୂରତାରେ ଥିବା ୨୦ କିମ୍ବା ତା'ଠାରୁ କମ୍ ଛାତ୍ରୀଛାତ୍ର ଥିବା ପ୍ରାଥମିକ ବିଦ୍ୟାଳୟ, ୧ କି.ମି. ଦୂରତାରେ ୪୦ରୁ କମ୍ ଛାତ୍ରୀଛାତ୍ର ଥିବା ପ୍ରାଥମିକ ବିଦ୍ୟାଳୟ, ୨ କି.ମି. ଦୂରତାରେ ୫୦ରୁ କମ୍ ପିଲା ଥିବା ୟୁ.ପି. ସ୍କୁଲ୍ (ଷଷ୍ଠରୁ ଅଷ୍ଟମ), ୧ କି.ମି. ଦୂରତାରେ ୬୦ରୁ କମ୍ ପିଲା ଥିବା ୟୁ.ପି. ସ୍କୁଲ୍ (ପ୍ରଥମରୁ ଅଷ୍ଟମ), ୨ କି.ମି. ଦୂରରେ ୫୦ରୁ କମ୍ ପିଲା ଥିବା ମାଧ୍ୟମିକ ବିଦ୍ୟାଳୟ (ଷଷ୍ଠରୁ ଦଶମ), ୨ କି.ମି. ଦୂରରେ ୮୦ରୁ କମ୍ ପିଲା ଥିବା ମାଧ୍ୟମିକ ବିଦ୍ୟାଳୟ (ପ୍ରଥମରୁ ଦଶମ), ୩ କି.ମି. ଦୂରତାରେ ୬୦ରୁ କମ୍ ପିଲା ଥିବା ମାଧ୍ୟମିକ ବିଦ୍ୟାଳୟ (ନବମ ଓ ଦଶମ) ଆଦିକୁ ବନ୍ଦ କରିଦିଆଯିବ। ଆମ ରାଜ୍ୟରେ ୧ କି.ମି. ଦୂରତା ମଧ୍ୟରେ ୪୦ରୁ କମ୍ ଛାତ୍ରୀଛାତ୍ର ଥିବା ପ୍ରାଥମିକ ବିଦ୍ୟାଳୟ ସଂଖ୍ୟା ମୋଟ୍ ୫,୧୭୭ ହୋଇଥିବା ବେଳେ ମୟୂରଭଞ୍ଜ ଜିଲାରେ ସର୍ବାଧିକ ୪୪୮ଟି ଏପରି ବିଦ୍ୟାଳୟ ଅଛି ଏବଂ ଜଗତ୍‌ସିଂହପୁର ଜିଲାରେ ସର୍ବନିମ୍ନ ୫୮ଟି ଏପରି ବିଦ୍ୟାଳୟ ରହିଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨,୮୬୨ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି, ଯେଉଁଠାରେ ୨୦ରୁ କମ୍ ଛାତ୍ରୀଛାତ୍ର ଅଛନ୍ତି।

ଏଠାରେ ପ୍ରଶ୍ନ ଉଠୁଛି, ଯେଉଁସବୁ ବିଦ୍ୟାଳୟ ବନ୍ଦ ହେବାକୁ ଯାଉଛି, ସେହି ବିଦ୍ୟାଳୟରେ ପଢୁଥିବା ପିଲାମାନେ କରିବେ କ'ଣ! ପଢ଼ିବେ କେଉଁଠି? ସରକାରଙ୍କ ପ୍ରସ୍ତାବ ଅନୁସାରେ ସେହି ସବୁ ବିଦ୍ୟାଳୟକୁ ନିକଟସ୍ଥ ବିଦ୍ୟାଳୟ ସହିତ ମିଶ୍ରଣ କରାଯିବ। ସରକାରଙ୍କ ଭାଷାରେ ନିକଟସ୍ଥ ଅର୍ଥ ୧ କି.ମି. ଦୂରତା। କିନ୍ତୁ ପ୍ରଥମ ଦ୍ୱିତୀୟରେ ପଢୁଥିବା ଜଣେ ଛୋଟ ପିଲା ୧ କି.ମି. ଦୂରକୁ ପଢ଼ିବାକୁ ଯାଇପାରିବ କି? ସେହି ପିଲାକୁ ସ୍କୁଲ୍‌କୁ ପଠାଇ ଘରେ ତାଙ୍କ ଅଭିଭାବକ ନିରାପଦ ମନରେ ରହିପାରିବେ କି? ଦେଖାଯାଉଛି ଯେ, ୨୦ରୁ କମ୍ ପିଲା ଥିବା ଅଧିକାଂଶ ବିଦ୍ୟାଳୟ ମୁଖ୍ୟତଃ ଆଦିବାସୀ ଅଧ୍ୟୁଷିତ ଜିଲାଗୁଡ଼ିକରେ ଅବସ୍ଥିତ। ସେହି ଜିଲାଗୁଡ଼ିକରେ ରାସ୍ତାଘାଟ ମୁଖ୍ୟତଃ ପାହାଡ଼, ପର୍ବତ ଓ ଜଙ୍ଗଲ ଘେରା ହୋଇ ଅତ୍ୟନ୍ତ ଦୁର୍ଗମ। ଏପରି କ୍ଷେତ୍ରରେ ଆମେ କିପରି ଆଶା କରିପାରିବା ଯେ, ଗୋଟେ ଛୋଟ ପିଲା ୧ କି.ମି. ଚାଲି ଚାଲି ଯାଇ ବିଦ୍ୟାଳୟରେ ଯୋଗ ଦେଇପାରିବ! ସେହିସବୁ ଜିଲାଗୁଡ଼ିକ ମୂଳରୁ ହିଁ ଶିକ୍ଷା କ୍ଷେତ୍ରରେ ଅତ୍ୟନ୍ତ ପଛୁଆ। ସଂପ୍ରତି ଯେପରି ଭାବେ ସ୍କୁଲ୍‌ଗୁଡ଼ିକୁ ବନ୍ଦ କରିବାର ନିଷ୍ପତ୍ତି ନିଆଯାଉଛି, ସେହି ଜିଲାଗୁଡ଼ିକ ଆହୁରି ପଛକୁ ଚାଲିଯିବେ। ସଂପ୍ରତି ଦେଖାଯାଉଛି ଯେ, ନିଜ ଗାଁରେ ସ୍କୁଲ୍ ଥାଇ ବି ଆମ ଶିକ୍ଷା ବ୍ୟବସ୍ଥା ଅନେକ ପିଲାଙ୍କୁ ସ୍କୁଲକୁ ଆଣିବାରେ ଓ ଡ୍ରପ୍ ଆଉଟ୍ ରୋକିବାରେ ସକ୍ଷମ ହୋଇପାରି ନାହିଁ। ଯେତେବେଳେ ସ୍କୁଲ୍ ୧ କି.ମି. ଦୂରକୁ ଚାଲିଯିବ ସେତେବେଳେ କେତେ ପିଲା ଡ୍ରପ୍ ଆଉଟ୍ ହେବେ ତାହା ଅନୁମେୟ। ସରକାର କହୁଛନ୍ତି ଯେ, ଯେଉଁ ସ୍କୁଲ୍‌ରେ ୨୦ରୁ କମ୍ ପିଲା ଅଛନ୍ତି ସେଠାରେ ଅଯଥାରେ ସମ୍ବଳ ଖର୍ଚ୍ଚ କରିବା କ'ଣ ଦରକାର! କିନ୍ତୁ ୨୦ରୁ କମ୍ ବି ହୁଅନ୍ତୁ, ପିଲାମାନଙ୍କ ଶିକ୍ଷା ପାଇଁ ସମ୍ବଳ ଖର୍ଚ୍ଚ କରିବା କ'ଣ ସରକାରଙ୍କ ଦାୟିତ୍ୱ ନୁହେଁ? ଏହା କ'ଣ ଏକ ଅଯଥା ନିବେଶ? ସ୍କୁଲ୍ ଦୂରକୁ ଚାଲିଯିବା ଯୋଗୁ ଯେଉଁ ୨୦ ଜଣ ପିଲା ଆଉ ସ୍କୁଲକୁ ଯିବା ପାଇଁ ସକ୍ଷମ ହୋଇପାରିବେ ନାହିଁ, ସେମାନଙ୍କ ଶିକ୍ଷା ସରକାରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ ବୋଲି ଏହି ନିଷ୍ପତ୍ତିରୁ ବୁଝିହେଉଛି। ଏହାଦ୍ୱାରା ଗରିବ ତଥା ସାଧାରଣ ପିଲାମାନଙ୍କର ମୌଳିକ ଅଧିକାରକୁ କ୍ଷୁଣ୍ଣ କରାଯାଉନାହିଁ କି? ସରକାରଙ୍କ ଦାୟିତ୍ୱ ପିଲାମାନଙ୍କୁ ସୁବିଧା ହେବା ଭଳି ସ୍ଥାନରେ ତାଙ୍କ ପାଇଁ ଉନ୍ନତ ମାନର ଶିକ୍ଷା ଯୋଗାଇଦେବା। କିନ୍ତୁ ସରକାର ତ ଶିକ୍ଷା ପ୍ରଦାନ ଭଳି ସେବାକୁ ଲାଭକ୍ଷତିର ନିକିତିରେ ଦେଖି କମ୍ ପିଲା ଥିବା ସ୍କୁଲ୍‌କୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇ ଖର୍ଚ୍ଚ କାଟ କରିବାକୁ ଚାହୁଁଛନ୍ତି। ଗୋଟିଏ ପଟେ ସହରୀକରଣ କରିବାରେ, ବଡ଼ ବଡ଼ ପାର୍କ ତିଆରି କରିବାରେ, ବିଜ୍ଞାପନ ବାବଦରେ, ଶିଳ୍ପପତିମାନଙ୍କୁ ସବ୍‌ସିଡି ଦେବାରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ, ପିଲାମାନଙ୍କୁ ଶିକ୍ଷା ଯୋଗାଇବାରେ ସରକାର ଏତେ କଞ୍ଜୁସ୍ ହେଉଛନ୍ତି କାହିଁକି?

ସରକାରୀ ବିଦ୍ୟାଳୟଗୁଡ଼ିକୁ ଯେପରି ଭାବେ ଯୋଜନାବଦ୍ଧ ଭାବେ ରୁଗ୍‌ଣ କରି ରଖାଯାଉଛି ଓ ଘରୋଇ ବିଦ୍ୟାଳୟକୁ ପ୍ରୋତ୍ସାହନ ଦିଆଯାଉଛି, ପରିଣାମସ୍ୱରୂପ ଘରୋଇ ବିଦ୍ୟାଳୟ ପ୍ରତି ଲୋକମାନଙ୍କର ଆଗ୍ରହ ବଢ଼ୁଛି। ଘରୋଇ ବିଦ୍ୟାଳୟରେ ଛାତ୍ରସଂଖ୍ୟା ବଢ଼ୁଥିବା ବେଳେ ସରକାରୀ ବିଦ୍ୟାଳୟରେ ଛାତ୍ରସଂଖ୍ୟା କମୁଛି। ଗୋଟିଏ ପଟେ ସରକାରୀ ବିଦ୍ୟାଳୟରେ ଛାତ୍ର ସଂଖ୍ୟା ବୃଦ୍ଧି କରିବା ପାଇଁ କୌଣସି ପଦକ୍ଷେପ ନିଆଯାଉ ନାହିଁ ଓ ଅନ୍ୟପଟେ ଛାତ୍ର କମିଯାଉଥିବାରୁ ବିଦ୍ୟାଳୟକୁ ବନ୍ଦ କରିବାର ନିଷ୍ପତ୍ତି ନିଆଯାଉଛି। ଏଥିରୁ ସ୍ପଷ୍ଟ ବୁଝାପଡୁଛି ଯେ, ଶିକ୍ଷାରୁ ହାତ କାଢ଼ିନେଇ ଶିକ୍ଷାକୁ ଘରୋଇକରଣ କରିବା ପାଇଁ ଦ୍ରୁତଗତିରେ ସରକାର ଲାଗିପଡ଼ିଛନ୍ତି।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର,
ମୋ– ୯୪୩୮୪୬୮୪୭୪

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରବୃତ୍ତି ବନାମ ନିବୃତ୍ତି

ମହାଶୟ,

ଧରିତ୍ରୀ (୨୪।୨) ସମ୍ପାଦକୀୟ ପୃଷ୍ଠାରେ ବାସୁଦେବ ସାହୁଙ୍କ ଆଲେଖ୍ୟ ବିଚାରର ଦୁଇଟି ମାର୍ଗ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ ଓ ଉତ୍ସାହପ୍ରଦ। ଲେଖକଙ୍କ ମତରେ ଏହି ଦୁଇ ମାର୍ଗ ହେଉଛି ପ୍ରବୃତ୍ତି ଆଉ ନିବୃତ୍ତି। ନିଜ ମନ ଓ ଇନ୍ଦ୍ରିୟକୁ ଖୁସି କରିବା ପାଇଁ ଯାହା କରାଯାଏ ତାହା ହେଉଛି ପ୍ରବୃତ୍ତି। ମାତ୍ର କୁକର୍ମଠାରୁ ଦୂରେଇ ରହି ବିବେକ ଅନୁସାରେ କାର୍ଯ୍ୟ କରିବା ହେଉଛି ନିବୃତ୍ତି। ଆମର ଜଣେ ଅଭିଭାବକ ପରାମର୍ଶ ଦେଇ କହିଥିଲେ କିଏ କ'ଣ କହୁଛି, ସ୍ଥିର ଚିତ୍ତରେ ଶୁଣ। ଯାହା ଭଲ ବୋଲି ବିଚାରୁଛ ତାହା କର। ଯାହା ସମାଜ, ପରିବାର, ସଂସାର ପାଇଁ ଅହିତକର ତାହାଠାରୁ ଦୂରେଇ ରୁହ। ତାହା ହିଁ ନିବୃତ୍ତି।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

### ସେବାୟତଙ୍କ ଭକ୍ତଙ୍କୁ ଶୋଷଣ

ପୁରୀ ଶ୍ରୀମନ୍ଦିରରେ ଜଗନ୍ନାଥଙ୍କ ସେବାୟତମାନେ ଭକ୍ତମାନଙ୍କ ଉପରେ ମାତ୍ରାଧିକ ଜୁଲମ କରୁଥିବା ନିକଟରେ ଘଟିଥିବା ଏକ ଘଟଣାରୁ ଜଣାପଡେ। ଭୋଗ କରିବା ବା ତୁଳସୀମାଳ ଚଢାଇବା ପାଇଁ ସେବାୟତମାନେ ଅଧିକ ଦକ୍ଷିଣା ଦାବି କରୁଛନ୍ତି। ଦକ୍ଷିଣା କମିଗଲେ ପୁରୀ ବୋଲିରେ ଭକ୍ତମାନଙ୍କୁ ଗାଳି ଦେବାକୁ ପଛାଉନାହାନ୍ତି। ଏମାନେ ଭାବି ନେଇଛନ୍ତି ଯେ ଜଗନ୍ନାଥ ହେଉଛନ୍ତି ତାଙ୍କର ପୈତୃକ ଜମିଦାରି। କେବଳ ଏଇଥିପାଇଁ ଠାକୁରଙ୍କ ଉପରୁ ଲୋକମାନଙ୍କର ଭକ୍ତି କମି କମି ଯାଉଛି। କିଛିଦିନ ତଳେ ଜଣେ ଭକ୍ତ ସେବାୟତଙ୍କ ଚାହିଦା ମୁତାବକ ଦକ୍ଷିଣା ନ ଦେବାରୁ ସେବାୟତ ଜଣକ ତାଙ୍କର ମନିପର୍ସ ଛଡାଇ ନେଇ ଫେରାର ହେବା ଘଟଣା ପ୍ରକାଶ ପାଇଛି। ତାଙ୍କର ସହସ୍ରାଧିକ ଟଙ୍କା ଓ ଏଟିଏମ୍ କାର୍ଡକୁ ହରଣଚାଳ କରାଯାଇଛି। ଏହା ଅତ୍ୟନ୍ତ ନିନ୍ଦନୀୟ। ସରକାର ଏଥିପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ।

ସଚ୍ଚିଦାନନ୍ଦ ମିଶ୍ର, ଗଡହଳଦିଆ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅନିଶ୍ଚିତ ଭବିଷ୍ୟତ ମଧ୍ୟରେ ୨୪.୯୮ କୋଟିରୁ ଊର୍ଦ୍ଧ୍ୱ ଶ୍ରମିକ



**ଲକ୍ ଡାଉନ୍**

ନୂଆଦିଲ୍ଲୀ,୨୫।୩: କରୋନା ସଂକ୍ରମଣ ଯୋଗୁ ସାରା ପୃଥିବୀରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ କେନ୍ଦ୍ର ସରକାର ସାରା ଦେଶରେ ୨୧ଦିନିଆ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଏହି ଘୋଷଣା ପରେ ପନିପରିବା, ଖାଦ୍ୟ ସାମଗ୍ରୀର ଦାମ୍ ବଢ଼ିବାରେ ଲାଗିଛି। ଫଳରେ ସାଧାରଣ ଲୋକେ ହନ୍ତସନ୍ତ ହେବା ଆରମ୍ଭ କରିଛନ୍ତି। ଲକ୍‌ଡାଉନ୍ ଯୋଗୁ ଦେଶର ୨୪ କୋଟି ୯୮ ଲକ୍ଷରୁ ଅଧିକ ଶ୍ରମିକ ଏବେ ଅନିଶ୍ଚିତ ଭବିଷ୍ୟତ ମଧ୍ୟରେ ରହିଛନ୍ତି। ସେମାନଙ୍କ ପାଇଁ କାମ ନ କଲେ ଖାଇବା ବନ୍ଦ। କାମଧନ୍ଦା ମିଳୁ ନ ଥିବାରୁ ଏବେ ଖାଇବା ପାଇଁ ସେମାନଙ୍କ ପାଖରେ ଟଙ୍କା ନାହିଁ। ସମ୍ପ୍ରତି ଦେଶରେ ୪୬ କୋଟି ୭୦ ଲକ୍ଷରୁ ଅଧିକ ରୋଜଗାର କରୁଥିବା ଲୋକ ରହିଛନ୍ତି। ସେମାନଙ୍କ ମଧ୍ୟରେ ୪୬.୫ ପ୍ରତିଶତ ଅର୍ଥାତ୍ ୨୧କୋଟି ୯୪ଲକ୍ଷରୁ ଅଧିକ ଲୋକ ଚାକିରି କିମ୍ବା ନିଜ ନିଜର ଧନ୍ଦା କରିଥାନ୍ତି। ବାକି ୫୩.୫ପ୍ରତିଶତ ଅର୍ଥାତ୍ ୨୪କୋଟି ୯୮ ଲକ୍ଷରୁ ଅଧିକ ଲୋକ ଶ୍ରମିକଶ୍ରେଣୀର। ଏଥିମଧ୍ୟରୁ ୩୬.୫ ପ୍ରତିଶତ ସାମୟିକ ଶ୍ରମିକ ରହିଛନ୍ତି। ସେମାନଙ୍କ ସଂଖ୍ୟା ୧୭ କୋଟି ୪ ଲକ୍ଷରୁ ଅଧିକ ରହିଛି। ସେହିପରି ୧୭ପ୍ରତିଶତ ଅର୍ଥାତ୍ ୭ କୋଟି ୯୩ ଲକ୍ଷରୁ ଅଧିକ ଦିନ ମଜୁରିଆ ରହିଛନ୍ତି। ୨୦୧୫ ରିପୋର୍ଟ ଅନୁସାରେ ରୋଜଗାର କରୁଥିବା ଲୋକଙ୍କ ମଧ୍ୟରୁ ୯୨ପ୍ରତିଶତରୁ ଅଧିକ ମହିଳା ଏବଂ ୮୨ ପ୍ରତିଶତରୁ ଅଧିକ ପୁରୁଷଙ୍କ ମାସିକ ଆୟ ୧୦,୦୦୦ଟଙ୍କାରୁ କମ୍ ରହିଛି। ୭ମ ବେତନ କମିଶନଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା ମାସିକ ଆୟ ସୀମା ୧୮,୦୦୦ଟଙ୍କାଠାରୁ ସେମାନେ ଯଥେଷ୍ଟ କମ୍ ରୋଜଗାର କରିଥାନ୍ତି। ସେହିପରି ବିଭିନ୍ନ ରାଜ୍ୟରୁ ଅନ୍ୟ ରାଜ୍ୟକୁ କାମ ଧନ୍ଦା ଉଦ୍ଦେଶ୍ୟରେ ଆସିଥିବା ଠିକା ଶ୍ରମିକଙ୍କ ଅବସ୍ଥା ମଧ୍ୟ ଲକ୍ ଡାଉନ୍ ଯୋଗୁ ଅଧିକ ପ୍ରଭାବିତ ହେବ ବୋଲି ବିଶେଷଜ୍ଞ ମତପୋଷଣ କରିଛନ୍ତି।

## ପୃଥିବୀର ୨୩୦କୋଟିରୁ ଅଧିକ ଲୋକ ଘରେ ବନ୍ଦ
## ଭାରତରେ ସର୍ବାଧିକ ୧୩୦ କୋଟି

**ୱାଶିଂଟନ/ନୂଆଦିଲ୍ଲୀ,୨୫।୩:** କରୋନା ସଂକ୍ରମଣ ପୃଥିବୀରେ ଆତଙ୍କ ସୃଷ୍ଟି କରିଛି। ଏଥିରୁ ଦୂରେଇ ରହିବା ପାଇଁ ସାମାଜିକ ଦୂରତା ସୃଷ୍ଟି ଉପରେ ଲୋକଙ୍କୁ ପରାମର୍ଶ ଦିଆଯାଉଛି। ଏହାକୁ ଦୃଷ୍ଟିରେ ରଖି ୧୦ଟି ଦେଶରେ କର୍ଫ୍ୟୁ ଜାରି ହୋଇଥିବାବେଳେ ୩୫ ଦେଶରେ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଫଳରେ ପୃଥିବୀର ୨୩୦କୋଟି ଲୋକ ଘରେ ବନ୍ଦ ହୋଇ ରହିଛନ୍ତି। ଲକ୍‌ଡାଉନ୍ ଘୋଷଣା ଯୋଗୁ ୩୫ଦେଶରେ ୧୯୫.୯କୋଟି ଲୋକ ଘରେ ବନ୍ଦୀ ଜୀବନ ବିତାଇବାକୁ ବାଧ ହେଉଛନ୍ତି। ସେଥିମଧ୍ୟରୁ ଭାରତରେ ସର୍ବାଧିକ ୧୩୦କୋଟି ଲୋକ ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଘରେ ବନ୍ଦ ହୋଇ ରହିଛନ୍ତି। କର୍ଫ୍ୟୁ ଜାରି ହୋଇଥିବା ୧୦ଦେଶରେ ୧୧.୭କୋଟି ଲୋକ ଘରେ ବନ୍ଦ ରହିଛନ୍ତି। ଇରାନ, ଜର୍ମାନୀ, ବ୍ରିଟେନ୍ ଆଦି ୫ଟି ଦେଶରେ ଲୋକଙ୍କୁ ବାହାରକୁ ନ ଯିବାକୁ ସରକାରଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏହାଦ୍ୱାରା ୨୨.୮କୋଟି ଲୋକ ପ୍ରଭାବିତ ହୋଇଛନ୍ତି।

## ଲକ୍‌ଡାଉନ୍ ନ ମାନିଲେ ୨ ବର୍ଷ ଜେଲ

**ନୂଆଦିଲ୍ଲୀ,୨୫।୩:** କରୋନା ଭୂତାଣୁରୁ ରକ୍ଷା ପାଇବା ଲାଗି ସାରାଦେଶକୁ ୩ ସପ୍ତାହ ପର୍ଯ୍ୟନ୍ତ ଲକ୍‌ଡାଉନ୍ କରାଯାଇଛି । ଏହି ସମୟରେ ଲୋକଙ୍କୁ ଘରୁ ନ ବାହାରିବା ପାଇଁ କୁହାଯାଇଛି। ଅତି ଜରୁରୀ ନ ହେଲେ ଘରୁ ବାହାରିବାକୁ ସମ୍ପୂର୍ଣ୍ଣ ରୂପେ ମନା କରାଯାଇଛି। ଏହା ଉଲ୍ଲଂଘନ କଲେ ଜରିମାନା ସହିତ ୧ ମାସରୁ ୨ ବର୍ଷ ଯାଏ ଜେଲ୍ ଦଣ୍ଡରେ ଦଣ୍ଡିତ କରାଯିବ ବୋଲି କୁହାଯାଇଛି। ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ଲକ୍‌ଡାଉନ୍ ନିୟମକୁ ଉଲ୍ଲଂଘନ କଲେ ବିପର୍ଯ୍ୟୟ ପରିଚାଳନା ଆଇନ ଧାରା ୫୧ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ବ୍ୟବସ୍ଥା ରହିଛି। ଲକ୍‌ଡାଉନ୍ ଉଲ୍ଲଂଘନକାରୀଙ୍କୁ ୨୦୦ ଟଙ୍କା ଜରିମାନା ସହିତ ଏକ ମାସର କାରାଦଣ୍ଡରେ ଦଣ୍ଡିତ କରାଯିବ। ଯଦି ଉଲ୍ଲଂଘନକାରୀଙ୍କ ଦ୍ୱାରା ସରକାରୀ ନିୟମରେ କୌଣସି ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୁଏ ତେବେ ଦଣ୍ଡ ବ୍ୟବସ୍ଥାକୁ ୬ ମାସ ବଢ଼ାଇ ଦିଆଯିବ। ଏଥିସହ ନିୟମ ନ ମାନିବାରୁ ଯଦି କାହାର ମୃତ୍ୟୁ ଘଟେ ତା ହେଲେ ଦୋଷୀଙ୍କୁ ୨ ବର୍ଷ ଜେଲଦଣ୍ଡ ଭୋଗିବାକୁ ହେବ ବୋଲି ନିର୍ଦ୍ଦେଶ ଦିଆଯାଇଛି। ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶକୁ ସମ୍ବୋଧିତ କରିବା ପରେ ଗୃହ ମନ୍ତ୍ରାଳୟ ଦ୍ୱାରା ଜାରି କରାଯାଇଥିବା ଏକ ଆଦେଶରେ କୁହାଯାଇଛି ଯେ, କରୋନାର ମିଥ୍ୟା ଗୁଜବ ପ୍ରଚାର କରୁଥିବା ବ୍ୟକ୍ତିଙ୍କୁ ଜରିମାନା ସହିତ ୧ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରାଯିବ।

## ବିନା ଲକ୍‌ଡାଉନ୍‌ରେ କରୋନା ସହ ଲଢୁଛି ଦକ୍ଷିଣ କୋରିଆ

**ସିଓଲ୍,୨୫।୩:** ସାରା ପୃଥିବୀ କରୋନା ଆତଙ୍କରେ ରହିଥିବାବେଳେ ଦକ୍ଷିଣ କୋରିଆ ବିନା ଲକ୍‌ଡାଉନ୍‌ରେ ଲଢ଼େଇ ଜାରି ରଖିଛି। ଇତିମଧ୍ୟରେ ଏଠାରେ ୨ଲକ୍ଷ ୫୦ହଜାର ନମୁନା ଯାଞ୍ଚ କରାଯାଇଛି। କରୋନା ସନ୍ଦିଗ୍ଧ କେଉଁମାନଙ୍କ ସମ୍ପର୍କରେ ଆସିଛନ୍ତି ତାହାର ରିପୋର୍ଟ କ୍ରେଡିଟ୍ କାର୍ଡ, ସିସିଟିଭି କ୍ୟାମେରା ଏବଂ ମୋବାଇଲ୍ ଫୋନ୍ ଟ୍ରାକିଂ ଦ୍ୱାରା କରାଯାଇ ସମସ୍ତଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯାଉଛି। ଫଳରେ ଏଠାରେ ବିନା ଲକ୍ ଡାଉନ୍‌ରେ କରୋନା ସହିତ ମୁକାବିଲା କରିବା ସମ୍ଭବ ହୋଇପାରୁଛି ବୋଲି ସ୍ଥାନୀୟ ରୋଗ ନିୟନ୍ତ୍ରଣ ଏବଂ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କେନ୍ଦ୍ରର ମୁଖ୍ୟ ଜିଓଙ୍ଗ୍ ଇୟୁନ୍ କେୟୋଙ୍ଗ୍ ସୂଚନା ଦେଇଛନ୍ତି। ଅପରପକ୍ଷରେ ଆମେରିକାରେ କରୋନା ଲକ୍ଷଣ ପ୍ରକାଶ ପାଉଥିବା ବ୍ୟକ୍ତିଙ୍କର କେବଳ ନମୁନା ପରୀକ୍ଷା କରାଯାଉଛି। ସେହିପରି ଜାପାନ, ଚାଇନା ସମେତ ଅନ୍ୟ ଦେଶରେ ଲକ୍‌ଡାଉନ୍ ଦ୍ୱାରା ସଂକ୍ରମଣ ରୋକିବାର ଉଦ୍ୟମ ହେଉଛି। ଏପରିସ୍ଥଳେ ଦକ୍ଷିଣ କୋରିଆ ଦ୍ୱାରା ଗ୍ରହଣ କରାଯାଇଥିବା ପଦ୍ଧତି ଅନ୍ୟ କୌଣସି ଦେଶରେ ସଫଳ ହେବାର ଆଶା କମ୍ ବୋଲି ଥିବା କେୟୋଙ୍ଗ୍ କହିଛନ୍ତି।

## ଲକ୍‌ଡାଉନ ଯୋଗୁ ଅନ୍‌ଲାଇନରେ ବିବାହ



**ପାଟନା,୨୫।୩:** କରୋନା ଭାଇରସ୍‌ର ସଂକ୍ରମଣକୁ ରୋକିବା ପାଇଁ ପୂରା ଦେଶରେ ୨୧ ଦିନ ପର୍ଯ୍ୟନ୍ତ ଲକ୍ ଡାଉନ୍ ଘୋଷଣା କରାଯାଇଛି। କରୋନା ଭାରତ ସମେତ ସମଗ୍ର ବିଶ୍ୱରେ ତା'ର କାୟା ବିସ୍ତାର କରିଚାଲିଛି। ଏହାକୁ ଦେଖି ସବୁଆଡେ ଲକ୍‌ଡାଉନ୍ ଘୋଷଣା କରାଯିବା ସହ ବିବାହ ଭଳି କାର୍ଯ୍ୟରେ ମଧ୍ୟ ରୋକ ଲଗାଇ ଦିଆଯାଇଛି। ବିବାହ ସମାରୋହରେ କଟକଣା ଲଗାଯାଇ ଥିବାରୁ ଉଭୟ ବର-କନ୍ୟା ଅନ୍‌ଲାଇନରେ ବିବାହ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଉତ୍ତରପ୍ରଦେଶର ଗାଜିଆବାଦ ଜିଲାରେ ଜଣେ ଯୁବକ ପାଟନାରେ ରହୁଥିବା ଜଣେ ଯୁବତୀଙ୍କ ସହିତ ବିବାହ କରିବାର ଥିଲା। କିନ୍ତୁ ଲକ୍‌ଡାଉନ ଯୋଗୁ ବରପକ୍ଷରୁ ବରଯାତ୍ରୀ ଯାଇପାରିଲେ ନାହିଁ। ତେଣୁ ସେମାନେ କାଜିଙ୍କୁ ଡାକିଥିଲେ। ଦୁଇଜଣ ନିଜ ନିଜ ଘରେ ଲାପଟପ୍ ଅନ୍ କରି ବସିଯାଇଥିଲେ। ଦୁଇଜଣଙ୍କ ପରିବାର ଲୋକେ ଉଭୟଙ୍କ ପାଖରେ ଉପସ୍ଥିତ ଥିଲେ। ପରେ କାଜି ଅନଲାଇନ୍ ନିକାହ କରିଥିଲେ। ବିବାହ ମାର୍ଚ୍ଚ ୨୩ ତାରିଖରେ ପାଟନାର ହାରୁଣନଗରର ଏକ କମ୍ୟୁନିଟି ହଲରେ ହେବାର ଥିଲା। ବରପକ୍ଷରୁ ସବୁ ପ୍ରସ୍ତୁତି ସରିଥିଲେ ମଧ୍ୟ ସେମାନେ କନ୍ୟା ଘରେ ପହଞ୍ଚିପାରି ନ ଥିଲେ। ସତ ଚେଷ୍ଟା କରି ବିଫଳ ହୋଇଥିଲେ। ପ୍ରଶାସନ ତରଫରୁ କଟକଣା ଲଗାଯିବାରୁ ଏହି ବିବାହ ଏକ ପ୍ରକାର ବନ୍ଦ ହୋଇଯାଇଥିଲା। ସେଥିଲାଗି ଉଭୟ ବର-କନ୍ୟା ଦୁହେଁ ଏକ ଉପାୟ କରିଥିଲେ। କାଜିଙ୍କୁ ଡାକି ଅନ୍‌ଲାଇନରେ 'କବୁଲ ହେ' କହି ନିକାହ ସମ୍ପନ୍ନ କରିଥିଲେ।

## କରୋନା ମୁକାବିଲାରେ ହେବ ସହାୟକ 'ଆଭିଗନ୍'

**ନୂଆଦିଲ୍ଲୀ,୨୫।୩:** କରୋନା ସଂକ୍ରମଣ ନେଇ ଭାରତରେ ସଙ୍କଟ ଦେଖାଦେଇଛି। ସାରା ପୃଥିବୀରେ ଏହାର ମୁକାବିଲା ପାଇଁ ଔଷଧ ପ୍ରସ୍ତୁତିରେ ବୈଜ୍ଞାନିକମାନେ ଦିନରାତି ଗବେଷଣା ଜାରି ରଖିଛନ୍ତି। ତେବେ ଭାରତୀୟ ଡାକ୍ତର ପ୍ରଫେସର ନାରାୟଣ ଋଷି କରୋନା ସଂକ୍ରମିତଙ୍କୁ ସୁସ୍ଥ କରିବାରେ 'ଆଭିଗନ୍' ଔଷଧ ବେଶ୍ ସଫଳ ରହିଥିବା ସୂଚନା ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ସଂକ୍ରମିତଙ୍କୁ ଦିଆଯାଇଥିବା ଔଷଧ ସାର୍ସ ଭୂତାଣୁ କ୍ଷେତ୍ରରେ ବେଶ୍ ସଫଳ ରହିଥିଲା। ଏବେ କରୋନା ସଂକ୍ରମିତଙ୍କୁ ଏହା ଦ୍ୱାରା ବେଶ୍ ସୁଫଳ ମିଳିପାରିଥିବା ସେ କହିଛନ୍ତି। କରୋନା ପାଇଁ ନିର୍ଦ୍ଦିଷ୍ଟ ଭାବେ କୌଣସି ଔଷଧ ପ୍ରସ୍ତୁତ ନ ହୋଇ ଥିଲେ ବି ଆନୁମାନିକ ଭାବେ ଏହାର ପ୍ରୟୋଗ କରାଯାଉଛି। ସାର୍ସ ଏବଂ କରୋନା ଉଭୟ ଗୋଟିଏ ପ୍ରକାରର ଭୂତାଣୁ। କେବଳ ସଂରଚନାରେ କିଛି ଫରକ ରହିଥିବା ସେ ସୂଚନା ଦେଇଛନ୍ତି। ସେହିପରି ତାପମାତ୍ରା ବଢ଼ିବା ସହିତ କରୋନା ଆତଙ୍କ ଧୀରେଧୀରେ କମିବାର ସମ୍ଭାବନା ଥିବା ସେ କହିଛନ୍ତି। କରୋନା ପ୍ରତିଷେଧକ ଟୀକା ପ୍ରସ୍ତୁତି ନେଇ ଋଷି କହିଛନ୍ତି ଯେ, ବର୍ତ୍ତମାନ ସୁଦ୍ଧା ଏଭଳି କୌଣସି ସଫଳତା ମିଳି ନାହିଁ, ତେବେ ଖୁବ୍‌ଶୀଘ୍ର କରୋନା କବଳରୁ ସାରା ପୃଥିବୀ ମୁକ୍ତ ହେବାର ଆଶା ରହିଛି। ଋଷିଙ୍କ ଏଭଳି ମନ୍ତବ୍ୟ ଏବେ ସୋସିଆଲ୍ ମିଡ଼ିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି।

## ରାସ୍ତାରେ ସାମାଜିକ ଦୂରତ୍ୱର ଶିକ୍ଷା ଦେଲା ପୋଲିସ



**ନୂଆଦିଲ୍ଲୀ, ୨୫।୩**

କରୋନା ଭୂତାଣୁ କବଳରୁ ବଞ୍ଚିବାକୁ ହେଲେ ସାମାଜିକ ଦୂରତ୍ୱ ନିହାତି ଜରୁରୀ। ଏହାକୁ ନଜରରେ ରଖି ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶରେ ୨୧ ଦିନ ଅର୍ଥାତ୍ ଏପ୍ରିଲ ୧୪ ପର୍ଯ୍ୟନ୍ତ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ବୁଧବାର ଲକ୍‌ଡାଉନ୍‌ର ପ୍ରଥମ ଦିନରେ ହିଁ ପୂରା ଦେଶରେ ଏହାର ପ୍ରଭାବ ଦେଖାଦେଇଛି। କିନ୍ତୁ ଏବେବି ଅନେକ ଲୋକ ତାହାକୁ ନ ମାନି ବୁଲାବୁଲି କରୁଛନ୍ତି। ଫଳରେ ସ୍ଥାନୀୟ ପ୍ରଶାସନ ଓ ପୋଲିସକୁ କଠୋର ହେବାକୁ ପଡୁଛି। ଲକ୍‌ଡାଉନ୍ ଉଲ୍ଲଂଘନକାରୀଙ୍କ ବିରୋଧରେ ଗିରଫଦାରି, ଗାଡ଼ି ସିଜ୍ ସମେତ କେତେକ ଅଭିନବ ଉପାୟ ଆପଣାଯାଉଛି। ଯେମିତି ଜମ୍ମୁକଶ୍ମୀରରେ ପୋଲିସ ଉଲ୍ଲଂଘନକାରୀଙ୍କୁ ରାସ୍ତାରେ କିଛି କିଛି ଦୂରତାରେ ତିଆରି ବୃତ୍ତ ଚିହ୍ନିତ ସ୍ଥାନରେ ବସାଇ ସାମାଜିକ ଦୂରତା ସମ୍ପର୍କରେ ଶିକ୍ଷା ଦେଇଥିବା ବୁଧବାର ଦେଖିବାକୁ ମିଳିଛି। ଆଉ କେତେକ ସ୍ଥାନରେ ପୋଲିସ ଉଲ୍ଲଂଘନକାରୀଙ୍କୁ ଉଠବସ୍ କରୁଥିବା, ହାତରେ 'ମୁଁ ସମାଜର ଶତ୍ରୁ' ଲେଖା ପୋଷ୍ଟର ଧରାଉଛି। ସମ୍ପ୍ରତି ଲୋକମାନେ ଘର ଭିତରେ ହିଁ ସବୁଠୁ ସୁରକ୍ଷିତ। କେବଳ ଅତ୍ୟାବଶ୍ୟକ ସାମଗ୍ରୀ କିଣିବାକୁ ଘର ବାହାରକୁ ଆସିପାରିବେ ବୋଲି ପୋଲିସ କହୁଛି।

## ବ୍ୟାୟାମ, ଘରକାମ କରି ସମୟ କାଟୁଛନ୍ତି ସେଲିବ୍ରିଟି

**ନୂଆଦିଲ୍ଲୀ, ୨୫।୩**

ଚାଇନାରୁ ସଂକ୍ରମିତ ହୋଇଥିବା କରୋନା ଭାଇରସ୍ ଧୀରେ ଧୀରେ ସାରା ବିଶ୍ୱରେ କାୟା ବିସ୍ତାର କରିଛି। ଦେଶ, ବିଦେଶରେ ସମସ୍ତେ ଏହା କବଳରୁ ବଞ୍ଚିବାକୁ ଲଢ଼େଇ କରୁଛନ୍ତି। ଏପ୍ରିଲ ୧୪ ଯାଏ ସାରା ଭାରତରେ ଲକ୍‌ଡାଉନ ଘୋଷଣା କରାଯାଇଥିବାବେଳେ ଟିଭି ଓ ସିନେମା ସେଲିବ୍ରିଟିମାନେ ଟାଇମ୍‌ପାସ୍ କରିବାକୁ ଘର କାମ, ବ୍ୟାୟମ ଆଦି କରୁଥିବା ଭିଡିଓ ସୋସିଆଲ୍ ମିଡିଆରେ ବେଶ୍ ଭାଇରାଲ୍ ହେବାରେ ଲାଗିଛି। କେଜିଏଫ୍ ଷ୍ଟାର ଯଶ୍ ନିଜ କୁନି ଝିଅ ଆର୍ଯ୍ୟାଙ୍କୁ ଖୁଆଇବାର ଏକ ଭିଡିଓ ସାମ୍ନାକୁ ଆସିଛି। ସେହିଭଳି ପ୍ରଖ୍ୟାତ ଅଭିନେତା ଅମିତାଭ ବଚ୍ଚନ ଏହି ସମୟରେ ନିଜକୁ ଫିଟ୍ ରଖିବାକୁ ବ୍ୟାୟାମ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାର ଏକ ଫଟୋ ସେ ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। 'ଶୁଭ ମଙ୍ଗଲ ଜ୍ୟାଦା ସାବଧାନ', 'ବଧାଇ ହୋ' ଭଳି ସିନେମାରେ କାମ କରି ଚର୍ଚ୍ଚାରେ ଥିବା ନୀନା ଗୁପ୍ତା ଲକ୍‌ଡାଉନ୍ ସମୟରେ ଟେଲର ନ ମିଳିବାରୁ ନିଜେ ଘରର ପରଦା ସଲେଇ କରିଛନ୍ତି। ସଲମାନ ଖାନ ଭଣଜା ଆହିଲ୍ ସହ ଅବସର ବିନୋଦନରେ ବ୍ୟସ୍ତ ଅଛନ୍ତି। ନିଜ ଜୀବନର ସବୁଠାରୁ ସ୍ମରଣୀୟ ସମୟ କାଟୁଛନ୍ତି ବୋଲି ସଲ୍‌ମାନ କହିଛନ୍ତି। ସେହିଭଳି ଅଭିନେତ୍ରୀ କ୍ୟାଟ୍ରିନା କୈଫ୍ ଓ କାର୍ତ୍ତିକ ଆରିୟନ ବାସନ ମାଜୁଥିବା ଦେଖିବାକୁ ମିଳିଛି। କ୍ୟାଟ୍ରିନାଙ୍କ ବାସନ ମଜା ଭିଡିଓ ସୋସିଆଲ୍ ମିଡିଆରେ ଏବେ ବେଶ୍ ଲୋକପ୍ରିୟ ହୋଇଛି। ଉକ୍ତ ଭିଡିଓରେ କ୍ୟାଟ୍ରିନା ବାସନ ମାଜିବାର କେତେକ ଟିପ୍ସ ନିଜ ଫ୍ୟାନ୍‌ମାନଙ୍କୁ ଦେଇଛନ୍ତି। ଛୋଟ ପରଦାର ବୋହୂ ଅକ୍ଷରା ତଥା ହିନା ଖାନ ଘର କାମରେ ମା'ଙ୍କୁ ସାହାଯ୍ୟ କରୁଛନ୍ତି। ରୋଷେଇଘର ସଫାସୁତରାଠାରୁ ଖାଇବା ତିଆରି ସବୁଥିରେ ମା'ଙ୍କୁ ସାହାଯ୍ୟ କରୁଛନ୍ତି। ହିନା ଘର ପୋଛୁଥିବା ଏକ ଫଟୋ ଭାଇରାଲ୍ ହେଉଛି।



## ନିରାଶ୍ରୟଙ୍କୁ ୫ ଟଙ୍କାରେ ଖାଦ୍ୟ ପୁଡ଼ିଆ

**ଛତ୍ରପୁର,୨୫।୩(ଡି.ଏନ୍.ଏ.):** କରୋନା ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ସମସ୍ତ ଆହାର କେନ୍ଦ୍ରକୁ ରାଜ୍ୟ ସରକାର ବନ୍ଦ କରିଛନ୍ତି। କେବଳ ମେଡିକାଲ ପରିସରରେ ଥିବା ଆହାର କେନ୍ଦ୍ର ଖୋଲାଯିବ ବୋଲି ନିର୍ଦ୍ଦେଶ ହୋଇଛି। ଏଭଳି ସ୍ଥିତିରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଜିଲାର ସହରାଞ୍ଚଳରେ ନିରାଶ୍ରୟମାନଙ୍କ ନିମନ୍ତେ ଆହାର ଗାଡ଼ି ବୁଲାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଗାଡ଼ି ଦ୍ୱାରା ନିରାଶ୍ରୟଙ୍କୁ ୫ ଟଙ୍କାରେ ଖାଦ୍ୟ ପୁଡ଼ିଆ ଯୋଗାଇ ଦିଆଯିବ। ଆହାର ଗାଡ଼ି ସମସ୍ତ ବସ୍ତି ବୁଲିବ ବୋଲି ସୂଚନା ଦିଆଯାଇଛି। ରୋଷେଇ ଓ ଖାଦ୍ୟ ପୁଡ଼ିଆ ବଣ୍ଟନ ବେଳେ ସତର୍କତା ଅବଲମ୍ବନ କରାଯିବ। ବୁଧବାର ଏକ ଜରୁରୀ ବୈଠକରେ ଜିଲାପାଳ ଏହି ନିଷ୍ପତ୍ତି ନେଇଛନ୍ତି।

## ଓଡ଼ିଶାବାସୀଙ୍କୁ ସଚେତନ କଲେ ସଲମାନ୍



- ଓଡ଼ିଆରେ କହିଲେ 'କରୋନାକୁ କର ନା'
- ଆଗେଇ ଆସିଲେ ଓଲିଉଡ୍ କଳାକାର
- ଘରୁ ନ ବାହାରିବାକୁ ରାଜ୍ୟବାସୀଙ୍କୁ ଅନୁରୋଧ

**ଭୁବନେଶ୍ୱର,୨୫।୩(ବ୍ୟୁରୋ):** ମହାମାରୀ କରୋନା ବିରୋଧରେ ସମଗ୍ର ବିଶ୍ୱ ଲଢେଇ କରୁଥିବା ବେଳେ ଜନସାଧାରଣଙ୍କୁ ଏହି ଘାତକ ଭାଇରସ୍ ସଂକ୍ରମଣ ବିଷୟରେ ସଚେତନ କରିବାକୁ ଫିଲ୍ମଷ୍ଟାର୍‌ଙ୍କ ଠାରୁ ଆରମ୍ଭକରି କ୍ରିକେଟର ଏବଂ ରାଜନେତାଙ୍କ ପର୍ଯ୍ୟନ୍ତ ସମସ୍ତେ ଏକାଠି ହୋଇଛନ୍ତି। ସେହିଭଳି ବଲିଉଡ୍ ଏବଂ ଓଲିଉଡ୍ କଳାକାରମାନେ ଲୋକଙ୍କୁ ସଚେତନ କରିବାକୁ ଆଗେଇ ଆସିଛନ୍ତି। ବୁଧବାର ବଲିଉଡ୍ ସୁପରଷ୍ଟାର ତଥା ଭାଇଜାନ୍ ସଲମାନ ଖାନ୍ କେବଳ ଓଡ଼ିଶାବାସୀଙ୍କ ପାଇଁ ଏକ ଭିଡିଓ ରିଲିଜ କରିଛନ୍ତି। ଏଥିରେ କରୋନା ସଂକ୍ରମଣ ସମ୍ପର୍କରେ ସଚେତନ ବାର୍ତ୍ତା ଦେବାସହ ଓଡ଼ିଶା ସରକାର ନେଇଥିବା ପଦକ୍ଷେପକୁ ସମର୍ଥନ ଓ ସହଯୋଗ କରିବାକୁ ପରାମର୍ଶ ଦେଇଛନ୍ତି। ଆରମ୍ଭରୁ ଓଡ଼ିଆରେ 'ମୋର ଓଡ଼ିଆ ଭାଇ ଓ ଭଉଣୀମାନଙ୍କୁ ସଲମାନର ନମସ୍କାର' ବୋଲି କହିଛନ୍ତି ଏହି ସୁପରଷ୍ଟାର। ଭୁବନେଶ୍ୱରରେ ଅନୁଷ୍ଠିତ ହକି ବିଶ୍ୱକପ୍‌ରେ ଯୋଗଦେବାକୁ ସେ ଓଡ଼ିଶା ଆସିଥିବା ନେଇ ଉଲ୍ଲେଖ କରି କହିଛନ୍ତି, ସରକାର ଜାରି କରିଥିବା ନିୟମକୁ ଓଡ଼ିଶାବାସୀ ମାନନ୍ତୁ। ଛିଙ୍କିବା, କାଶିବା ସମୟରେ ଦୂରତା ଅବଲମ୍ବନ କରିବା ସହ ବାରମ୍ବାର ହାତ ଧୁଅନ୍ତୁ। ଅତି ଜରୁରୀ ନ ଥିଲେ ଘରୁ ନ ବାହାରିବାକୁ ସେ ଅନୁରୋଧ କରିଛନ୍ତି। ଏହା କିଛିଦିନର କଥା ହୋଇଥିବାରୁ ଏହାକୁ ସାଦରେ ମାନିନେବାକୁ ସେ ପରାମର୍ଶ ଦେଇଛନ୍ତି। ଶେଷରେ ଓଡ଼ିଆରେ 'କରୋନାକୁ କର ନା' ବୋଲି କହି ଭିଡିଓରେ ବିଦାୟ ନେଇଛନ୍ତି ସଲମାନ। ସେହିଭଳି କରୋନା ବିରୋଧରେ ସଚେତନ କରିବାକୁ ଆଗେଇ ଆସିଛନ୍ତି ଓଲିଉଡ୍ ଅଭିନେତା ସବ୍ୟସାଚୀ ମିଶ୍ର, ସ୍ୱରାଜ ବାରିକ, ଅଶ୍ୱିନୀ ମିଶ୍ର ଓ ଅଭିନେତ୍ରୀ ପ୍ରକୃତି ମିଶ୍ର, ଭୂମିକା ଦାସ, ଶିବାନୀ ସଙ୍ଗୀତା, ସୂର୍ଯ୍ୟମୟୀ, କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ପ୍ରମୁଖ ସଚେତନତା କ୍ୟାମ୍ପେନ୍‌ରେ ସାମିଲ ହୋଇଛନ୍ତି। ନିୟମ ମାନି ନିଜର ଓ ନିଜ ପ୍ରିୟଜନଙ୍କ ଯତ୍ନ ନେବାକୁ ସେମାନେ ଅନୁରୋଧ କରିଛନ୍ତି। ସେମାନେ ଭିନ୍ନ ଭିନ୍ନ ଭିଡିଓ ଜାରିକରି ସୋସିଆଲ ମିଡିଆରେ ଲକ୍ଷାଧିକ ଲୋକଙ୍କ ନିକଟରେ ପହଞ୍ଚିଛନ୍ତି। ଏପଟେ ବଲିଉଡ୍ ଅଭିନେତା ଅକ୍ଷୟ କୁମାରଙ୍କ ସହ ଇଣ୍ଡଷ୍ଟ୍ରିର ଖ୍ୟାତନାମା କଳାକାରମାନେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଏହି ଲଢ଼େଇରେ ସାମିଲ ହେବାକୁ ଲୋକଙ୍କୁ ଅନୁରୋଧ କରିଛନ୍ତି। ଘରେ ସୁରକ୍ଷିତ ରହିବାକୁ ବାର୍ତ୍ତା ଦେଇଛନ୍ତି।

## ହ୍ରାସ ପାଉଛି ପ୍ରଦୂଷଣ

**ନୂଆଦିଲ୍ଲୀ,୨୫।୩:** କରୋନା ଭୂତାଣୁର ସଂକ୍ରମଣକୁ ରୋକିବା ଲାଗି ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଦ୍ଦେଶକ୍ରମେ ରବିବାର ଜନତା କର୍ଫ୍ୟୁ ହୋଇଥିଲା। ଏହା ଦ୍ୱାରା ବାୟୁ ପ୍ରଦୂଷଣ ରେକର୍ଡସ୍ତରରେ ହ୍ରାସ ପାଇଥିଲା। ମଙ୍ଗଳବାର ରାତିରୁ ସାରା ଦେଶରେ ୨୧ ଦିନ ପାଇଁ ଲକ୍ ଡାଉନ ଘୋଷଣା କରାଯାଇଛି। ଏହା ବାୟୁ ପ୍ରଦୂଷଣର ମାତ୍ରାକୁ କମାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଇଛି। ଏବେ ଲୋକମାନେ ଖୋଲା ଏବଂ ସ୍ୱଚ୍ଛ ପବନରେ ନିଃଶ୍ୱାସ ନେଇପାରୁଛନ୍ତି। ସେଣ୍ଟର ଫର ରିଶର୍ଚ୍ଚ ଏନର୍ଜି ଦ୍ୱାରା ପ୍ରକାଶିତ ଏକ ବିଶ୍ଳେଷଣ ଅନୁଯାୟୀ, କର୍ଫ୍ୟୁ ସମୟରେ ଜାନୁୟାରୀ-ମାର୍ଚ୍ଚ ଅବଧୀରେ ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍ ($NO_2$)ର ମାତ୍ରା ସର୍ବନିମ୍ନସ୍ତରରେ ରହିଛି। ଯାହା ୨୦୧୭ ପରେ ଏହା ସର୍ବନିମ୍ନ ସ୍ତର ଅଟେ। ବିଶେଷଜ୍ଞ ସୁନୀଲ ଡାହିଆଙ୍କ କହିବା ଅନୁଯାୟୀ, ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍‌ସ୍ତରର ଏହି ହ୍ରାସ ସୂଚାଉଛି ଯେ, ସହରଗୁଡ଼ିକର ପରିବହନ ସମ୍ପୂର୍ଣ୍ଣ ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳ। ତେଣୁ ଲକ୍ ଡାଉନଠାରୁ ଆମକୁ କିଛି ଶିକ୍ଷା ନେବାକୁ ହେବ। ଜନତା କର୍ଫ୍ୟୁ ଏବଂ ଲକ୍‌ଡାଉନ୍ ଯୋଗୁ ରାସ୍ତାରେ ଯାନବାହନ ସଂଖ୍ୟା ବହୁତ କମିଯାଇଛି। ଏଥିପାଇଁ ପ୍ରଦୂଷଣ ମଧ୍ୟ ହ୍ରାସ ପାଇଛି। ଗତ ବର୍ଷ ତୁଳନାରେ, କଣିକା ତତ୍ତ୍ୱ ମଧ୍ୟ ୨୬ ପ୍ରତିଶତ ହ୍ରାସ ପାଇଛି ବୋଲି ବାୟୁ ପ୍ରଦୂଷଣ ଉପରେ କାର୍ଯ୍ୟ କରୁଥିବା ସଂସ୍ଥା ସଫର ପ୍ରକାଶ କରିଛି। ଏଥିସହିତ ପିଏମ୍ (ପର୍ଟିକୁଲାର ମେଟର) ୧୦ର ଏକାଗ୍ରତା ମଧ୍ୟ ତୀବ୍ର ହ୍ରାସ ପାଇଛି। ସେହିପରି କାନପୁର ଆଇଆଇଟିର ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ପିଏମ୍ ୨.୫ରେ ନାଇଟ୍ରୋଜେନ୍ ଡାଇଅକ୍ସାଇଡ ମୁଖ୍ୟ ଭୂମିକା ଗ୍ରହଣ କରିଛି। ଦେଶରେ କରୋନା ଭୂତାଣୁ ଦ୍ୱାରା ଲୋକେ ଭୟଭୀତ ଅଛନ୍ତି। ଏହି ରୋଗ ଅତି ଯନ୍ତ୍ରଣାଦାୟକ। ତେବେ ବିଶ୍ୱରେ ବାୟୁ ପ୍ରଦୂଷଣ ଦ୍ୱାରା ହେଉଥିବା ମୃତ୍ୟୁ ସଂଖ୍ୟା ମଧ୍ୟ କମିବା ଦରକାର। ଏଥିପାଇଁ କରୋନା ସଙ୍କଟ ଦୂର ହେବା ପରେ ସରକାର ଅଧିକ ପ୍ରଦୂଷଣ ସୃଷ୍ଟି କରୁଥିବା କଳକାରଖାନାକୁ ବନ୍ଦ କରି ପ୍ରଦୂଷଣକୁ କମ୍ କରିବା ଲାଗି ବ୍ୟବସ୍ଥା ଗ୍ରହଣ କରିବା ଦରକାର। କାରଣ ଚାଇନାରେ କରୋନା ସଂକ୍ରମଣ ହେବା ସମୟରେ ଜାରି କରାଯାଇଥିବା ଲକ୍‌ଡାଉନ୍ ଯୋଗୁ ପ୍ରଦୂଷଣର ମାତ୍ରା ବିଶେଷଭାବେ ହ୍ରାସ ପାଇଥିଲା। ହେଲେ ପରେ ପ୍ରତିବନ୍ଧକ ହଟାଇବା କ୍ଷଣି ଏହା ଧୀରେ ଧୀରେ ବଢ଼ିବାରେ ଲାଗିଥିବା ଜଣାପଡ଼ିଛି ବୋଲି ବିଶେଷଜ୍ଞ ଡାହିଆ କହିଛନ୍ତି।



ଧରିତ୍ରୀ
DHARITRI
ଗୁରୁବାର, ୨୬ ମାର୍ଚ୍ଚ, ୨୦୨୦

## ଝାରସୁଗୁଡ଼ା ସୀମା ସିଲ୍

**ଝାରସୁଗୁଡା ଅଫିସ,୨୫।୩:** କରୋନା ଭୂତାଣୁକୁ ମୁକାବିଲା କରିବା ପାଇଁ ସମଗ୍ର ଭାରତକୁ ଲକ୍ ଡାଉନ୍ କରାଯାଇଛି। ଏହି ପରିପ୍ରେକ୍ଷୀରେ ଝାରସୁଗୁଡା ଜିଲାରେ ମଧ ଲକ୍ ଡାଉନ ନିୟମକୁ କଡାକଡି ଭାବେ ପାଳନ କରାଯାଉଛି। ଝାରସୁଗୁଡା ଜିଲା ଓ ଛତିଶଗଡ ରାଜ୍ୟର ସୀମାକୁ ବୁଧବାର ସିଲ୍ କରାଯାଇଛି। ଜାତୀୟ ରାଜପଥ-୪୯ର କନକତୋରା, କଣ୍ଡେଇକେଲା ନିକଟସ୍ଥ ଲାରା ଛକ ଏବଂ ଇକତାଳ ଛକ ଆଦିକୁ ସିଲ୍ କରାଯାଇଛି। କେବଳ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ କରୁଥିବା ଗାଡି ବ୍ୟତୀତ ଅନ୍ୟ ଗାଡିଗୁଡିକୁ ପ୍ରବେଶ ନ କରାଇବା ପାଇଁ ଜିଲା ପ୍ରଶାସନ ନିର୍ଦ୍ଦେଶ ଦେଇଛି। ଆଗାମୀ ୧୪ ତାରିଖ ପର୍ଯ୍ୟନ୍ତ ଏହି ଆଦେଶ ବଳବତ୍ତର ରଖିବାକୁ ନିର୍ଦ୍ଦେଶ ରହିଛି।



# ହାତବାନ୍ଧି ବସିଛନ୍ତି ମତ୍ସ୍ୟଜୀବୀ

ପୁରୀ ଅଫିସ,୨୫।୩

ପୁରୀ ପେଣ୍ଠକଟାର ମତ୍ସ୍ୟଜୀବୀଙ୍କ ଭାତହାଣ୍ଡି ହେଉଛି ସମୁଦ୍ର। ସମୁଦ୍ରରୁ ମାଛ ମାରି ପରିବାର ପ୍ରତିପୋଷଣ କରିଥାନ୍ତି। ହେଲେ କରୋନା ଏବେ ସେମାନଙ୍କ ପାଇଁ ଦୁଃଖ ଆଣିଛି। ମାଛ, ମାଂସକୁ ନେଇ ଗୁଜବ, ପୁରୀର ହୋଟେଲ ଶିଳ୍ପରେ ତାଲା ଝୁଲିବା ଏବଂ

## କରୋନା ଦେଇଛି ଦୁଃଖ

ଗାଡ଼ି ଉପରେ କଟକଣା ପାଇଁ ସେମାନଙ୍କ ହାତ ଏକପ୍ରକାର ବାନ୍ଧି ହୋଇଯାଇଛି। ଯଦିଓ ଅଳ୍ପ କେତେଜଣ ମତ୍ସ୍ୟଜୀବୀ ପେଟପାଟଣା ପାଇଁ ସମୁଦ୍ରକୁ ମାଛ ଧରିବା ପାଇଁ ଯାଉଛନ୍ତି କିନ୍ତୁ ବିକ୍ରି ଠିକ୍ ଭାବେ ହୋଇପାରୁ ନାହିଁ। ଗୋଟିଏ ପଟେ କରୋନା ନେଇ ସରକାରଙ୍କ କଟକଣା ଏବଂ ଅନ୍ୟପଟେ ସେମାନଙ୍କ ଜୀବିକା ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ସେମାନେ କ'ଣ କରିବେ ଚିନ୍ତାରେ ପଡ଼ିଛନ୍ତି। ନା କାହାକୁ କିଛି କହିପାରୁଛନ୍ତି ନା ପେଟର ଜ୍ୱାଳାକୁ ସହିପାରୁଛନ୍ତି ଏମିତି ଦୁର୍ଦ୍ଦିନରେ ଦିନ କାଟୁଛନ୍ତି ମତ୍ସ୍ୟଜୀବୀ ପରିବାର।


ବ୍ୟବସାୟ ବନ୍ଦ ଯୋଗୁ ମତ୍ସ୍ୟଜୀବୀମାନଙ୍କ ଡଙ୍ଗା ପେଣ୍ଠକଟା ସମୁଦ୍ର କୂଳରେ ପଡ଼ିରହିଛି।

ପେଣ୍ଠକଟା ଅଞ୍ଚଳରେ ୧୦ ହଜାରରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ପରିବାର ରହିଛନ୍ତି, ଯେଉଁମାନଙ୍କ ମୁଖ୍ୟ ବେଉସା ହେଉଛି ମାଛ ମାରିବା। ଅନେକ ମତ୍ସ୍ୟଜୀବୀ ଡଙ୍ଗା ନେଇ ସମୁଦ୍ରକୁ ଯାଇ ମାଛ ମାରି ଫେରିବା ପରେ ବିକ୍ରି କରିଥାନ୍ତି। ଫିସୋରୀରେ ମଧ ମାଛ ଦେଇଥାନ୍ତି। ମାତ୍ର ବାତ୍ୟା ଫନୀରେ ଏମାନଙ୍କ ଡଙ୍ଗା, ଜାଲ ନଷ୍ଟ ହୋଇଯାଇଥିଲା। ପ୍ରାୟ ସମସ୍ତଙ୍କ ଘର ଭାଙ୍ଗିଥିଲା। ଧୀରେ ଧୀରେ ଏମାନେ ଅଣ୍ଟା ସଳଖି ପୁଣି ନିଜ ବେଉସାକୁ ଆପଣାଇଥିଲେ। ହେଲେ ଏବେ କରୋନା ମାଡ଼ରେ ଅସ୍ତବ୍ୟସ୍ତ ହୋଇପଡ଼ିଛନ୍ତି। ମତ୍ସ୍ୟଜୀବୀ ନେତା ଈଶ୍ୱର ରାଓ କହିଛନ୍ତି, ସମୁଦ୍ରରୁ ମାଛ ମାରିଲେ ଆମ ସମସ୍ତଙ୍କ ଘରେ ଚୁଲି ଜଳେ। ହେଲେ କରୋନା ପାଇଁ ଏବେ ଆମ ଜୀବନ ଜୀବିକା ପ୍ରଭାବିତ ହୋଇଛି। ଯଦିଓ ମାଛ, ମାଂସ ବିକ୍ରି ଉପରେ କଟକଣା ଲାଗିନାହିଁ କିନ୍ତୁ ଏହାକୁ ନେଇ ନାନା ଗୁଜବ ସୃଷ୍ଟି ହୋଇଛି। ମାଛ ଖାଇବା ପାଇଁ ଅନେକ ପସନ୍ଦ କରୁନାହାନ୍ତି। ପୁରୀର ହୋଟେଲ, ରେଷ୍ଟୁରାଣ୍ଟ ସବୁ ବନ୍ଦ ହୋଇଯାଇଛି। ଗାଡ଼ି ଚଳାଚଳ ଉପରେ କଟକଣା ଯୋଗୁ ବରଫ ଠିକ୍ ଭାବେ ଆସୁନାହିଁ। ବାହାରୁ ମାଛ ନେବାକୁ ଗାଡ଼ି ଆସୁ ନ ଥିବାବେଳେ ଟ୍ରେନ ଚଳାଚଳ ବି ବନ୍ଦ ରହିଛି। ବ୍ୟବସାୟୀମାନେ କରୋନା ଭୟରେ ବସ୍ତିକୁ ଆସୁନାହାନ୍ତି। ତେଣୁ ଅନେକ ମତ୍ସ୍ୟଜୀବୀ ପରିବାର ଏବେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ଅନ୍ୟଜଣେ ମତ୍ସ୍ୟଜୀବୀ ଚନ୍ଦ୍ରଶେଖର ରେଡ୍ଡୀ ସମାନ ମତ ରଖି ଏଭଳି ସ୍ଥିତିରେ ସରକାର ସେମାନଙ୍କ ପାଇଁ ସହଯୋଗର ହାତ ବଢାଇବାକୁ ଅନୁରୋଧ କରିଛନ୍ତି। କେବଳ ଏହି ଦୁଇଜଣ ନୁହଁନ୍ତି ସମସ୍ତ ମତ୍ସ୍ୟଜୀବୀଙ୍କ ମୁହଁରେ ଏବେ କରୋନା ଦୁଃଖର କାହାଣୀ। ତଥାପି ସମସ୍ତେ ସରକାରଙ୍କ ପଦକ୍ଷେପକୁ ଠିକ୍ ବୋଲି କହିଛନ୍ତି। ଆଗକୁ ନୂଆବର୍ଷ ଉଗାଦି ଥିବାରୁ ଗାଁରୁ ଫୋନ ଆସୁଛି। ସେମାନେ ଆନ୍ଧ୍ରପ୍ରଦେଶର ନିଜ ନିଜ ଗାଁକୁ ଯିବା ପାଇଁ ଚାହୁଁଥିଲେ ବି ଗାଡ଼ି ଚଳାଚଳ ବନ୍ଦ ଯୋଗୁ ଯାଇପାରୁନାହାନ୍ତି ବୋଲି ଈଶ୍ୱର ରାଓ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାହାର ଉଠିଲାଣି ଦାଢ଼ି
ଆଉ କିସ ହେବ ପଢ଼ି।**

ପିଲା ବଡ଼ ହୋଇଗଲେ ନିଶ ଉଠେ। ସେତେବେଳେ ପାଠରେ ମନୋନିବେଶ କରିବା କଷ୍ଟକର ହୋଇଯାଏ। ତେଣୁ ଯଥା ସମୟରେ ଯଥା କାର୍ଯ୍ୟ ନ କଲେ ପସ୍ତେଇବାକୁ ପଡ଼ିଥାଏ। ସମୟ ଗଡ଼ିଗଲା ପରେ କରାଯାଉଥିବା କାର୍ଯ୍ୟ ମୂଲ୍ୟହୀନ ସାବ୍ୟସ୍ତ ହୋଇଥାଏ। ଯଥା ସମୟରେ ବିଦ୍ୟାରମ୍ଭ ନ କଲେ ତା'ର ସୁଫଳ ମିଳୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯାହାର ଯାହାର ରାଜି
କିସ କରିବ କାଜି ?**

ଉଭୟେ ଉଭୟ ପ୍ରତି ଯେତେବେଳେ ସମର୍ପିତ ସେତେବେଳେ ଆଉ କାହାର ଆପତ୍ତି ଅଭିଯୋଗ କରିବାର ମାନେ କିଛି ରହି ନ ଥାଏ। ଉଭୟ ପରସ୍ପର ପ୍ରତି ସମର୍ଥନ ତଥା ସମ୍ମତି ଜ୍ଞାପନ କରୁଥିବା ବେଳେ ସେଠାରେ ଅନ୍ୟର ସମର୍ଥନ ପାଇଁ କୌଣସି ଅପେକ୍ଷା କରିବା ନିଷ୍ପ୍ରୟୋଜନ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଟ୍ରେଡ୍ ଲାଇସେନ୍ସ ବିନା ସାମଗ୍ରୀ ପାଇଁ ଆସିପାରିବେନି ବ୍ୟବସାୟୀ

ଭୁବନେଶ୍ୱର,୨୫।୩(ବ୍ୟୁରୋ)

ଏଣିକି ଟ୍ରେଡ୍ ଲାଇସେନ୍ସ ନ ଥିଲେ ବ୍ୟବସାୟୀ ନିଜ ଅଞ୍ଚଳରୁ ବାହାରି ପରିବା କିମ୍ବା ଗ୍ରସେରି ସାମଗ୍ରୀ ଆଣିବା ପାଇଁ ଆସିପାରିବେନି। ବିଭିନ୍ନ ସ୍ଥାନରେ କେତେକ ବ୍ୟକ୍ତି ଦୋକାନ ସାମଗ୍ରୀ ଆଣିବା ଆଳରେ ଏଣେତେଣେ ବୁଲୁଥିବା ନଜରକୁ ଆସିବା ପରେ କମିଶନରେଟ୍ ପୋଲିସ ଏଭଳି କଟକଣା ଜାରି କରିଛି। ସମସ୍ତ ବ୍ୟବସାୟୀ ନିଜ ଟ୍ରେଡ ଲାଇସେନ୍ସ ଦେଖାଇ ବଜାରକୁ ଆସିପାରିବେ ବୋଲି କମିଶନରେଟ୍ ପୋଲିସ ପକ୍ଷରୁ କୁହାଯାଇଛି। ଏହା ପରେ ଭୁବନେଶ୍ୱର ତଥା ଉପକଣ୍ଠ ଅଞ୍ଚଳର ଯେଉଁ ବ୍ୟବସାୟୀମାନେ ଭୁବନେଶ୍ୱର ୟୁନିଟ୍ ୧ ଏବଂ ଅନ୍ୟ ବଡ଼ ମାର୍କେଟ ଉପରେ ନିର୍ଭର କରୁଥିଲେ ସେମାନେ ଘରୁ ରାସ୍ତାକୁ ବାହାରି ପାରୁନାହାନ୍ତି। ତେଣୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସମ୍ପୃକ୍ତ ବ୍ୟବସାୟୀମାନଙ୍କୁ ନିଜ ଫୋନ୍‌ରେ ଇଣ୍ଟରନେଟ୍ ମାଧ୍ୟମରେ ଅନ୍‌ଲାଇନ୍ ଟ୍ରେଡ୍ ଲାଇସେନ୍ସ ଆବେଦନ କରିବା ପାଇଁ ପରାମର୍ଶ ଦେଇଛି।

ଉଲ୍ଲେଖଯୋଗ୍ୟ, କିଛିଦିନ ତଳେ ବ୍ୟବସାୟୀମାନଙ୍କୁ ଅନ୍‌ଲାଇନ୍‌ରେ ଟ୍ରେଡ୍ ଲାଇସେନ୍ସ ଆବେଦନ କରିବା ପାଇଁ ବିଏମ୍‌ସି କହିଥିଲା। କିନ୍ତୁ ଅନେକ ବ୍ୟବସାୟୀ ଏହାକୁ ବେଖାତିର କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାର ମଙ୍ଗଳବାର ପରିବହନ ପାଇଁ ଟ୍ରେଡ୍ ଲାଇସେନ୍ସ ବାଧ୍ୟତାମୂଳକ ଘୋଷଣା କରିବା ପରେ ଏବେ ବ୍ୟବସାୟୀଙ୍କୁ ଚିନ୍ତା ଘାରିଛି। ଏ ନେଇ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି, ବ୍ୟବସାୟୀମାନେ ଏନେଇ ଚିନ୍ତା କରିବାର କିଛି ଆବଶ୍ୟକତା ନାହିଁ। ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଏମ୍‌ସି ବ୍ୟାପକ ବ୍ୟବସ୍ଥା ହାତକୁ ନେଇଛି। ବ୍ୟବସାୟୀମାନେ ଆବେଦନ କରିବା ପରେ ସମ୍ପୃକ୍ତ ୱାର୍ଡର ୱାର୍ଡ ଅଫିସର ତାଙ୍କ ଆବେଦନ ଯାଞ୍ଚ କରିବେ। ତା'ପରେ ସେମାନେ ଉକ୍ତ ଆବେଦନପତ୍ରକୁ ପୋଲିସକୁ ଦେଖାଇ ସାମଗ୍ରୀ କିଣାବିକା କରିପାରିବେ। ଆବେଦନର ୧୫ ଦିନ ପରେ ସମ୍ପୃକ୍ତ ବ୍ୟବସାୟୀଙ୍କୁ ଟ୍ରେଡ୍ ଲାଇସେନ୍ସ ପ୍ରଦାନ କରାଯିବ।

**ଅନ୍‌ଲାଇନ୍‌ରେ ଆବେଦନ ପରେ ମିଳିବ ଅନୁମତି: ବିଏମ୍‌ସି**

## ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରଶେଖର ନାୟକଙ୍କ ପରଲୋକ



**ପୁରୀ ଅଫିସ,୨୫।୩:** ବିଶିଷ୍ଟ ଗାନ୍ଧିବାଦୀ ତଥା ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରଶେଖର ନାୟକ(୯୯)ଙ୍କ ବୁଧବାର ପରଲୋକ ହୋଇଯାଇଛି। ବାର୍ଦ୍ଧକ୍ୟଜନିତ ସମସ୍ୟା ଯୋଗୁ ମଙ୍ଗଳବାର ତାଙ୍କୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମରଶରୀରକୁ ମାର୍କଣ୍ଡେଶ୍ୱର ସାହି ଯମୁନା ଲେନ୍‌ସ୍ଥିତ ବାସଭବନକୁ ଅଣାଯାଇଥିଲା। ବିଶିଷ୍ଟ ବ୍ୟକ୍ତିମାନେ ଶେଷ ଦର୍ଶନ କରିଥିଲେ। ପ୍ରଶାସନ ପକ୍ଷରୁ ସମ୍ମାନ ପ୍ରଦର୍ଶନ କରାଯାଇଥିଲା। ସ୍ୱର୍ଗଦ୍ୱାରରେ ମୃତଦେହ ସଂସ୍କାର ସମ୍ପନ୍ନ ହୋଇଥିଲା। ବଡଝିଅ ଜ୍ୟୋତ୍ସ୍ନା ନାୟକ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ନାୟକ ୧୯୨୧ରେ ବ୍ରହ୍ମଗିରି ବ୍ଲକର କାଣ୍ଡଗୋଦାରେ ଜନ୍ମଗ୍ରହଣ କରିଥିଲେ। ଛାତ୍ରାବସ୍ଥାରୁ ସେ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇଥିଲେ। ୧୯୪୨ ମସିହାରେ ରେଭେନ୍ସା କଲେଜରେ ପଢୁଥିବାବେଳେ ଭାରତ ଛାଡ଼ ଆନ୍ଦୋଳନ ବେଳେ କଟକରେ ଛାତ୍ର ଶୋଭାଯାତ୍ରାର ପୁରୋଭାଗରେ ରହି ପୋଲିସ ଲାଠିମାଡ଼ରେ ଗୁରୁତର ଆହତ ହୋଇଥିଲେ। ଏଥିପାଇଁ ତାଙ୍କୁ କଲେଜରୁ ବହିଷ୍କୃତ ହେବାକୁ ପଡ଼ିଥିଲା। ୧୯୪୨ରୁ ୧୯୪୫ ଯାଏ ଅଟକ ବନ୍ଦୀ ଭାବେ ସେ ପୁରୀ ଏବଂ ବ୍ରହ୍ମପୁର କେନ୍ଦ୍ରୀୟ କାରାଗାରରେ ରହିଥିଲେ।

# ରୋଜଗାର ହରାଇଛନ୍ତି ୨୦ଲକ୍ଷ ନିର୍ମାଣ ଶ୍ରମିକ

ସମ୍ବଲପୁର,୨୫।୩(ବ୍ୟୁରୋ)

କରୋନା ଭୂତାଣୁ ମୁକାବିଲା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର କଟକଣା ଜାରି କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମଗ୍ର ଦେଶକୁ ୨୧ ଦିନର ଲକ୍ ଡାଉନ ଘୋଷଣା କରିଛନ୍ତି। ରାଜ୍ୟ ସରକାର ମଧ ସମର୍ଥନ କରି ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ହେଲେ ଏହାର ପ୍ରଭାବ ସିଧାସଳଖ ଭାବେ ଶ୍ରମିକ, ଖଟିଖିଆ, ଦିନମଜୁରିଆଙ୍କ ଭଳି ପରିବାର ଓ ବ୍ୟକ୍ତିବିଶେଷଙ୍କ ଉପରେ ପଡ଼ିଛି। ରାଜ୍ୟରେ ୨୦ଲକ୍ଷରୁ ଅଧିକ ନିର୍ମାଣ ଓ କୋଠାବାଡି ଶ୍ରମିକ ଏଥିରେ ପ୍ରଭାବିତ ହୋଇଛନ୍ତି। ଏହାକୁ ନେଇ ହିନ୍ଦ ମଜଦୁର ସଂଘ ସଭାପତି ବିଜୟ ମହାନ୍ତି, ଓଡିଶା ନିର୍ମାଣ ମଜଦୁର ସଂଘ ସାଧାରଣ ସମ୍ପାଦକ ଗୋକୁଳ ମେହେର, ଆବାହକ ସଞ୍ଜିତ ମହାନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ର ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରଣାଳୟକୁ ଚିଠି କରି ଅନୁରୋଧ କରିଛନ୍ତି। ସେମାନେ ଉଲ୍ଲେଖ କରିଛନ୍ତି ଯେ, ଏଭଳି ପରିସ୍ଥିତିରେ ଶ୍ରମିକମାନେ ମଧ ସରକାରଙ୍କ ନିର୍ଦ୍ଦେଶ ଓ ସଚେତନତାକୁ ପାଳନ କରୁଛନ୍ତି । ହେଲେ ପ୍ରତିଦିନ ରୋଜଗାର ହେଲେ ପରିବାର ପ୍ରତିପୋଷଣ ହୋଇଥାଏ। ଏଭଳି ପରିପ୍ରେକ୍ଷୀରେ ଶ୍ରମିକମାନେ ଭୋକ ଉପାସରେ ଡହଳବିକଳ ହେବେ। ରାଜ୍ୟରେ ସମସ୍ତ କାମ ବନ୍ଦ ହୋଇଯାଇଛି। ଏଭଳିକି ରାଜ୍ୟ ବାହାରୁ ମଧ ଶ୍ରମିକମାନେ କାମ ଛାଡି ଘରକୁ ଫେରିଛନ୍ତି । ୩ ସପ୍ତାହ ଧରି କାମ ବନ୍ଦ ହୋଇଗଲେ ଘରେ ମୁଠେ ଦାନା ମଧ ଖାଇବା ପାଇଁ ମିଳିବ ନାହିଁ । ସ୍ୱାସ୍ଥ୍ୟଗତ କାରଣ ରହିଲେ ମଧ ଔଷଧ କିମ୍ବା ଚିକିତ୍ସା କରିପାରିବେ ନାହିଁ । ଲକ୍ଷାଧିକ ଶ୍ରମିକ କିଭଳି ଭାବେ ପରିବାର ଚଳାଇବେ ସେ ନେଇ ସରକାର ଚିନ୍ତାକରି ପଦକ୍ଷେପ ନିଅନ୍ତୁ । ଦିଲ୍ଲୀ ଓ ଉତ୍ତରପ୍ରଦେଶ ସରକାର ଯେପରିଭାବେ ଶ୍ରମିକମାନଙ୍କୁ ଆର୍ଥିକ ସାହାଯ୍ୟ ଯୋଗାଇ ଦେଇଛନ୍ତି ସେହିଭଳି ରାଜ୍ୟରେ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡରେ ଶତାଧିକ କୋଟି ଟଙ୍କା ରହିଛି। ସେହି ଅନୁଦାନରୁ ଏବେ ରାଜ୍ୟ ସରକାର ଶ୍ରମିକମାନଙ୍କୁ ଆର୍ଥିକ ସାହାଯ୍ୟ ଯୋଗାଇ ଦେବାକୁ ଦାବି ହୋଇଛି। ସୂଚନାଯୋଗ୍ୟ ଯେ, ସମଗ୍ର ରାଜ୍ୟରେ ୨୦ଲକ୍ଷରୁ ଅଧିକ ନିର୍ମାଣ ଶ୍ରମିକ ପଞ୍ଜୀକୃତ ହୋଇଥିବା ବେଳେ ସମ୍ବଲପୁର ଜିଲାରେ ୪୫ ହଜାରରୁ ଅଧିକ ପଞ୍ଜୀକୃତ ହୋଇଛନ୍ତି।

## ଓଡ଼ିଶା ଫେରିଲେ ଆନ୍ଧ୍ରରେ ଫସିଥିବା ୪୫ ବିଇଡି ଛାତ୍ରୀଛାତ୍ର

ଭୁବନେଶ୍ୱର, ୨୫।୩(ବ୍ୟୁରୋ)

ଓଡ଼ିଶାରୁ ବିଇଡି ପରୀକ୍ଷା ଦେବା ପାଇଁ ଆସି ଆନ୍ଧ୍ରପ୍ରଦେଶରେ ପ୍ରାୟ ୪୫ଜଣ ଓଡ଼ିଆ ଛାତ୍ରୀଛାତ୍ର ଫସିଥିଲେ। ଏହି ଓଡ଼ିଆ ଛାତ୍ରୀଛାତ୍ରଙ୍କୁ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ନିର୍ଦ୍ଦେଶକ୍ରମେ ସୁବିଧାରେ ଓଡ଼ିଶା ଫେରାଇ ଦିଆଯାଇଛି। ଆନ୍ଧ୍ରପ୍ରଦେଶର ପ୍ରକାଶସମ୍ ଜିଲା ମିର୍ଜାପୁରମ୍‌କୁ ବିଇଡି ପରୀକ୍ଷା ଦେବା ଲାଗି ଓଡ଼ିଶାରୁ ୧୫୦ଜଣ ଛାତ୍ରୀଛାତ୍ର ଆସିଥିଲେ। ସେମାନଙ୍କ ମଧ୍ୟରେ ଗତ ୧୯ତାରିଖରେ ୧୦୫ଜଣ ରାଜ୍ୟକୁ ଫେରି ଆସିଥିବାବେଳେ ୪୫ଜଣ ରହିଯାଇଥିଲେ। କରୋନା ସଂକ୍ରମଣ ଯୋଗୁ ସାରା ରାଜ୍ୟ ଲକ୍ ଡାଉନ ହେବାପରେ ଛାତ୍ରୀଛାତ୍ରମାନେ ସେଠାରେ ଫସିଯାଇଥିଲେ। ଏନେଇ ପିଲାମାନଙ୍କ ଅଭିଭାବକମାନେ ଆନ୍ଧ୍ର ରାଜ୍ୟପାଳଙ୍କୁ ଅନୁରୋଧ କରିବାପରେ ହରିଚନ୍ଦନ ତୁରନ୍ତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସରକାର ସ୍ୱତନ୍ତ୍ର ବ୍ୟବସ୍ଥା ମାଧ୍ୟମରେ ଏକ ବସ୍ କରି ପିଲାମାନଙ୍କୁ ଓଡ଼ିଶା ଫେରାଇ ଆଣିଛନ୍ତି।

# ଆବଶ୍ୟକ ପଡ଼ିଲେ ଲାଗିବ କର୍ଫ୍ୟୁ
## ଲକ୍‌ଡାଉନ୍‌କୁ ମାନୁ ନାହାନ୍ତି ଜନତା

ଯାଜପୁର ଅଫିସ,୨୫।୩

କରୋନା ଭୂତାଣୁ ମୁକାବିଲା ପାଇଁ ସାରା ଦେଶରେ ଲକଡାଉନ ଘୋଷଣା ପରେ ଯାଜପୁର ଜିଲାରେ ବହିରାଗତଙ୍କ ସଂଖ୍ୟା ପ୍ରାୟ ୨ ହଜାର ହୋଇଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉଛି। କିନ୍ତୁ ଜିଲାର ଜନସାଧାରଣ ଏହାକୁ ହାଲୁକାଭାବେ ଗ୍ରହଣ କରି ବିନା କାର୍ଯ୍ୟରେ ବୁଲୁଥିବା ଦେଖିବାକୁ ମିଳୁଛି। ତେଣୁ ଆବଶ୍ୟକ ପଡିଲେ ଜିଲାରେ କର୍ଫ୍ୟୁ ଲଗାଯିବ ବୋଲି ଜିଲାପାଳ ରଞ୍ଜନ କୁମାର ଦାସ କହିଛନ୍ତି। ବୁଧବାର ଜିଲାର ବିଭିନ୍ନ ସ୍ଥାନରେ ଲୋକଙ୍କ ଭିଡ ପୋଲିସ ପ୍ରଶାସନକୁ ଅଡୁଆରେ ପକାଇଛି। ସମଗ୍ର ଦେଶରେ ଲକ୍‌ଡାଉନ ହେବାପରେ ମଧ ଲୋକେ ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ସଚେତନ ନ ହେବା ବିଡମ୍ବନା ବୋଲି ଜିଲାପାଳ ଦାସ କ୍ଷୋଭର ସହ ପ୍ରକାଶ କରିଛନ୍ତି। ତେବେ ବର୍ତ୍ତମାନ କେବଳ ଔଷଧ ଦୋକାନଗୁଡିକ ସବୁବେଳେ ଖୋଲା ରହିବ। ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ସକାଳ ୭ରୁ ୯ଟା ଓ ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ଉପଲବ୍ଧ ହେବ। ଏହି ସମୟ ପରେ ଯିଏ ବାହାରେ ବୁଲିବ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। କେଉଁଠାରେ ମଧ ଆଇନ ଉଲଂଘନକାରୀଙ୍କୁ ବରଦାସ୍ତ କରାଯିବ ନାହିଁ ବୋଲି ଜିଲାପାଳ ଦାସ ସତର୍କ କରାଇ ଦେଇଛନ୍ତି।

- **ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ସମୟ ପରିବର୍ତ୍ତନ**
- **ସକାଳ ୭ରୁ ୯ ଏବଂ ଅପରାହ୍ନ ୩ରୁ ୫ ଖୋଲା ରହିବ**
- **ସବୁ ସମୟରେ ଔଷଧ ଦୋକାନ ଖୋଲିବ**

## ଲକ୍ ଡାଉନ ନିୟମକୁ ଉଲ୍ଲଂଘନ: ୧୯ ଜଣଙ୍କ ନାଁରେ ମାମଲା

ପୁରୀ ଅଫିସ,୨୫।୩

କରୋନା ମୁକାବିଲା ନେଇ ସମଗ୍ର ଦେଶରେ ଲକ୍ ଡାଉନ ଘୋଷଣା ହୋଇଛି। ହେଲେ ଏହି ସମୟରେ କେତେକ ଲୋକଙ୍କର କୌଣସି କାମ ନ ଥିଲେ ମଧ ବାହାରେ ବୁଲାବୁଲି କରୁଛନ୍ତି। ଲକ୍‌ଡାଉନ ନିୟମ ଉଲ୍ଲଂଘନ କରିଥିବାରୁ ବୁଧବାର ପୁରୀ ପୋଲିସ ୧୯ଜଣଙ୍କ ନାମରେ ମାମଲା ରୁଜୁ କରିବା ସହ ୭୫ଟି ବାଇକ୍ ଜବତ କରିଛି।

ପୁରୀସହରର ୭ଟିଥାନାକୁ ଜୋନ ଓ ସେକ୍ଟରରେ ବିଭକ୍ତ କରାଯାଇଛି। ୨୦ଟି ପାଟ୍ରୋଲିଂ ଗାଡ଼ି ବୁଲୁଛି। ୪ଟି ସ୍ଥାନରେ ନୋ କ୍ରସିଂ ପଏଣ୍ଟ ହୋଇଛି। ୨୨ଟି ସ୍ଥାନରେ ନାକାବନ୍ଦୀ କରାଯାଇଛି। ଏକାକୀ ରହୁଥିବା ବୃଦ୍ଧା ବା ବୃଦ୍ଧ ଅଥବା ବୃଦ୍ଧ ଦମ୍ପତି ନାମ ପଞ୍ଜୀକରଣ କଲେ ସ୍ୱେଚ୍ଛାସେବୀମାନଙ୍କ ଜରିଆରେ ସେମାନଙ୍କୁ ସହଯୋଗ ଯୋଗାଇ ଦିଆଯାଉଛି। ୟୁଥ୍ ଫର୍ ବେଟର୍ ପୁରୀର ସ୍ୱେଚ୍ଛାସେବୀଙ୍କ ଜରିଆରେ ଔଷଧ ତଥା ଆବଶ୍ୟକ ଜିନିଷପତ୍ର ସେମାନଙ୍କ ପାଖରେ ପହଞ୍ଚାଯାଉଛି ବୋଲି ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି।

# ସ୍ୱତନ୍ତ୍ର କୋଭିଡ-୧୯ ହସ୍‌ପିଟାଲ ଲାଗି ପ୍ରସ୍ତାବ

ଭୁବନେଶ୍ୱର, ୨୫।୩(ବ୍ୟୁରୋ)

ରାଜ୍ୟରେ କରୋନା ଭୂତାଣୁ (କୋଭିଡ୍-୧୯)କୁ ରୋକିବା ଓ ସଂକ୍ରମିତ ରୋଗୀଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର କୋଭିଡ୍ ହସ୍‌ପିଟାଲ୍ ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରସ୍ତାବ ଦେଇଛନ୍ତି। ମନ୍ତ୍ରୀ ସ୍ୱାଇଁ ତାଙ୍କ ପ୍ରସ୍ତାବରେ ଦର୍ଶାଇଛନ୍ତି ଯେ, ସମ୍ପ୍ରତି ରାଜ୍ୟରେ କରୋନା ସଂକ୍ରମଣ ନିୟନ୍ତ୍ରଣ ଭିତରେ ରହିଛି। ତେବେ ଭବିଷ୍ୟତକୁ ଦୃଷ୍ଟିରେ ରଖି ଅଧିକ କରୋନା ସଂକ୍ରମିତଙ୍କୁ ଚିକିତ୍ସା ସୁବିଧା ଯୋଗାଇଦେବା ପାଇଁ ଏକ ସ୍ୱତନ୍ତ୍ର କୋଭିଡ୍ ହସ୍‌ପିଟାଲ୍ ସ୍ଥାପନ କରାଯାଇ ପାରିଲେ ଭଲ। କରୋନା ସଂକ୍ରମଣକୁ ସହଜରେ ରୋକାଯାଇ ପାରିବ। ଜୟଦେବ ବିହାର ନିକଟରେ ହସ୍‌ପିଟାଲ୍‌ର ସମସ୍ତ ସୁବିଧା ଥାଇ ବନ୍ଦ ହୋଇ ପଡ଼ିଥିବା ଏକ ବହୁତଳ କୋଠାକୁ ସହଜରେ ଏକ ପୂର୍ଣ୍ଣାଙ୍ଗ କୋଭିଡ୍ ହସ୍‌ପିଟାଲ୍‌ରେ ପରିଣତ କରାଯାଇପାରିବ ବୋଲି ସ୍ୱାଇଁ ପ୍ରସ୍ତାବ ଦେଇଛନ୍ତି।

## ସିଏମ୍‌ସି ପକ୍ଷରୁ ହୋମ ଡେଲିଭରି

**କଟକ ଅଫିସ,୨୫।୩:** ସମ୍ପ୍ରତି ଲକ୍‌ଡାଉନ ସମୟରେ କଟକ ମହାନଗର ନିଗମ (ସିଏମସି) ପକ୍ଷରୁ ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ହୋମ ଡେଲିଭରି ସେବା ଯୋଗାଇଦେବାକୁ ବୁଧବାର ପଦକ୍ଷେପ ନିଆଯାଇଛି। ଜନଗହଳିକୁ ନିୟନ୍ତ୍ରଣ କରିବା ପାଇଁ ଏହି ବ୍ୟବସ୍ଥା କରାଯାଇଥିବା ସିଏମସି କମିଶନର ଅନନ୍ୟା ଦାସ ସୂଚନା ଦେଇଛନ୍ତି। ଜନସାଧାରଣ ଏହି ସେବା ବିଗ୍‌ବଜାର, ରିଲାଏନ୍ସ ଫ୍ରେସ, ମେଟ୍ରୋ ସୁପର ମାର୍କେଟରୁ ପାଇପାରିବେ। ଏହିସବୁ ସ୍ଥାନର ଠିକଣା ଓ ଯୋଗାଯୋଗ ନମ୍ବର ବିଜ୍ଞପ୍ତି ମାଧ୍ୟମରେ ଅବଗତ କରାଯିବ ବୋଲି କମିଶନର କହିଛନ୍ତି।

## ୨୨ କଏଦୀ ସ୍ଥାନାନ୍ତର

**ଭଦ୍ରକ ଅଫିସ, ୨୫।୩:** ଭଦ୍ରକ ସବ୍‌ଜେଲରେ କ୍ଷମତା ଠାରୁ ପ୍ରାୟ ଦୁଇଗୁଣ କଏଦୀ ରହି ଆସୁଥିଲେ। ଜେଲ୍ ପରିସରରେ ସାମାଜିକ ଦୂରତା ପାଳନ ହେଉ ନ ଥିବା ନେଇ ଧରିତ୍ରୀରେ ଏକ ଖବର ମଙ୍ଗଳବାର ପ୍ରକାଶ ପାଇଥିଲା। ଏହା ପରେ ଜେଲ ଉଚ୍ଚ କର୍ତ୍ତୃପକ୍ଷ ବୁଧବାର ୨୨ ଜଣ କଏଦୀଙ୍କୁ ସୋର ଜେଲ୍‌କୁ ସ୍ଥାନାନ୍ତର କରିଥିବା ଜେଲ ଅଧୀକ୍ଷକ କୁଅଁର ମାରାଣ୍ଡି ସୂଚନା ଦେଇଛନ୍ତି।

## ୨୫ ଜଣଙ୍କ ନାମରେ ମାମଲା

**ଅନୁଗୋଳ ଅଫିସ, ୨୫।୩:** କରୋନା ସଂକ୍ରମଣକୁ ରୋକିବା ପାଇଁ ପୂରା ଦେଶକୁ ଲକ୍‌ଡାଉନ ଘୋଷଣା କରାଯାଇଥିଲେ ହେଁ ଅନୁଗୋଳ ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ଏହି କଟକଣା ଉଲ୍ଲଂଘନ କରାଯାଉଥିବା ଦେଖାଯାଉଛି। ଜରୁରୀ କାମ ନ ଥିଲେ ବି ଅନେକ ଲୋକ ବାଇକ୍, ସାଇକେଲ୍ ଧରି ରାସ୍ତାକୁ ଆସି ବୁଲାବୁଲି କରୁଥିବାରୁ ପୋଲିସ କଠୋର ପଦକ୍ଷେପ ନେବା ଆରମ୍ଭ କରିଛି। ଏପରି ଆଇନ ଉଲ୍ଲଂଘନକାରୀ ୨୫ ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି। ଜରପଡ଼ା ଥାନାରେ ୨, ପାଲଲହଡା ଥାନାରେ ୨, ବଣ୍ଡରପାଳ ଥାନାରେ ୫, କଣିହାଁ ଥାନାରେ ୧ ଏବଂ ଅନୁଗୋଳ ଥାନାରେ ୧୫ ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଛି। ସେମାନଙ୍କ ନିକଟରୁ ୧୧ଟି ବାଇକ୍ ମଧ ଜବତ କରାଯାଇଛି।

## ଏନ୍‌ଫୋର୍ସମେଣ୍ଟ ଟିମ୍‌କୁ ପଥର ମାଡ଼

**ସୋନପୁର,୨୫।୩(ନି.ପ୍ର.):** ସୁବର୍ଣ୍ଣପୁର ଜିଲା ରାମପୁର ପୋଲିସ-ମାଜିଷ୍ଟ୍ରେଟ୍ ଏନ୍‌ଫୋର୍ସମେଣ୍ଟ ଟିମ୍ ଗଜବନ୍ଧ ରାସ୍ତାରେ ବୁଧବାର ଲକ୍‌ଡାଉନ୍ ସ୍ଥିତିଅନୁଧ୍ୟାନ କରୁଥିଲା। ଏହିସମୟରେ ଚାନ୍ଦିଲିକେନାଲ ଛକରେ କେତେକ ଲୋକ ଏକତ୍ରିତ ହୋଇଥିଲେ। ପୋଲିସ ସେମାନଙ୍କୁ ବାରଣ କରି ଆଗକୁ ଯାଇଥିଲା। ଫେରିବା ସମୟରେ ସ୍ଥାନୀୟ ଯୁବକ ମୀନକେତନ ଭୋଇ ପୋଲିସକୁ ଗାଳିଗୁଲଜ କରି ହତ୍ୟା ଧମକ ଦେବା ସହ ଭ୍ୟାନ୍ ଉପରକୁ ପଥର ମାଡ କରିଥିଲେ। ଏଥିରେ ପୋଲିସ କନଷ୍ଟେବଳ କ୍ଷୀତିପତି ଭୁଏ ଆହତ ହୋଇଛନ୍ତି। ରାମପୁର ଆଇଆଇସି ଭାନୁଶେଖର ଯାଦବ ଓ ଭାରପ୍ରାପ୍ତ ତହସିଲଦାର ଶ୍ୱେତପଦ୍ମା ଯୋଶୀ ଏହି ଏନଫୋର୍ସମେଣ୍ଟ ଟିମ୍‌ର ନେତୃତ୍ୱ ନେଉଥିଲେ। ଭାରପ୍ରାପ୍ତ ତହସିଲଦାର ଜୋଶୀଙ୍କ ଲିଖିତ ଅଭିଯୋଗକ୍ରମେ ରାମପୁର ଥାନାରେ ଏକ ମାମଲା ରୁଜୁ ହୋଇଛି।

# ଚାଲିଚାଲି ଘରକୁ ଫେରୁଛନ୍ତି ଛାତ୍ରୀଛାତ୍ର

ରାୟଗଡ଼ା ଅଫିସ/ଜୟପୁର,୨୫।୩(ନି.ପ୍ର.)


ହଷ୍ଟେଲରୁ ଚାଲିଚାଲି ରାୟଗଡ଼ା ଫେରୁଛନ୍ତି ଛାତ୍ରୀଛାତ୍ର।

କରୋନା ଭାଇରସକୁ ଦୃଷ୍ଟିରେ ରଖି ରାୟଗଡ଼ା ଜିଲାର ସମସ୍ତ ହଷ୍ଟେଲରେ ଥିବା ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଘରକୁ ପଠାଉଛି ପ୍ରଶାସନ। ଅଭିଭାବକମାନେ ନିଜେ ଗାଡ଼ି ବ୍ୟବସ୍ଥା କରି ପିଲାଙ୍କୁ ନେବା ପାଇଁ କୁହାଯାଇଛି। କିନ୍ତୁ ଯାନବାହନ ଚଳାଚଳ ବନ୍ଦ ଥିବା ଯୋଗୁ ଅଭିଭାବକମାନେ ଗାଡ଼ି ବ୍ୟବସ୍ଥା କରିବାରେ ସମସ୍ୟା ଉପୁଜିଛି। ଫଳରେ ପିଲାମାନେ ହଷ୍ଟେଲ ଛାଡ଼ି ଚାଲିଚାଲି ଘରକୁ ଫେରୁଛନ୍ତି। ରାୟଗଡ଼ା ଜିଲାର ପିତାମହଲ, ଥେରୁବାଲି, କଲ୍ୟାଣସିଂହପୁର, ମୁକୁନ୍ଦପୁରସ୍ଥିତ ଆଶ୍ରମ ବିଦ୍ୟାଳୟ, ସିରିଗୁଡ଼ାସ୍ଥିତ ଏକଲବ୍ୟ ସ୍କୁଲ, ପେଣ୍ଠା ହାଇସ୍କୁଲର ୨୫ରୁ ଊର୍ଦ୍ଧ୍ୱ ପିଲା ନିଜ ଘରକୁ ଯିବା ପାଇଁ ସକାଳେ ଚାଲିଚାଲି ବାହାରିଥିଲେ। ଆଇଟିଡିଏ ୨ ବ୍ୟାଚ୍ ପିଲାଙ୍କୁ ଦୁଇଟି ଅଟୋରେ ସେମାନଙ୍କ ଘରକୁ ପଠାଇ ଥିବାବେଳେ ବଳକା ପିଲା ଗାଡ଼ି ନ ଥିବାରୁ କିଏ ହଷ୍ଟେଲ୍‌ରୁ ୧୨ କିମି ଦୂର ତ ଆଉ କିଏ ୫ କିମି ଦୂର ଚାଲି ଚାଲି ରାୟଗଡ଼ାକୁ ଆସିଥିଲେ। କିନ୍ତୁ ଘରକୁ ଯାଇ ନ ପାରି ସେଠାରେ ଅପେକ୍ଷା କରିଥିଲେ। ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଟୁକୁ ବାରିକ କହିଛନ୍ତି, ଅଭିଭାବକଙ୍କୁ କୁହାଯାଇଥିଲେ ମଧ ସେମାନେ ଗାଡ଼ି ବ୍ୟବସ୍ଥା କରିନାହାନ୍ତି। ଜିଲାରେ ବିଭିନ୍ନ ଆଶ୍ରମ ବିଦ୍ୟାଳୟରେ ପ୍ରାୟ ୫୦ ହଜାର ୯ଶହ ଛାତ୍ରୀଛାତ୍ର ଥିବାବେଳେ ସକାଳେ ପ୍ରାୟ ୧୨ ହଜାରରୁ ଊର୍ଦ୍ଧ୍ୱ ପିଲା ଘରକୁ ଫେରିଛନ୍ତି। ଅନ୍ୟ ପିଲାମାନଙ୍କ ଯିବା ବ୍ୟବସ୍ଥା ମଧ କରାଯିବ। ସେହିପରି ଆନ୍ଧ୍ର ଓ ଛତିଶଗଡ଼ ସୀମାକୁ ସଂଯୋଗ କରୁଥିବା କୋରାପୁଟ ଜିଲାର ପ୍ରବେଶ ପଥ ପଟ୍ଟାଙ୍ଗି, ବନ୍ଧୁଗାଁ, ପାଡୁଆ, ଚାନ୍ଦିଲିକୁ ସିଲ୍ କରିଛି ପୋଲିସ। ଜୟପୁର, କୋରାପୁଟ, ସେମିଳିଗୁଡ଼ା, ଲକ୍ଷ୍ମୀପୁର, କୋଟପାଡ଼ ଓ ବୋରିଗୁମ୍ମା ସହର ପୋଲିସ କର୍ଡନ୍‌ରେ ରହିଛି। କରୋନା ପାଇଁ ମଙ୍ଗଳ ବିଭାଗ ଅଧୀନ ୫୬୦ ହଷ୍ଟେଲରୁ ପ୍ରାୟ ୫୦ ହଜାର ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଅଭିଭାବକଙ୍କୁ ହସ୍ତାନ୍ତର କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। କିନ୍ତୁ ଯାନବାହନ ଚଳାଚଳ ବନ୍ଦ ଥିବାରୁ ଛାତ୍ରୀଛାତ୍ର ଓ ଅଭିଭାବକ ଦୂର ଅଞ୍ଚଳକୁ ଯିବାରେ ସମସ୍ୟା ସୃଷ୍ଟି ହୋଇଛି।

## ସହର ଛାଡ଼ି ଲୋକେ ଗାଁ ମୁହାଁ
### ପିଲା ଛୁଆ ଧରି ଚାଲି ଚାଲି ଯାଉଛନ୍ତି

**ଖୋର୍ଦ୍ଧା ଅଫିସ, ୨୫।୩ :** କରୋନା ଭୂତାଣୁ ସଂକ୍ରମଣର ମୁକାବିଲା ଲାଗି ମଙ୍ଗଳବାର ମଧ ରାତିରୁ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ଦେଶକୁ ଲକ୍‌ଡାଉନ କରିଛନ୍ତି। ସରକାରଙ୍କ ପକ୍ଷରୁ ସମସ୍ତ ଜିଲାକୁ ବସ ଚଳାଚଳ ବନ୍ଦ ରହିଛି। ରାଜ୍ୟର ବିଭିନ୍ନ ସ୍ଥାନରେ ରହିଥିବା ଲୋକେ ନିଜ ଗାଁକୁ ଯିବାକୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବୁଧବାର ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ମହିଳାପୁରୁଷ, ପିଲାଛୁଆ ଧରି ଖରାରେ ଚାଲି ଚାଲି ଖୋର୍ଦ୍ଧାରୁ ନୟାଗଡ଼ ଅଭିମୁଖେ ଯାଉଥିବା ଦେଖିବାକୁ ମିଳିଛି। ନୂଆ ବସଷ୍ଟାଣ୍ଡ ନିକଟରେ ପୋଲିସ ସେମାନଙ୍କୁ ଅଟକାଇ ପଚରାଉଚୁରା କରିଥିଲା। ଏ ନେଇ ଜିଲାପାଳ ସିତାଂଶୁ ରାଉତ କୁହନ୍ତି, ସମଗ୍ର ରାଜ୍ୟରେ ଲକ୍‌ଡାଉନ ଜାରି ରହିଛି। ବାରମ୍ବାର ଅନୁରୋଧ ସତ୍ତ୍ୱେ ଲୋକେ ଆତଙ୍କିତ ହୋଇ ସହର ଛାଡି ଗାଁ ମୁହାଁ ହେଉଛନ୍ତି। ଭୁବନେଶ୍ୱରରେ ରହିଥିବା ନୟାଗଡ ବାସିନ୍ଦା ଘରକୁ ଫେରିଯିବା ଲାଗି ଚାଲି ଚାଲି ଆସୁଥିବା ଖବର ପାଇଛି। ଏ ସମ୍ପର୍କରେ ସରକାରଙ୍କ ସହ ଆଲୋଚନା କରାଯିବ ବୋଲି ଜିଲାପାଳ ରାଉତ କହିଛନ୍ତି।



> ଆମେରିକା ଫେଡେରାଲ ରିଜର୍ଭର ପଦକ୍ଷେପକୁ ନିବେଶକମାନେ ଏବେ ନଜରରେ ରଖିଛନ୍ତି। ଭାରତ ସରକାର ମଧ୍ୟ କିଛି ପଦକ୍ଷେପ ନେବା ନେଇ ନିବେଶକ ସକାରାତ୍ମକ ମନୋଭାବ ରଖିଛନ୍ତି, ଯାହାର ପ୍ରତିଫଳନ ଶେୟାର ବଜାର ଉପରେ ପଡ଼ିଛି।
>
> –ଅଜିତ ମିଶ୍ର, ଉପସଭାପତି, ରେଲିଗାରେ ବ୍ରୋକିଂ



> କରୋନା ପ୍ରଭାବରେ ବେସାମରିକ ବିମାନ ଚଳାଚଳ କ୍ଷେତ୍ର ଗଭୀର କ୍ଷତିଗ୍ରସ୍ତ ହୋଇଛି। କମ୍ପାନୀର ସବୁ କର୍ମଚାରୀଙ୍କ ମାର୍ଚ୍ଚ ମାସ ବେତନ ହ୍ରାସ କରାଯିବାକୁ ନିଷ୍ପତ୍ତି ହୋଇଛି।
>
> –ବିନୟ ଦୁବେ, ଗୋଏୟାର ସିଇଓ

# ଆସିପାରେ ୧.୫ ଲକ୍ଷ କୋଟିର ପ୍ୟାକେଜ

**ନୂଆଦିଲ୍ଲୀ,୨୫।୩**

କରୋନା ଭାଇରସ ଲାଗି ସାରା ଦେଶ ଏବେ ଲକ୍‌ଡାଉନ ହୋଇଛି। ଦେଶର ଆର୍ଥିକ କାର୍ଯ୍ୟକଳାପ ଏବେ ବନ୍ଦ ପାଇଁ ଠପ୍ ହୋଇଯାଇଛି। କରୋନା ପାଇଁ ଅର୍ଥ ବ୍ୟବସ୍ଥା ସାମ୍ନା କରୁଥିବା ଅସୁବିଧାର ସମାଧାନ ଲାଗି ସରକାର ଆର୍ଥିକ ପ୍ୟାକେଜ ପ୍ରଦାନ କରିବା ପ୍ରାୟ ସ୍ପଷ୍ଟ ହୋଇଛି। କେନ୍ଦ୍ର ସରକାର ପ୍ରାୟ ୧୯.୫ ବିଲିୟନ ଡଲାର ବା ୧.୫ ଲକ୍ଷ କୋଟି ଟଙ୍କାର ସହାୟତା ପ୍ୟାକେଜ ପ୍ରଦାନ କରିପାରନ୍ତି। କରୋନା ବିରୋଧୀ ଲଢେଇକୁ ଜାରି ରଖିବା ସହ ସରକାର ଏଭଳି ପଦକ୍ଷେପ ନେଇ ପାରନ୍ତି ବୋଲି ପ୍ରକ୍ରିୟା ସହ ଜଡିତ ୨ ବରିଷ୍ଠ ଅଧିକାରୀ ରୟଟର୍ସକୁ ସୂଚନା ଦେଇଛନ୍ତି। ଆର୍ଥିକ ପ୍ୟାକେଜର ରୂପରେଖ କିଭଳି ହେବ ସେ ନେଇ ଏବେ ଚୂଡାନ୍ତ ନିଷ୍ପତ୍ତି ହୋଇନାହିଁ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ରେ ଏ ନେଇ ଆଲୋଚନା ଜାରି ରହିଛି। ଏହି ପ୍ରକ୍ରିୟାରେ ଅର୍ଥ ମନ୍ତ୍ରଣାଳୟ ଏବଂ ରିଜର୍ଭ ବ୍ୟାଙ୍କ ଜଡିତ ଥିବା ଅଧିକାରୀ ସୂଚନା ଦେଇଛନ୍ତି।

ପ୍ରକ୍ରିୟା ସହ ଜଡିତ ଅନ୍ୟ ଜଣେ ବରିଷ୍ଠ ସରକାରୀ ଅଧିକାରୀ କହିଛନ୍ତି ଯେ, ଏହି ପ୍ୟାକେଜ ୨.୩ ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ବଢିପାରେ। ପ୍ୟାକେଜ ନେଇ ଏବେ ବ୍ୟାପକ ଆଲୋଚନା ପର୍ଯ୍ୟାଲୋଚନା ଜାରୀ ରହିଛି। ଚଳିତ ସପ୍ତାହ ଶେଷ ସୁଦ୍ଧା ଏ ନେଇ ଚୂଡାନ୍ତ ଘୋଷଣା କରାଯାଇପାରେ। ୧୦୦ ନିୟୁତ ଗରିବ ପରିବାର ଏବଂ ତାଲାବନ୍ଦ ଫଳରେ ଗଭୀର କ୍ଷତିଗ୍ରସ୍ତ କ୍ଷେତ୍ରଗୁଡିକୁ ସରାକର ପ୍ରତ୍ୟକ୍ଷ ଭାବେ ସହାୟତା କରିବା ନେଇ ଯୋଜନା ରଖିଛନ୍ତି। ଲୋକଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ଅର୍ଥ ପଠାଇବା ନେଇ ବ୍ୟବସ୍ଥା କରାଯିବ ବୋଲି ଆଲୋଚନା ହେଉଛି। ବୁଧବାର ତାଲାବନ୍ଦ ଯୋଗୁ ଦେଶର ୧୩୦ କୋଟି ଲୋକ ଏବେ ଘରେ ରହୁଛନ୍ତି। ଅତ୍ୟାବଶ୍ୟକ ନ ହେଲେ ବାହାରକୁ ଯିବାରେ ଲୋକଙ୍କ ଲାଗି କଟକଣା ଜାରି କରାଯାଇଛି। କରୋନାରେ ସାରା ଦେଶରେ ୫୬୨ ବ୍ୟକ୍ତିବିଶେଷ ସଂକ୍ରମିତ ହୋଇଥିବା ବେଳେ ଦକ୍ଷିଣ ଏସିଆର ଦେଶ ଗୁଡିକରେ ଅନେକ ଲୋକଙ୍କର ଜୀବନ ହାନି ଏଥିରେ ହୋଇଛି।

ଏହାବାଦ ସରକାର ୨୦୨୦-୨୧ ଆର୍ଥିକ ବର୍ଷରେ ସରକାର ତାଙ୍କ ଋଣ ଯୋଜନାକୁ ବୃଦ୍ଧି କରିଛନ୍ତି। ବର୍ତ୍ତମାନର ଯୋଜନା ମୁତାବକ ସରକାରଙ୍କ ମୋଟ ଋଣ ପରିମାଣ ୭.୮ ଲକ୍ଷ କୋଟି ଟଙ୍କା ରହିଛି। କେତେକ ସରକାରୀ ପ୍ରତିଭୂତି କ୍ରୟ କରିବାକୁ ସରକାର କେନ୍ଦ୍ରୀୟ ବ୍ୟାଙ୍କକୁ କହିଛନ୍ତି। ଗତ ଗୋଟିଏ ଦଶନ୍ଧି ଧରି ଆର୍‌ବିଆଇ ଏଭଳି ପଦକ୍ଷେପ ଗ୍ରହଣ କରିନଥିଲା। ବିଶେଷ କରି ମୁଦ୍ରାସ୍ଫୀତି ବଢିଯିବା ଆଶଙ୍କାରେ ଏଭଳି ପଦକ୍ଷେପ ନିଆଯାଇନାହିଁ। ବିଶ୍ୱର ଅନ୍ୟ କେନ୍ଦ୍ରୀୟ ବ୍ୟାଙ୍କ ଭଳି ଆର୍‌ବିଆଇ ବଣ୍ଡ କିଣିବ ବୋଲି ଜଣେ ଅଧିକାରୀ କହିଛନ୍ତି। ସେହିଭଳି କେନ୍ଦ୍ର ସରକାର ରିଜର୍ଭ ବ୍ୟାଙ୍କର ଓଭର ଡ୍ରାଫ୍ଟ ଫାସିଲିଟି 'ୱେଜ ଆଣ୍ଡ ମିନ୍ସ' ଫାସିଲିଟିକୁ ବ୍ୟବହାର କରିପାରନ୍ତି ବୋଲି ଅନ୍ୟ ଜଣେ ଅଧିକାରୀ ମତ ରଖିଛନ୍ତି। ଏ ପ୍ରସଙ୍ଗ ଉପରେ ଅର୍ଥ ମନ୍ତ୍ରଣାଳୟ ଏବଂ ରିଜର୍ଭ ବ୍ୟାଙ୍କର ମତାମତ ଲୋଡାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳି ପାରିନାହିଁ। ସରକାର ଆର୍ଥିକ ସହାୟତା ପ୍ରଦାନ କରିବା ନେଇ ମଙ୍ଗଳବାର ଅର୍ଥମନ୍ତ୍ରୀ ସୀତାରାମନ ସୂଚନା ଦେଇଥିଲେ। ଏହା ବାଦ ଟିକସ ତଥା ଅନ୍ୟ କେତେକ କ୍ଷେତ୍ରରେ ମଧ୍ୟ ସମୟ ସୀମାକୁ କୋହଳ କରାଯାଇଛି।



**କରୋନା ଲଢ଼େଇ**

- ୨.୩ ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ବଢ଼ିପାରେ
- ବିଚାର କରୁଛି ପିଏମ୍‌ଓ
- ଚଳିତ ସପ୍ତାହ ଶେଷ ସୁଦ୍ଧା ଘୋଷଣା ହୋଇପାରେ

# ସବ୍‌ସିଡିରେ ମିଳିବ ଅତିରିକ୍ତ ୨ କେଜି ଖାଦ୍ୟଶସ୍ୟ



**ନୂଆଦିଲ୍ଲୀ,୨୫।୩**

ତାଲାବନ୍ଦ ସମୟରେ ଲୋକଙ୍କୁ ଯେଭଳି ପର୍ଯ୍ୟାପ୍ତ ପରିମାଣର ଖାଦ୍ୟଶସ୍ୟ ଉପଲବ୍ଧ ହୁଏ ସେ ପ୍ରସଙ୍ଗକୁ କେନ୍ଦ୍ର ସରକାର ଧ୍ୟାନରେ ରଖିଛନ୍ତି। ରାଶନ ଦୋକାନଗୁଡିକରେ ଲୋକଙ୍କୁ ୨ କିଲୋ ଅଧିକ ସବ୍‌ସିଡି ଖାଦ୍ୟସାମଗ୍ରୀ ପ୍ରଦାନ ରହିଥିବା ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛି। ଏହା ଫଳରେ ଲୋକଙ୍କୁ ମାସିକ ୭ କିଲୋ ସବସିଡି ଦରରେ ଖାଦ୍ୟ ସାମଗ୍ରୀ ଉପଲବ୍ଧ ହେବ। ଏହା ଦ୍ୱାରା ଦେଶର ୮୦ କୋଟି ଜନସାଧାରଣ ଲାଭବାନ ହେବେ ବୋଲି କୁହାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି ଏହି ପ୍ରସ୍ତାବ ଉପରେ ନିଷ୍ପତ୍ତି ଗ୍ରହଣ କରିଛି। ପବ୍ଲିକ ଡିଷ୍ଟ୍ରିବ୍ୟୁଶନ ସିଷ୍ଟମ ଦ୍ୱାରା ଲୋକମାନଙ୍କୁ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକର ସୂଚନା ଦେଇଛନ୍ତି। ୨୭ ଟଙ୍କାର କିଲୋ ପ୍ରତି ଗହମକୁ ରିହାତି ଦରରେ କିଲୋ ପିଛା ୨ ଟଙ୍କା ଏବଂ ଚାଉଳ କିଲୋ ପିଛା ୩ ଟଙ୍କାରେ ପ୍ରଦାନ କରାଯାଉଥିବା ସେ କହିଛନ୍ତି। ଅଗ୍ରିମ ଭାବେ ଖାଦ୍ୟ ସାମଗ୍ରୀ କେନ୍ଦ୍ରଠାରୁ ନେବା ଲାଗି ରାଜ୍ୟଗୁଡିକୁ ନିର୍ଦ୍ଦେଶ ରହିଛି।

## ଖୋଲା ରହିବ ଖାଦ୍ୟଶସ୍ୟ, ଔଷଧ ଦୋକାନ

ଲୋକମାନେ ଭୟଭୀତ ନ ହୋଇ ସାମଗ୍ରୀ କିଣିବାକୁ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର ନିବେଦନ କରିଛନ୍ତି। ଲକ୍‌ଡାଉନ ସମୟରେ ଖାଦ୍ୟଶସ୍ୟ, ଔଷଧ ସମେତ ଅତି ଦରକାରୀ ସାମଗ୍ରୀଗୁଡିକର ଦୋକାନ ଖୋଲା ରହିବ ବୋଲି ସେ ସୂଚନା ଦେଇଛନ୍ତି। କଳାବଜାରକାରୀ ଏବଂ ମହଜୁଦକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜାଭଡେକର ସ୍ପଷ୍ଟ କରିଛନ୍ତି। ଲକଡାଉନ ସମୟରେ ଲୋକମାନେ ଯେଭଳି ଅତିଆବଶ୍ୟକ ସାମଗ୍ରୀ ଲାଗି କୌଣସି ଅସୁବିଧାର ସାମ୍ନା ନ କରନ୍ତି ସେ ଦିଗରେ କେନ୍ଦ୍ର ଏବଂ ରାଜ୍ୟ ସମନ୍ୱୟ ରକ୍ଷା କରୁଛନ୍ତି ବୋଲି ସେ ସ୍ପଷ୍ଟ କରିଛନ୍ତି।

## ଆର୍‌ଆର୍‌ବିକୁ ମିଳିବ ୧୩୪୦ କୋଟି

ସାରା ଦେଶରେ ରହିଥିବା ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ(ଆର୍‌ଆର୍‌ବି)ଗୁଡିକୁ ସରକାର ଅଧିକ ପୁଞ୍ଜି ପ୍ରଦାନ କରିବେ। ସିସିଇଏ ବୁଧବାର ଆର୍‌ଆର୍‌ବିଗୁଡିକୁ ୧୩୪୦ ପୁନଃ ପୁଞ୍ଜିପ୍ରଦାନକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଆର୍‌ଆର୍‌ବିଗୁଡିକର ସ୍ଥିତିକୁ ଉନ୍ନତ କରିବା ଦିଗରେ ଏଭଳି ପଦକ୍ଷେପ ନେବାକୁ ସରକାର ସୂଚନା ଦେଇଛନ୍ତି। ଏହି ପୁଞ୍ଜି ମଧ୍ୟରୁ ସରକାର ୬୭୦ କୋଟି ଟଙ୍କା ବ୍ୟବସ୍ଥା କରିଥିବା ବେଳେ ବ୍ୟାଙ୍କଗୁଡିକ ପକ୍ଷରୁ ୬୭୦ କୋଟି ବ୍ୟବସ୍ଥା କରାଯାଇଛି।

## ପୋଷାକ କ୍ଷେତ୍ରକୁ ଟିକସ ରିହାତି

ଆପାରେଲ ରପ୍ତାନିକାରୀ ଏବଂ ମେଡ୍‌ଅପ୍ ରପ୍ତାନିକାରୀଙ୍କୁ ପ୍ରୋତ୍ସାହନ ପ୍ରଦାନ କରିବା ଲାଗି କେନ୍ଦ୍ର କ୍ୟାବିନେଟ ପକ୍ଷରୁ ଟିକସ ରିହାତି ଅବଧି ବୃଦ୍ଧି ସମ୍ପର୍କରେ ଘୋଷଣା କରାଯାଇଛି। କେନ୍ଦ୍ର କ୍ୟାବିନେଟ ଏହାକୁ ବୁଧବାର ମଞ୍ଜୁରୀ ପ୍ରଦାନ କରିଛି। ଏପ୍ରିଲ ୧ ପରଠାରୁ ଏ କ୍ଷେତ୍ରରେ ଟିକସ କୋହଳ ବ୍ୟବସ୍ଥା ହୋଇଛି।

# ୧୮୬୧ ପଏଣ୍ଟ ବଢ଼ିଲା ସେନ୍‌ସେକ୍ସ

**ମୁମ୍ବାଇ,୨୫।୩**

ଭାରତୀୟ ପୁଞ୍ଜିବଜାରର ସେନ୍‌ସେକ୍ସ ଏବଂ ନିଫ୍ଟି କାରବାରରେ ବୁଧବାର ଉଲ୍ଲେଖନୀୟ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି। ଏହି ସମୟରେ ସେନ୍‌ସେକ୍ସ ସର୍ବାଧିକ ଦୈନିକ ଅଭିବୃଦ୍ଧି ହାସଲ କରିବାକୁ ସକ୍ଷମ ହୋଇଛି। ବିଶ୍ୱ ଶେୟାର ବଜାରରେ କିଛିଟା ଉନ୍ନତି ଏବଂ ସରକାରଙ୍କ ସହାୟତା ପ୍ୟାକେଜ ଆଶାରେ ଶେୟାର ବଜାରରେ ଏଭଳି ଉନ୍ନତି ପରିଲକ୍ଷିତ ହୋଇଛି। ବୁଧବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ ୧୮୬୧.୭୫ ପଏଣ୍ଟ (୬.୯୮%) ବୃଦ୍ଧି ଘଟିବା ସହ ୨୮,୫୩୫.୭୮ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ସେହିଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ)ର ସୂଚକାଙ୍କ ୫୧୬.୮୦ ପଏଣ୍ଟ ବା ୬.୬୨% ବଢିବା ଯୋଗୁ ଏହା ୮୩୧୭.୮୫ ସ୍ତରରେ କାରବାର ବନ୍ଦ ହୋଇଛି। ଆମେରିକା ଅର୍ଥ ବ୍ୟବସ୍ଥାକୁ ୨ ଲକ୍ଷ କୋଟି ଡଲାର ସହାୟତା ପ୍ୟାକେଜ ପ୍ରଦାନ କରିବା ନେଇ ସେଠାକାର ସିନେଟ ଏବଂ ହ୍ୱାଇଟ ହାଉସ ମଞ୍ଜୁରୀ ପ୍ରଦାନ କରିଛି। କରୋନା ପ୍ରଭାବକୁ କମ୍ କରିବା ଲାଗି ସରକାର ଦୃଢ ପଦକ୍ଷେପ ଗ୍ରହଣ କରିବେ ବୋଲି ବଜାରର ନିବେଶକମାନେ ଆଶାବାଦୀ ରହିଛନ୍ତି। ଏହି ସମୟରେ ସାଂଘାଇ, ହଂକଂ, ଟୋକିଓ ଏବଂ ସିଓଲର ଶେୟାର ବଜାରରେ କାରବାର ପ୍ରାୟ ୮% ବଢିଛି। ସେହିଭଳି ୟୁରୋପର ଶେୟାର କାରବାର ଏହି ସମୟରେ ୪% ବୃଦ୍ଧି ଘଟିଥିବା ନଜରକୁ ଆସିଛି। ଅନ୍ତର୍ଜାତୀୟ ଅଶୋଧିତ ତୈଳ ବଜାରରେ ବ୍ରେଣ୍ଟ ଫିଚର ୦.୦୦୭ ବୃଦ୍ଧି ଘଟି ବ୍ୟାରେଲ ପିଛା ୨୭.୧୭ ଡଲାର ରହିଛି।

- ସର୍ବାଧିକ ଦୈନିକ ଅଭିବୃଦ୍ଧି
- ଆମେରିକା ଅର୍ଥ ବ୍ୟବସ୍ଥାକୁ ୨ ଲକ୍ଷ କୋଠିଟି ଡଲାର ପ୍ୟାକେଜ
- ବିଶ୍ୱ ସ୍ତରର ଶେୟାର କାରବାରରେ ଉନ୍ନତି



# ଘରେ କ୍ୟାଶ୍ ପହଞ୍ଚାଇବେ ବ୍ୟାଙ୍କ

**ନୂଆଦିଲ୍ଲୀ,୨୫।୩**

ଏବେ ବାହାରକୁ ଯିବା ଲାଗି କଟକଣା ଲାଗୁ କରାଯାଇଛି। ଲକ୍‌ଡାଉନ ଯୋଗୁ ବାହାରକୁ ବାହାରିବାକୁ ଅସୁବିଧା ହେଉଥିବାରୁ ନଗଦ ଲାଗି ସମସ୍ୟା ଉପୁଜିବାର ଆଶଙ୍କା ରହିଛି। ଏଟିଏମ୍‌କୁ କ୍ୟାଶ ଆଣିବା ଲାଗି କୌଣସି କଟକଣା ନ ଥିବା ବେଳେ ଯଦି ଆଖପାଖରେ ଏଟିଏମ୍ ନାହିଁ ତେବେ ଲୋକଙ୍କର ଅସୁବିଧା ବଢିଯାଏ। ଏହି ସମୟରେ ବ୍ୟାଙ୍କ ଲୋକଙ୍କ ନିକଟରେ ନଗଦ ପହଞ୍ଚାଇବା ନେଇ ସହାୟତା କରିପାରିବେ। ଲକ୍‌ଡାଉନ ସମୟରେ ଏସ୍‌ବିଆଇ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, କୋଟାକ ମହିନ୍ଦ୍ରା ବ୍ୟାଙ୍କ, ଆକ୍ସିସ ବ୍ୟାଙ୍କ ଗ୍ରାହକଙ୍କୁ କ୍ୟାଶ ଡେଲିଭରି ସୁବିଧା ପ୍ରଦାନ କରୁଛନ୍ତି। ଏସ୍‌ବିଆଇ ଗ୍ରାହକଙ୍କ ନିକଟରେ ଅର୍ଥ ପହଞ୍ଚାଉଥିବା ବେଳେ ଗ୍ରାହକଙ୍କଠାରୁ ଟଙ୍କା ଜମା ନେବାର ସୁବିଧା ମଧ୍ୟ ଦେଉଛି। ଏଥିଲାଗି ବ୍ୟାଙ୍କ ୧୦୦ ଟଙ୍କା ଆରମ୍ଭ ମୂଲ୍ୟରୁ ଚାର୍ଜ ନେଇଛି। ଏହି ସୁବିଧା ମୁତାବକ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ୫ରୁ ୨୫ ହଜାର ଟଙ୍କା ଡେଲିଭରି ଦେବାର ସୁବିଧା କରିଛି। ଏଥି ଲାଗି ବ୍ୟାଙ୍କ ୧୦୦ରୁ ୨୦୦ ଟଙ୍କା ଚାର୍ଜ ନେଉଛି। ଆକ୍ସିସ ଏବଂ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଏହି ସୁବିଧା ମଧ୍ୟ ପ୍ରଦାନ କରୁଛନ୍ତି। ଏଥି ଲାଗି ବ୍ୟାଙ୍କଗୁଡିକ ନିର୍ଦ୍ଦିଷ୍ଟ ଚାର୍ଜ ମଧ୍ୟ ନେଉଥିବା ସୂଚନା ରହିଛି।

**ଏଟିଏମ୍ ଯିବାକୁ ପଡ଼ିବନି**




**ଖଲ୍ଲିକୋଟ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା**

**ନିବେଦନ** ୧) ପରିଷଦର ଟିକସ, ଗୃହ ଟିକସ, ଦୋକାନ ଭଡା ଯଥା ସମୟରେ ଜମାକରିବା ସହ ବ୍ୟବସାୟ ପ୍ରତିଷ୍ଠାନର ପଞ୍ଜୀକରଣ କରାଇନିଅନ୍ତୁ। ୨) ପରିଷଦରୁ ଗୃହ ନକ୍ସା ମଞ୍ଜୁର ହେଲା ପରେ ଘର ତିଆରି କରନ୍ତୁ। ୩) ଜନ୍ମମୃତ୍ୟୁ ପଞ୍ଜୀକରଣ ଠିକ୍ ସମୟରେ କରାଇ ନିଅନ୍ତୁ। ୪) ଅଳିଆ ଆବର୍ଜନା ଏଣେତେଣେ ନ ପକାଇ ଶୁଖିଲା ଅଳିଆ ଓ ଓଦା ଅଳିଆ ପୃଥକ କରି ରଖି ପରିଷଦ ତରଫରୁ ନିଯୁକ୍ତ ଗାଡିରେ ପକାନ୍ତୁ ଓ ସ୍ୱଚ୍ଛ ଭାରତ ଅଭିଯାନରେ ସାମିଲ ହୁଅନ୍ତୁ। ୫) ରାସ୍ତା ଉପରେ ଘର ତିଆରି ସାମଗ୍ରୀ ଯଥା-ଗୋଡି, ବାଲି, ଇଟା ଓ ପଥର ଇତ୍ୟାଦି ଜମା କରନ୍ତୁ ନାହିଁ। ୬) ଗୃହପାଳିତ ପଶୁ ଯଥା-ଗାଈ ଗୋରୁ, ଘୁଷୁରି ଇତ୍ୟାଦିଙ୍କୁ ପଦାକୁ ଖୋଲାରେ ଛାଡନ୍ତୁ ନାହିଁ। ୭) ପଲିଥିନ୍ ବ୍ୟବହାର କରନ୍ତୁ ନାହିଁ ଓ ପରିବେଶ ପ୍ରଦୂଷଣରୁ ବଞ୍ଚିତ ହୁଅନ୍ତୁ। ୮) ବିଶୁଦ୍ଧ ପାନୀୟ ଜଳ ବ୍ୟବହାର କରନ୍ତୁ।

**ଶ୍ରୀ ରାମଚନ୍ଦ୍ର ମିଶ୍ର, ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଲ୍ଲିକୋଟ**

# ଫସି ରହିଛନ୍ତି ୫ ଲକ୍ଷ ଟ୍ରକ୍ ଡ୍ରାଇଭର

**ନୂଆଦିଲ୍ଲୀ,୨୫।୩**

କୋଭିଡ ଲକ୍‌ଡାଉନ ପାଇଁ କଟକଣା ଜୋର୍‌ଦାର ହୋଇଛି। ଆନ୍ତଃରାଜ୍ୟ ପରିବହନରେ ରହିଥିବା ଟ୍ରକଗୁଡିକ ଏଥି ଲାଗି ବିଭିନ୍ନ ରାଜ୍ୟ ତଥା ସୀମାଗୁଡିକରେ ଏବେ ହଜାର ହଜାର ସଂଖ୍ୟାରେ ଛିଡା ହୋଇ ରହିଛନ୍ତି। ଲକ୍‌ଡାଉନ ଲାଗି ସେମାନଙ୍କୁ ଆଗକୁ ଯିବା ଲାଗି ଅନୁମତି ମିଳୁନାହିଁ। ଇଣ୍ଡିଆନ ଫାଉଣ୍ଡେଶନ ଅଫ୍ ଟ୍ରାନ୍ସପୋର୍ଟ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ (ଆଇଏଫ୍‌ଟିଆର୍‌ଟି) ଆକଳନ ମୁତାବକ ଏବେ ଏହି ଭଳି ଭାବେ ସାରା ଦେଶରେ ୫ ଲକ୍ଷ ଟ୍ରକ ଡ୍ରାଇଭର ଏବଂ ହେଲପର ଫସି ରହିଛନ୍ତି। ଫଳରେ ସେମାନଙ୍କ ଖାଦ୍ୟ ପାନୀୟ କ୍ଷେତ୍ରରେ ବିଭିନ୍ନ ଅସୁବିଧା ଉପୁଜିଥିବା ଜଣାପଡିଛି। ରାଜ୍ୟର ସୀମା ଏବଂ ଚେକ୍ ପୋଷ୍ଟଗୁଡିକୁ ବନ୍ଦ କରାଯିବା ଫଳରେ ଏଭଳି ସ୍ଥିତି ସାମ୍ନାକୁ ଆସିଛି। ଅତି ଆବଶ୍ୟକ ସାମଗ୍ରୀ ନେଉଥିବା ଟ୍ରକଗୁଡିକ ମଧ୍ୟ ଫସି ରହିଛି। ଫଳରେ ଏହା ସମସ୍ୟା ସୃଷ୍ଟି କରୁଛି ବୋଲି ଏହି ଏଜେନ୍ସି ପକ୍ଷରୁ କୁହାଯାଇଛି।



# କୋଭିଡ୍-୧୯ ମୁକାବିଲା ଲାଗି ଏମ୍‌ଜିଏମ୍ ଦେଲା ୧ କୋଟି

**ଭୁବନେଶ୍ୱର ୨୫/୩ (ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୋଭିଡ୍-୧୯ ମୁକାବିଲାରେ ଏମ୍‌ଜିଏମ୍ ମିନେରାଲ୍ସ ଯୋଗଦାନ ରଖିଛି। କମ୍ପାନୀ ପକ୍ଷରୁ ଏଥି ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ୩ ମାସର ଦରମା ପ୍ରଦାନ କରିବାର ପଦକ୍ଷେପ ଗ୍ରହଣ କରାଯାଇଛି। ରାଜ୍ୟର ବିଶିଷ୍ଟ ଶିଳ୍ପପତି ଏବଂ ଅନ୍ୟ ଅଂଶୀଦାରଙ୍କୁ ଏହା ଅନୁପ୍ରାଣିତ କରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ବୁଧବାର ଭୁବନେଶ୍ୱର ସ୍ଥିତ ଏମ୍‌ଜିଏମ୍ ମିନେରାଲ୍‌ସର ଅଧ୍ୟକ୍ଷ ପଙ୍କଜ ଲୋଚନ ମହାନ୍ତି ଏବଂ ପରିଚାଳନା ନିର୍ଦ୍ଦେଶକ ପଦ୍ମଲୋଚନ ମହାନ୍ତି ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧କୋଟି ଟଙ୍କା ପ୍ରଦାନ କରିଛନ୍ତି। ଆର୍.ଟି.ଜି.ଏସ୍ ମାଧ୍ୟମରେ ଏହି ଅର୍ଥ ପ୍ରଦାନ କରାଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

# ଘରେ ସାମଗ୍ରୀ ପହଞ୍ଚାଉଛି ବିଗ୍ ବଜାର

**ମୁମ୍ବାଇ,୨୫।୩**

ଲକ୍‌ଡାଉନ ଘୋଷଣା ଲାଗି ଦେଶର ପ୍ରମୁଖ ଇକମର୍ସ କମ୍ପାନୀଗୁଡିକ ସେମାନଙ୍କ ସେବାକୁ ବନ୍ଦ ଘୋଷଣା କରିଛନ୍ତି। ଏହି ସମୟରେ ପ୍ରମୁଖ ସୁପରମାର୍କେଟ ଚେନ୍ ବିଗ ବଜାର ପକ୍ଷରୁ ଘରେ ଘରେ ସାମଗ୍ରୀ ଡେଲିଭରି କରିବା ସୁବିଧା ହାତକୁ ନେଇଛି। କମ୍ପାନୀର ଏହି ସୁବିଧା ଭୁବନେଶ୍ୱର ସହ ନୂଆଦିଲ୍ଲୀ, ମୁମ୍ବାଇ, ବାଙ୍ଗାଲୋର ତଥା ଗୁରୁଗ୍ରାମ ଭଳି ସହରରେ ଉପଲବ୍ଧ ହେବ। ବୁଧବାର ଏ ନେଇ କମ୍ପାନୀ ପକ୍ଷରୁ ଏକ ବୟାନ ଜାରି କରାଯିବା ସହ ଗ୍ରାହକଙ୍କୁ ଏସ୍‌ଏମ୍‌ଏସ୍ ଦ୍ୱାରା ଅବଗତ କରାଯିବା ସହ ମୋବାଇଲ ନମ୍ବରରେ ସମ୍ପର୍କ କରିବାକୁ କୁହାଯାଇଛି। କଟକଣା ଯୋଗୁ ହୋମ ଡେଲିଭରି କିଛି ସମୟ ଅଧିକ ଲାଗିପାରେ ମାତ୍ର ଗ୍ରାହକଙ୍କ ଆବଶ୍ୟକତା ଆଧାରରେ ତ୍ୱରିତ ପଦକ୍ଷେପ ନେବାକୁ ସବୁ ସୁବିଧା କରାଯାଇଛି ବୋଲି ବିଗ୍ ବଜାର ପକ୍ଷରୁ ସୂଚନା ରହିଛି। କିଶୋର ବିୟାନୀଙ୍କ ନେତୃତ୍ୱାଧିନ ଫ୍ୟୁଚର ଗ୍ରୁପ ରାଞ୍ଚି, ଉତ୍ତରାଖଣ୍ଡ, ନଏଡା, ଗାଜିଆବାଦ, ମଧ୍ୟପ୍ରଦେଶ, ହିମାଞ୍ଚଳ ପ୍ରଦେଶ, ଜମ୍ମୁ, ପଞ୍ଜାବ, ହରିୟାଣା, ଫରିଦାବାଦ, ଗୁଜରାଟ ଏବଂ ରାଜସ୍ଥାନ ଭଳି ସହରରେ ଏହି ସେବା ଆରମ୍ଭ କରିଛି। ଇକମର୍ସ ଗ୍ରସୋରି ଆପ୍ ଗ୍ରୋଫର୍ସ, ବିଗ୍ ବାସ୍କେଟ, ଦୁଧୱାଲେ ଡଟ୍‌କମ୍‌ରୁ ଏବେ ସେବା ଉପଲବ୍ଧ ହୋଇପାରୁନାହିଁ। ସାମଗ୍ରୀ ଯୋଗାଣ ବିଳମ୍ବ ହେବା ନେଇ ଗ୍ରୋଫର୍ସ ଆମାଜନ ଗ୍ରାହକଙ୍କୁ ଅବଗତ କରାଇ ଦେଇଛନ୍ତି। ଏବେ ବିଗ୍ ବାସ୍କେଟ କେବଳ କ୍ଷୀର ଯୋଗାଣ କରୁଛି।




**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

**VINOYANA FINANCE**
VINOYANA FINANCE ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ ପର୍ସନାଲ, ପ୍ରପର୍ଟି, ବ୍ୟବସାୟ, କୃଷି, ଗୃହ, ମାର୍କଶିଟ୍, ପଶୁପାଳନ ଓ ଗ୍ରୁପ୍ ଋଣ।
7657025084
8658458039
7657027331
GANGANAN, CHHEPILIPALI, DEBAGARH

**M GROUP FINANCE COMPANY**
M GROUP ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜ୍‌ନେସ୍ ଲୋନ୍, ପ୍ରପର୍ଟି, ମାର୍କଶିଟ୍, ସାଲାରୀ ସ୍ଲିପ୍। ମହିଳାଙ୍କ ପାଇଁ 50% ରିହାତି।
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ।
9911417461
9911417764

**ହରପ୍ରୀତ କର୍ପୋରେଶନ୍ ଡିଜିଟାଲ କମ୍ପାନୀ**
ଡିଜିଟାଲ ଟାୱାର ସ୍ଥାପନ ପାଇଁ ଗ୍ରାମ ଓ ସହରରେ ଜମି/ ଛାତ/ କ୍ଷେତ ଆବଶ୍ୟକ + ଅଗ୍ରିମ 65 ଲକ୍ଷ + ଭଡ଼ା 45 ହଜାର
ଯୋଗାଯୋଗ:-
9811014559

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
**ମୁଦ୍ରା ଯୋଜନା**
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
- ବିଜିନେସ୍ ଋଣ
- ସମ୍ପତ୍ତି ଋଣ
- ମାର୍କଶିଟ୍ ଋଣ
- ଆଧାର କାର୍ଡ ଋଣ
- ବ୍ୟକ୍ତିଗତ ଋଣ
- ବିପିଏଲ୍ ଋଣ
ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
୨୫ ବର୍ଷ ଧରି ଆପଣଙ୍କ ସେବାରେ, ଲକ୍ଷେ ଲୋକଙ୍କ ଭରସା
ସମସ୍ତ ପ୍ରକାର ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
08765414481, 09126344980

**HINDUSTAN FINANCE LIMITED**
(Reg. No. 3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
**ଏକ୍ସା ଫାଇନାନ୍ସ**
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
8766320840
7982465910

DHARITRI Career appointment Every Wednesday and Saturday

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପକାନ୍ତି ତାପସୀ

ତାପସୀ ପାନ୍ନୁ ଏବେ ତାଙ୍କ ବଲିଉଡ୍ କ୍ୟାରିୟରର ପୁରୁଣା ଦିନକୁ ମନେ ପକାଉଛନ୍ତି। ହିନ୍ଦୀ ସିନେମାରେ ଅଭିନୟ କରିବା ପୂର୍ବରୁ ସେ ତାମିଲ ଏବଂ ତେଲୁଗୁ ଫିଲ୍ମରେ ଅଭିନୟ କରିଥିଲେ। ହେଲେ ସେଠାରେ ଭାଗ୍ୟ ତାଙ୍କର ସାଥ୍ ଦେଇ ନ ଥିଲା। ସେତେବେଳେ ସେଠାକାର କେତେକ ଫ୍ଲପ ଅଭିନେତାଙ୍କ ଅପୋଜିଟ୍‌ରେ ତାଙ୍କୁ କାଷ୍ଟିଂ କରାଯାଇଥିଲା। ୨୦୧୩ରେ ତାଙ୍କୁ ପ୍ରଥମେ ବଲିଉଡ୍‌ରେ ବ୍ରେକ୍ ମିଳିଥିଲା। ଫିଲ୍ମଟି ଥିଲା 'ଚସମେ ବଦ୍ଦୁର'। ପରବର୍ତ୍ତୀ ସମୟରେ ସେ ଅକ୍ଷୟ କୁମାରଙ୍କ ସହ 'ବେବି'ରେ ଅଭିନୟ କରିଥିଲେ, ଯାହା ତାଙ୍କୁ ବେଶ୍ ମାଇଲେଜ ଦେଇଥିଲା। ଅବଶ୍ୟ ଏବେ ସେହି ସମୟ ନାହିଁ। ତାମିଲ ଏବଂ ତେଲୁଗୁ ଫିଲ୍ମ ଇଣ୍ଡଷ୍ଟ୍ରିରେ ସେ ଜଣେ ଆଗଧାଡ଼ିର ଅଭିନେତ୍ରୀ। ବଲିଉଡ୍‌ର ନିଜ କ୍ୟାରିୟରକୁ ଆହୁରି ଆଗେଇ ନେବାକୁ ବେଶ୍ ସତର୍କତାର ସହ ପାଦ ପକାଇବେ ବୋଲି କହନ୍ତି ତାପସୀ।


ତାପସୀ

## ତୁମେ ମୋ ଶଂଖା ତୁମେ ମୋ ସିନ୍ଦୂର

ଚଳିତ ମାସରେ ଏ ପର୍ଯ୍ୟନ୍ତ ତିନୋଟି ସିନେମା ପରଦା ଉପରକୁ ଆସିସାରିଛି। ଏହି ତାଲିକାରେ ନିଜକୁ ସାମିଲ କରିବାକୁ ଯାଉଛି ଆଉ ଏକ ନୂଆ ଓଡ଼ିଆ ଚଳଚ୍ଚିତ୍ର, ଯାହାର ଟାଇଟଲ ରହିଛି 'ତୁମେ ମୋ ଶଂଙ୍ଖା ତୁମେ ମୋ ସିନ୍ଦୂର'। ବନସ୍ୱର୍ଣ୍ଣ ଟେଲିଭିଜନ ପ୍ରା.ଲି. ବ୍ୟାନରରେ ନିର୍ମିତ ଏହି ସିନେମାର ନାୟକ ସାଜିଛନ୍ତି ଅଭିଷେକ ରଥ। ପାରିବାରିକ ଏବଂ ଓଡ଼ିଆ ସଂସ୍କୃତିର ଝଲକ ଏହି କାହାଣୀରେ ରହିଛି। ବିଶେଷଭାବରେ ଏଥିରେ ନିଜ ଭୂମିକାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି ଅଭିଷେକ। ତାଙ୍କ ସହ ଅଛନ୍ତି ଦୁଇଜଣ ନାୟିକା-ମହିମା ଏବଂ ଅଙ୍କିତା। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ରଣଜିତ ବାରିକ ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳିଛନ୍ତି। ଏକ ଭିନ୍ନ ଧରଣର କାହାଣୀକୁ ନେଇ ପ୍ରସ୍ତୁତ ଏହି ସିନେମା ଖୁବ୍ ଶୀଘ୍ର ରିଲିଜ ହେବ ବୋଲି ସୂଚନା ଦେଇଛନ୍ତି ଚିତ୍ରର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ।

## ଅଫିସର

ଏକ ରାଜ୍ୟରେ ପାଞ୍ଚଜଣ ଅଫିସରଙ୍କ ଭିତରେ ଥାଏ ଅତୁଟ ବନ୍ଧୁତା। ସତେଯେମିତି ସେମାନେ ଗୋଟିଏ ରଜ୍ଜୁରେ ବନ୍ଧା। କାହାର ଅସୁବିଧା ପଡ଼ିଲେ ଏକାଠି ହୋଇ ସାହାଯ୍ୟର ହାତ ବଢ଼ାଇ ଦିଅନ୍ତି। ହେଲେ ହଠାତ୍ ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କ ଜୀବନ ଆକାଶରେ କଳା ବାଦଲ ମାଡ଼ିଆସେ। ସେତେବେଳେ ସେମାନଙ୍କ ବନ୍ଧୁତା ଏହାଦ୍ୱାରା ପ୍ରଭାବିତ ହୁଏ କି ? ଏହା ପରେ ରାଜ୍ୟ ଚଳାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଏହି ପାଞ୍ଚଜଣ ଅଫିସର ନିଜ ଦାୟିତ୍ୱକୁ ଠିକ୍ ଭାବରେ ତୁଲାଇ ପାରନ୍ତି ତ ? ଏସବୁ ପ୍ରଶ୍ନର ଉତ୍ତରକୁ ଆଧାର କରି ପ୍ରସ୍ତୁତ ହୋଇଛି ଏକ ଭିନ୍ନ ଧରଣର କାହାଣୀ, ଯାହାକୁ ନେଇ ନିର୍ମିତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ଅଫିସର'। ଅନୀତା ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ଚିତ୍ରଟିର ପ୍ରଯୋଜନା କରିଛନ୍ତି ପ୍ରଭାକର ମହାନ୍ତି। ଡ. ନିର୍ମଳ ନାୟକ ସଂଳାପ ରଚନା କରିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଯଜ୍ଞ ଦାଶ। ଫିଲ୍ମର ମେଲ୍ ଲିଡ୍‌ରେ ନବୀନ, ରୁଦ୍ର ପାଣିଗ୍ରାହୀ, ଦୁଷ୍ମନ୍ତ, ଜଗା, ପ୍ରିନ୍ସ, ରାମ, ନାଗଜ ନିରଞ୍ଜନ, ଜିନା, ସୁନୟନା, ସୋନୁ, ଦେବୀ ବାରିକ, ଦେବୁ ବ୍ରହ୍ମା, ଥିନ୍, ପ୍ରିୟ ମିଶ୍ର, ପ୍ରିୟଙ୍କା, ରତନ ମେହେର, ମିଟୁ ମିଥୁନ୍ ପ୍ରମୁଖ କଳାକାର ଅଭିନୟ କରିବେ। ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେବେ ନାରାୟଣ ଘଡ଼େଇ।


ରୁଦ୍ର-ଜିନା


ଓମ୍କାର

ଶୁଟିଂ ଚାଲିଛି

## ମନେ ମନେ ମନ ଖୋଜୁଥିଲା

ଦୁଇଟି ପରିବାର ଭିତରେ ଅହି-ନକୁଳ ସମ୍ପର୍କ। ହେଲେ ପ୍ରେମ ଏପରି ଏକ ଜିନିଷ ଯାହା କିଛି ଖାତିର କରେନା। ଅଭିମନ୍ୟୁଙ୍କ ପୁଅ ଓମ୍ ଏବଂ ଦୁର୍ଯ୍ୟୋଧନଙ୍କ ଝିଅ ଗୌରୀ ପ୍ରେମରେ ପଡିଯାଇଛନ୍ତି। ଦୁଇ ପରିବାର ଭିତରେ ଥିବା ଶତୃତାକୁ ସେମାନେ ଜାଣିଥିଲେ ମଧ୍ୟ ନିଜ ଲକ୍ଷ୍ୟ ପଥରେ ଅଗ୍ରସର ହୋଇଛନ୍ତି। ହେଲେ ଏପରି ପ୍ରେମର ଶେଷ ପରିଣତି କ'ଣ ହେଉଛି ତାହା ସିନେମାରେ ଦେଖିବାକୁ ପାଇବେ। ଅନନ୍ୟା ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହି ଚଳଚ୍ଚିତ୍ରର ପ୍ରଯୋଜନା କରୁଛନ୍ତି ନବାଗତା ପ୍ରଯୋଜିକା ପ୍ରଭାତୀ ଆଚାର୍ଯ୍ୟ। ଫିଲ୍ମର ଟାଇଟଲ ହେଲା 'ମନେ ମନେ ମନ ଖୋଜୁଥିଲା'।ଏକ ଭିନ୍ନ ଧରଣର ଟିନ୍-ଏଜ୍ ପ୍ରେମ କାହାଣୀକୁ ନେଇ ଏହି ନୂଆ ଓଡ଼ିଆ ସିନେମା ନିର୍ମିତ ହେଉଛି। ବେଶ୍ କିଛି ବର୍ଷର ଗ୍ୟାପ୍ ପରେ ନିର୍ଦ୍ଦେଶକ ଏନ. ପାଢ଼ୀ ଉକ୍ତ ଫିଲ୍ମ ମାଧ୍ୟମରେ ପୁଣି ଥରେ ନିର୍ଦ୍ଦେଶନା ମଇଦାନକୁ ଓହ୍ଲାଉଛନ୍ତି। ଦୁର୍ଗା ଆଚାର୍ଯ୍ୟଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ଦୀପକ ଜେନା। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ନବାଗତ ଏ. ଅଶୋକ କୁମାର। ଖାସ୍ କଥା ହେଲା ନବାଗତ ଓମ୍‌କାର ଏହି ଫିଲ୍ମରୁ ନିଜର ଓଲିଉଡ୍ କ୍ୟାରିୟର ଆରମ୍ଭ କରୁଛନ୍ତି। ତାଙ୍କ ସହ ସ୍କ୍ରିନ୍ ସେୟାର କରିଛନ୍ତି ଚୁଲବୁଲି ନମ୍ରତା ସିଂଦେଓ। ଏମାନଙ୍କ ବ୍ୟତୀତ ମିହିର ଦାସ, ଅଶ୍ରୁମୋଚନ ମହାନ୍ତି, ପ୍ରତିଭା ପଣ୍ଡା, ଅଞ୍ଜନା ଦାସ, ବିଜୟ ବଳ, ରାଜ୍ ସୁରଜ ପୁରୋହିତ ଏବଂ ଆଲୋକ ସାମନ୍ତଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ।

## ହିରୋଇନ୍ ଖୋଜୁଛନ୍ତି ଅସୀତ

ଅସୀତ ଏବେ ଦୋଛକିରେ ପଡିଯାଇଛନ୍ତି। କାହାକୁ ମନର ମାନସୀ ଭାବରେ ବାଛିବେ। କଥାଟି ଏମିତି ହୋଇଛି ଯେ, ଏଣୁ ମାରିଲେ ଗୋ ହତ୍ୟା ତେଣୁ ମାରିଲେ ବ୍ରହ୍ମହତ୍ୟା। ତେଣୁ ଏଭଳି ସମୟରେ କି ନିଷ୍ପତ୍ତି ନେବେ ସେ ଜାଣିପାରୁନାହାନ୍ତି। ତେବେ ତାଙ୍କର ପ୍ରେମର ମିଶନ କିପରି ଶେଷ ହେଉଛି ଆଉ ଦୁଇ ଜଣ ରୂପସୀଙ୍କ ମଧ୍ୟରୁ କାହାକୁ ସେ ଆପଣେଇ ନେଉଛନ୍ତି ତାହା ସିନେମା ଦେଖିଲେ ହିଁ ଜାଣିପାରିବେ। ହଁ, ଏପରି ଏକ ସସପେନ୍ସ ଥ୍ରୀଲର କାହାଣୀ ରଚନା କରଛନ୍ତି ବିଜୟଲକ୍ଷ୍ମୀ ପଣ୍ଡା, ଯାହାକୁ ଆଧାର କରି ନୂଆ ଓଡ଼ିଆ ସିନେମା 'କିଏ ହେବ ମୋ ହିରୋଇନ୍' ଶୁଟିଂ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏକସେଲ ମୁଭିଜ ବ୍ୟାନରରେ ଏହା ହେଉଛି ଅଷ୍ଟମ ଚଳଚ୍ଚିତ୍ର। ଚିତ୍ରଟିର ପ୍ରଯୋଜନା ରବୀନ୍ଦ୍ର ପଣ୍ଡା କରୁଥିବା ବେଳେ ନିର୍ଦ୍ଦେଶନା ଦେବେ ନବାଗତ ପ୍ରଶାନ୍ତ ଲେଙ୍କା। ଡ. ରଜନୀ ରଞ୍ଜନ ସଂଳାପ ରଚନା କରିଛନ୍ତି ଏବଂ ଗୀତଗୁଡିକୁ ସ୍ୱର ଦେଉଛନ୍ତି ଅଗ୍ନିରାଜ କିଶୋର। କୋରିଓଗ୍ରାଫି ଦାୟିତ୍ୱ ତୁଲାଇବେ ଲୁବୁନ-ଟୁବୁନ୍। 'ଭୈରବ' ଏବଂ 'ନାୟକର ନାଁ ଦେବଦାସ' ପରେ ଅସୀତଙ୍କର ଏହା ହେଉଛି ତୃତୀୟ ଚଳଚ୍ଚିତ୍ର। ଅନ୍ୟପକ୍ଷରେ ତାଙ୍କ ଅପୋଜିଟ୍‌ରେ ନାୟିକା ଭାବରେ ଡେବ୍ୟୁ କରିବାକୁ ଯାଉଛନ୍ତି ସୋନମ୍। ଚଳଚ୍ଚିତ୍ରର ଅନ୍ୟତମ ଫିମେଲ ଲିଡ୍‌ରେ ଅଛନ୍ତି 'ଚାଲ୍ ଟିକେ ଦୁଷ୍ଟ ହେବା' ଏବଂ 'ଲଭ୍ ୟୁ ପ୍ରିୟା'ର ନାୟିକା ମହିମା। ଏମାନଙ୍କ ବ୍ୟତୀତ ଶ୍ରୀତମ ଦାସ, ପିଣ୍ଟୁ ନନ୍ଦ, କେକେ, ବିଦୁସ୍ମିତା, ପୁଷ୍ପା ପଣ୍ଡା, ଦୀପାଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। 'ଏହାର କାହାଣୀ ଭିନ୍ନ ଧରଣର। ଏଥିରେ ବିଶେଷ ଭାବରେ କିନ୍ନରମାନଙ୍କୁ ଅଧିକ ଗୁରୁତ୍ୱ ଦିଆଯାଇଛି ବୋଲି କହନ୍ତି ପ୍ରଯୋଜକ ରବୀନ୍ଦ୍ର।'

ଅପେରା ହାଲଚାଲ

## ଲମ୍ବା ରେସ୍‌ର ଘୋଡ଼ା

''ଏତ ଟ୍ରେଲର, ପୂରା ଫିଲ୍ମ ତ ବାକି ଅଛି। ନା ମୁଁ ତୋତେ କେବେ ମା' ବନିବାର ସୁଯୋଗ ଦେବି ନା କେବେ ଭଲ ସ୍ତ୍ରୀର ମାନ୍ୟତା ଦେବି। ତୁ ଭଲ ବୋହୂ ହୋଇପାରିବୁନି କି କେବେ କାହାର ଭଲ ଭଉଣୀ ହୋଇପାରିବୁନି। ନାରୀ ଜନ୍ମର ସାର୍ଥକତା ହେବ ତୋ ପାଇଁ ସାତ ସପନ। ପ୍ରତି ମୁହୂର୍ତ୍ତରେ ନିଜ ଭାଗ୍ୟକୁ ଘୃଣା କରିବୁ ଆଉ ଭାବିବୁ ତୁ ଏ ଧରାପୃଷ୍ଠରେ ଭଗବାନଙ୍କର ଗୋଟିଏ ଅଭିଶାପ।'' ଏପରି ଏକ ହାଜରାଙ୍କ ନିର୍ଦ୍ଦେଶିତ 'ସୀତାର ଜଳୁଛି ଚିତା'। ଏହି ନାଟକରେ ସନ୍ଦୀପ ଏକ ଦମଦାର ନେଗେଟିଭ ଚରିତ୍ର (ମୃଗେଶ ମାନସିଂ)ରେ ଅବତୀର୍ଣ୍ଣ ହୋଇଛନ୍ତି। ଏହି ଅପେରା ପାର୍ଟିରେ ଏଣ୍ଟ୍ରି କରିବା ପଛରେ ନିର୍ଦ୍ଦେଶକ ମହେଶଙ୍କ ଭୂମିକାକୁ ସର୍ବାଗ୍ରେ ସ୍ମରଣ କରନ୍ତି ସେ। 'ଟିଟନ ସାର୍‌ଙ୍କ ଆକ୍ଟିଂ ଇନଷ୍ଟିଚ୍ୟୁଟ୍‌ରୁ ପାସ୍ କରିବା ପରେ ମୋତେ ସିଧାସଳଖ ଏହି ସୁଯୋଗ ମିଳିଛି। ଏଥିପାଇଁ ଟିଟନ ସାର୍, ମହେଶ ସାର୍, ନିର୍ଦ୍ଦେଶକ ଆଶୁତୋଷ ସାର୍ (ମହାପାତ୍ର) ଏବଂ ଗୁରୁ ପ୍ରଣୟ ସାହୁଙ୍କ


ସନ୍ଦୀପ

ଛାତିଥରା ଡାଏଲଗ୍ ତାଙ୍କୁ ଚର୍ଚ୍ଚାର ପରିସରକୁ ଆଣିଛି। ଅପେରା ଜଗତରେ ସେ ଚଳିତ ସିଜନରେ ପାଦ ଦେଇଛନ୍ତି। ହେଲେ ପ୍ରଥମ ନାଟକରୁ ହିଁ ସେ ନିଜର ଦମ୍ ଦେଖାଇ ସାଉଁଟି ଚାଲିଛନ୍ତି ଯାତ୍ରାପ୍ରେମୀଙ୍କ ପ୍ରଶଂସା। ଏହି ଅଭିନେତା ଜଣକ ହେଲେ ସନ୍ଦୀପ କୁମାର ଦାସ ଏବଂ ନାଟକଟି ହେଲା ଅନ୍ୟତମ ଅଗ୍ରଣୀ ଅପେରା ପାର୍ଟି ବାଘାଯତୀନ ଲୋକନାଟ୍ୟ ଦ୍ୱାରା ଚଳିତ ଯାତ୍ରା ସିଜନରେ ପରିବେଷିତ ତଥା ଅରୁଣ ନାୟକଙ୍କ ରଚିତ ଏବଂ ମହେଶ ପ୍ରେରଣାକୁ ମୁଁ କଦାପି ଭୁଲି ପାରିବି ନାହିଁ। ଆଉ ଏକ ସଂଯୋଗ-ମୁଁ ବାଘାଯତୀନ ଲୋକନାଟ୍ୟର ଅନେକ ନାଟକ ଦେଖିଛି। ପୁଣି ସେହି ପାର୍ଟିରୁ ମୁଁ ମୋର ଅପେରା କ୍ୟାରିୟର ଆରମ୍ଭ କରୁଛି।' ବାଲେଶ୍ୱର ଜିଲା ଖନ୍ତାପଡା ଅନ୍ତର୍ଗତ ପଦାଗାଁ ଗ୍ରାମରେ ଜନ୍ମିତ (ମା-ଗୀତାଞ୍ଜଳି ଦାସ, ବାପା-କ୍ଷିତିଶ କୁମାର ଦାସ) ତଥା ଏମବିଏ ଡିଗ୍ରୀ ହାସଲ କରିଥିବା ସନ୍ଦୀପଙ୍କ ଆଗରେ ଲମ୍ବା ଆକ୍ଟିଂ କ୍ୟାରିୟର। ନିଜ ଫିଗର ଅନୁସାରେ ନେଗେଟିଭ ରୋଲକୁ ପ୍ରାଥମିକତା ଦେବି ବୋଲି କହନ୍ତି ଅପେରା ଜଗତର ଏହି ଲମ୍ବା ରେସ୍‌ର ଘୋଡ଼ା।

## ଟାଇଗର ଯାହା ଚାହୁଁଥିଲେ..

ବଲିଉଡ୍‌ର ୟଙ୍ଗ ସେନସେସନ ଟାଇଗର ଶ୍ରଫ। ନିକଟରେ ତାଙ୍କ ଅଭିନୀତ 'ବାଗୀ-୩' ରିଲିଜ ହୋଇଛି। ଫିଲ୍ମଟିକୁ ପ୍ରାରମ୍ଭରୁ ବେଶ୍ ସଫଳତା ମଧ୍ୟ ମିଳିଛି। ଏହି ଫିଲ୍ମରେ ତାଙ୍କର ଆକ୍ସନ ଅବତାରକୁ ଭୁରି ଭୁରି ପ୍ରଶଂସା କରାଯାଉଛି। ଏ ସମ୍ପର୍କରେ ଟାଇଗର କହନ୍ତି, 'ବେଳେ ବେଳେ ଏମିତି ହୁଏ ଯେ ମନଲାଖି ଭୂମିକାଟିଏ ହାତ ପାଆନ୍ତାରେ ମିଳିଯାଏ। ୟା ଭିତରେ ମୁଁ କେତୋଟି ଆକ୍ସନଭିତ୍ତିକ ଫିଲ୍ମରେ ଅଭିନୟ କରିସାରିଲିଣି। ହେଲେ ନିଜକୁ କେବଳ ଗୋଟିଏ ଭୂମିକାରେ ମୁଁ ବାନ୍ଧି ରଖିବାକୁ ଚାହେଁନା।' ତେବେ ଟାଇଗରଙ୍କ ଏହି ଆଶା କେତେ ପୂରଣ ହେଉଛି ତାହା ଦେଖିବାକୁ ବାକି ରହିଲା।


ଟାଇଗର

## ପୂଜାରୀଙ୍କ ପେନ୍‌ସନ୍ ବଢ଼ିଲା

ତାମିଲନାଡୁରେ ପୂଜାରୀମାନଙ୍କୁ ଅଧିକ ପେନସନ୍ ଦେବାକୁ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର। ପୂଜାରୀଙ୍କୁ ପେନସନ୍ ବାବଦରେ ୧ହଜାର ଟଙ୍କା ମିଳୁଥିବାବେଳେ ଏବେ ସେମାନଙ୍କୁ ତିନି ହଜାର ଟଙ୍କା ମିଳିବ। ଏହା ସହିତ ମନ୍ଦିର ପାଇଁ ସମର୍ପିତ ଏକ ଟିଭି ଚ୍ୟାନେଲ ମଧ ଲଞ୍ଚ କରାଯିବ ବୋଲି ତାମିଲନାଡୁ ମୁଖ୍ୟମନ୍ତ୍ରୀ କେ. ପଲାନିସ୍ୱାମୀ କହିଛନ୍ତି। ପୂଜାରୀଙ୍କୁ ଅଧିକ ପେନସନ୍ ଦେବା ପାଇଁ ରାଜ୍ୟ ସରକାରଙ୍କୁ ଅତିରିକ୍ତ ୪.୬୪ କୋଟି ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିବ। ଏହା ସହିତ ସରକାର ପୁରୁଣା ମନ୍ଦିରର ପୁନରୁଦ୍ଧାର ନିମନ୍ତେ ବି ଅର୍ଥ ଖର୍ଚ୍ଚ କରିବାକୁ ଯୋଜନା ରଖିଛନ୍ତି। ସେହିପରି ୧୦ହଜାର ଗରିବ ଯୋଡ଼ିଙ୍କ ବିବାହ ପାଇଁ ସରକାର ୪କୋଟି ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା କରିଥିବା କୁହାଯାଇଛି।

# ବାଦୁଡ଼ିରୁ ମଣିଷ ଭାୟା ବଜ୍ରକାପ୍ତା

**କରୋନା ସଂକ୍ରମଣ**

**ଲଣ୍ଡନ:** କରୋନା ସଂକ୍ରମଣ କିଭଳି ମନୁଷ୍ୟଠାରେ ହେଲା ସେ ନେଇ ଏବେ ସାରା ପୃଥିବୀରେ ଚର୍ଚ୍ଚା ଜାରି ରହିଛି। ବୈଜ୍ଞାନିକମାନେ ଅନୁମାନ କରୁଛନ୍ତି ଯେ, ଚାଇନାରେ କରୋନା ଭୂତାଣୁ ବାଦୁଡ଼ି ମଳରୁ ବ୍ୟାପିଥିଲା। ବାଦୁଡ଼ିର ମଳକୁ ଜଙ୍ଗଲରେ ବୁଲୁଥିବା ବଜ୍ରକାପ୍ତା ଶୁଙ୍ଘିଥିଲା। ଫଳରେ ଏହି ଭୂତାଣୁ ବଜ୍ରକାପ୍ତା ଶରୀରରେ ପ୍ରବେଶ କରିଥିଲା। ଏହାପରେ ଅନ୍ୟ ପ୍ରାଣୀଙ୍କ ଶରୀରରେ ସଂକ୍ରମଣ ସୃଷ୍ଟିକରି କରୋନା ଭୂତାଣୁ ଶେଷରେ ମନୁଷ୍ୟ ଶରୀରରେ ପ୍ରବେଶ କରିଥିଲା। ଏହା କାହାଣୀ ନୁହେଁ ସତ କଥା ବୋଲି ଲଣ୍ଡନ ଜିଓଲୋଜିକାଲ୍ ସୋସାଇଟିର ପ୍ରଫେସର ଏଣ୍ଡ୍ରୁ କନିଗମ୍ ସୂଚନା ଦେଇଛନ୍ତି। କରୋନା ସଂକ୍ରମଣ ମନୁଷ୍ୟ ସମାଜରେ ପହଞ୍ଚିବା କାହାଣୀ କୌଣସି ଗୋଇନ୍ଦା ରହସ୍ୟ ଭଳି ମନେହେଉଥିଲେ ମଧ ଏଥିରେ ପ୍ରାମାଣିକ ତଥ୍ୟ ଲୁଚି ରହିଛି। ବାଦୁଡ଼ିଠାରେ କରୋନା ଭୂତାଣୁ ରହିଥାଏ ବୋଲି କନିଗମ୍ କହିଛନ୍ତି। ଏହି ସ୍ତନ୍ୟପାୟୀ ପ୍ରାଣୀଟି ପୃଥିବୀର ସମସ୍ତ ଅଞ୍ଚଳରେ ଦେଖାଯାଇଥାଏ। ସଂକ୍ରମିତ ବାଦୁଡ଼ି ଦ୍ୱାରା ଅନ୍ୟ ସୁସ୍ଥ ବାଦୁଡ଼ି ରୋଗରେ ପଡ଼ିଥାନ୍ତି। ତେବେ ଚାଇନାରେ ବଜ୍ରକାପ୍ତାର ଚୋରା କାରବାର ହୋଇଥାଏ। ବଜ୍ରକାପ୍ତା ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ବହୁ ଔଷଧ ପ୍ରସ୍ତୁତିରେ ବ୍ୟବହୃତ ହୋଇଥାଏ। ଚାଇନାରେ ବଜ୍ରକାପ୍ତା ଚୋରା ବେପାର ବେଶ୍ ଲାଭଜନକ ମଧ୍ୟ। ବାଦୁଡ଼ିଠାରୁ ସଂକ୍ରମିତ ହୋଇଥିବା ବଜ୍ରକାପ୍ତା ମାଧ୍ୟମରେ କରୋନା ମନୁଷ୍ୟ ସମାଜରେ ସମ୍ଭବତଃ ମହାମାରୀ ସୃଷ୍ଟି କରିଥିବା କନିଗମ୍ କହିଛନ୍ତି।





**ନୂଆଦିଲ୍ଲୀ:** ଲକ୍‌ଡାଉନରେ ରହିବା ଆଦୌ ବୋରିଂ ନୁହେଁ, ବରଂ ନିଜକୁ ଉପଭୋଗ କରିବାର ପ୍ରକୃଷ୍ଟ ସମୟ। ଏମିତି ଏକ ବାର୍ତ୍ତା ଦେଉଛି ସୋସିଆଲ ମିଡିଆରେ ଭିଡିଓ ପୋଷ୍ଟ କରିଥିବା ମା-ଝିଅଙ୍କର ଏକ ଯୋଡ଼ି। ଲକ୍‌ଡାଉନରେ ଘର ଭିତରେ ରହିବା ହିଁ ନିଜକୁ ଆକ୍ଟିଭ୍ କରିବା, ମଜା କରିବାର ସମୟ। ଏକଥା ନିଜ ମା'ଙ୍କୁ ଜଣାଇବା ପାଇଁ ଝିଅଜଣକ ଏକ ଅଭିନବ ଉପାୟ ଚିନ୍ତା କରି ଭିଡିଓ ତିଆରି କରିଛନ୍ତି। ଭିଡିଓରେ ଉଦାସ ଥିବା ମା'ଙ୍କ ପାଖରେ ତାଙ୍କ ଝିଅ ମଜାଳିଆ ଢଙ୍ଗରେ ନାଚି ତାଙ୍କୁ ହସାଇବା ପାଇଁ ଚେଷ୍ଟା କରୁଛନ୍ତି। ତାଙ୍କ ମା' ପ୍ରଥମେ ବିରକ୍ତ ହେଉଥିଲେ ବି ପରେ ଝିଅର ନାଚ ଦେଖି ନିଜେ ମଧ ଖୁସିରେ ନାଚିବା ଆରମ୍ଭ କରିଥିଲେ। ସମ୍ ହୋଲସନ୍ କ୍ୟାରେନର୍ଣ୍ଟି ନାଁରେ ଏହି ଭିଡିଓଟି ପୋଷ୍ଟ ହୋଇଛି। ତେବେ ଭିଡିଓଟି ସୋସିଆଲ ମିଡିଆରେ ପୋଷ୍ଟ ହେବାର ମାତ୍ର ଦିନକ ପରେ ହଜାର ହଜାର ସଂଖ୍ୟାରେ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି। ୨୪ ହଜାରରୁ ଅଧିକ ଲୋକ ଏହାକୁ ପସନ୍ଦ କରିଥିବାବେଳେ ୫୦୦ ରୁ ଅଧିକ ଏନେଇ ସକାରାତ୍ମକ କମେଣ୍ଟ ଦେଇଛନ୍ତି।

# ଲକ୍‌ଡାଉନ: ମଜା କରିବାର ବେଳ



# ଘଡ଼ି ଭାଙ୍ଗି ଟଙ୍କା ଦାନକଲେ ଭାଇଭଉଣୀ

**ଜୟପୁର:** ଘଡ଼ିରେ ଟଙ୍କା ସଞ୍ଚୟ କରିବା ପିଲାମାନଙ୍କ ଏକ ସଉକ ହୋଇଥାଏ। ଏହି ସଞ୍ଚୟ ଅର୍ଥକୁ ନେଇ ସେମାନେ କେତେ କ'ଣ ସ୍ୱପ୍ନ ଦେଖିଥାନ୍ତି। କିନ୍ତୁ ଏବେ ଲକ୍‌ଡାଉନ ପାଇଁ ଏହି ଅର୍ଥକୁ ବି ପିଲାମାନେ ଦେବାକୁ ପଛାଉ ନାହାନ୍ତି। ଏମିତି ଏକ କାମ କରି ଉଦାହରଣ ସାଜିଛନ୍ତି ରାଜସ୍ଥାନ ଜୟପୁରର ଚୁରୁରେ ଥିବା ଦୁଇ ଭାଇଭଉଣୀ। ଏମାନେ ହେଉଛନ୍ତି ତୃପ୍ତା ପୁରୋହିତ ଏବଂ ଚିରାଗ ପୁରୋହିତ। ଏହି ଦୁଇ ଭାଇଭଉଣୀ ଅନେକ ଦିନ ଧରି ନିଜ ଘଡ଼ିରେ ସଞ୍ଚୟ କରି ରଖିଥିବା ସମସ୍ତ ଟଙ୍କାକୁ ସ୍ଥାନୀୟ ପ୍ରଶାସନକୁ ଦେଇଛନ୍ତି। ଏଥିପାଇଁ ସେମାନେ ପ୍ରଥମେ ସ୍ଥାନୀୟ କଲେକ୍ଟରଙ୍କୁ ଦେଖାକରି ତାଙ୍କ ପାଖରେ ଥିବା ୪ହଜାର ୧୧୫ ଟଙ୍କା ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡକୁ ଦେବା ପାଇଁ ନିବେଦନ କରିଥିଲେ। ତାଙ୍କର ଏହି ଅର୍ଥ ରାଶି କରୋନା ଲାଗି ହୋଇଥିବା ଲକ୍‌ଡାଉନରେ ପ୍ରଭାବିତ ଗରିବ ଲୋକଙ୍କ କାମରେ ଲଗାଇବା ପାଇଁ ସେମାନେ ନିବେଦନ କରିଛନ୍ତି।



ଚିରାଗ ପଞ୍ଚମ ଶ୍ରେଣୀରେ ପଢୁଥିବାବେଳେ ତାଙ୍କ ଭଉଣୀ ତୃପ୍ତା ସପ୍ତମ ଶ୍ରେଣୀର ଛାତ୍ରୀ। ଏବେ କରୋନା ଭାଇରସ୍ ପାଇଁ ଲକ୍‌ଡାଉନ୍ ହେବା କାରଣରୁ ସେମାନେ ଗରିବ ଦିନ ମଜୁରିଆଙ୍କ କଷ୍ଟ ସମ୍ପର୍କରେ ଗଣମାଧ୍ୟମରୁ ଜାଣିପାରି ନିଜ ପାଖରେ ଥିବା ସଞ୍ଚିତ ଅର୍ଥକୁ ଦାନ କିରବା ଲାଗି ନିଷ୍ପତ୍ତି ନେଇଥିଲେ।

# କରୋନା ଟାଣିଛି ଲକ୍ଷ୍ମଣରେଖା

**ରାୟପୁର/ମହାସମୁଦ/ସୁକ୍‌ମା:** କରୋନା ସଂକ୍ରମଣ ରୋକିବାକୁ ଛତିଶଗଡ଼ ରାଜ୍ୟର ୩ ଗ୍ରାମର ବାସିନ୍ଦା ଟାଣିଛନ୍ତି ଲକ୍ଷ୍ମଣ ରେଖା। ୩୧ ମାର୍ଚ୍ଚ ଯାଏ ଗ୍ରାମ ଭିତରକୁ ବାହାରର କୌଣସି ବ୍ୟକ୍ତିଙ୍କ ପ୍ରବେଶ ଉପରେ ଲାଗିଛି କଟକଣା। କେବଳ ଏତିକି ନୁହେଁ, ବାହାର ରାଜ୍ୟରେ କାମ କରି ଫେରିଥିବା ୧୩ଜଣ ଯୁବକଙ୍କୁ ଗ୍ରାମଠାରୁ ଦେଢ଼ କିମି ଦୂରରେ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ଛତିଶଗଡ଼ର ମହାସମୁଦ ଜିଲର ବାବନକେରା, କମାରଡେରା, ଜୋରାତରାଇ ଅଞ୍ଚଳବାସୀ କରୋନା ସଂକ୍ରମଣରୁ ରକ୍ଷା ଲାଗି ଗ୍ରାମ ବାହାରେ ବ୍ୟାନର ଟାଙ୍ଗିଛନ୍ତି। ଏଥିରେ ବାହାରୁ ଆସିଥିବା ବ୍ୟକ୍ତିଙ୍କ ଗ୍ରାମରେ ପ୍ରବେଶ ଉପରେ ପ୍ରତିବନ୍ଧକ ଲଗାଯାଇଥିବା ଦର୍ଶାଯାଇଛି। ସେହିପରି ଅଞ୍ଚଳରେ କେହି ଭିଡ଼ କିମ୍ବା ଗହଳି କରିପାରିବେ ନାହିଁ ବୋଲି ମଧ ଉକ୍ତ ବ୍ୟାନରରେ ଖେଳାଯାଇଛି। ବାବନକେରା ସରପଞ୍ଚ ଡୋଗେଶ ଟଣ୍ଡନ କୁହନ୍ତି, ଯାଞ୍ଚ କରିବାକୁ ଗ୍ରାମ ସୀମାନ୍ତରେ ଦୁଇଜଣଙ୍କୁ ମୁତୟନ କରାଯାଇଛି। କୌଣସି ଅଜଣା ବ୍ୟକ୍ତି ଗ୍ରାମକୁ ଆସିଲେ ପ୍ରଥମେ ସେମାନେ ପଚରାଉଚୁରା କରିବେ। ସନ୍ତୋଷଜନକ ଉତ୍ତର ଦେବା ପରେ ହିଁ ସେମାନଙ୍କୁ ଗାଁରେ ପଶିବାକୁ ଅନୁମତି ଦିଆଯାଉଛି। ସେହିପରି ହାଇଦ୍ରାବାଦକୁ ଦାଦନ ଖଟିବାକୁ ଯାଇଥିବା ସୁକ୍‌ମା ଜିଲା ଛିନ୍ଦଗଡ଼ ବ୍ଲକ ପାକେଲା ଗ୍ରାମର ୧୩ ଯୁବକଙ୍କୁ ଗ୍ରାମରେ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି। ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯାଇଛି। ପ୍ରାଥମିକ ରିପୋର୍ଟରେ ସେମାନେ ସୁସ୍ଥ ଥିବା ଜଣାପଡ଼ିଛି। ଏହାସତ୍ତ୍ୱେ ସେମାନଙ୍କ ସମ୍ପର୍କୀୟମାନେ ଗ୍ରାମବାସୀଙ୍କ ସହ ଆଲୋଚନା କରି ସେମାନଙ୍କୁ ଗ୍ରାମଠାରୁ ଦେଢ଼ କିମି ଦୂରରେ ରଖିଛନ୍ତି। ସେମାନଙ୍କ ଖାଇବା ପିଇବା ବନ୍ଦୋବସ୍ତ କରାଯାଇଛି। ଜରୁରୀ ରାଶନ ସାମଗ୍ରୀ ଯୋଗାଇ ଦିଆଯାଇଛି। ଛତିଶଗଡ଼ର ରାଜଧାନୀ ରାୟପୁରର ହଜାର ହଜାର ପରିବାର ନିଜ ଘର ସାମ୍ନାରେ ଆଗନ୍ତୁକଙ୍କ ପାଇଁ ସାନିଟାଇଜର ବ୍ୟବସ୍ଥା କରିଛନ୍ତି। କେତେକ ଘରେ ଲେମ୍ବୁରେ 'ଗୋ କରୋନା ଗୋ' ଲେଖାଯାଇଥିବା ଦେଖିବାକୁ ମିଳିଛି। ହେଲେ ସୋସିଆଲ ମିଡିଆରେ ଏହି ଫଟୋ ଭାଇରାଲ ହେବାପରେ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି। କେତେଜଣ ଏହାକୁ ସ୍ୱାଗତ କରିଥିବାବେଳେ ଅନ୍ୟ କେତେଜଣ ୟୁଜର ଏହାରକୁ କଟାକ୍ଷ କରିଛନ୍ତି। ସେ ଯାହା ହେଉ ନା କାହିଁକି ଏପରି କାର୍ଯ୍ୟରୁ ଲୋକମାନେ କରୋନା ପ୍ରତି ସଚେତନ ହେଉଥିବା ଅନୁମାନ କରାଯାଉଛି।




**ସଚେତନ କରାଉଛନ୍ତି ସେଲିବ୍ରିଟି**

# ଜିମ୍‌ରେ ବିଗ୍ ବି



ଅମିତାଭ ବଚ୍ଚନ

**ମୁମ୍ବାଇ:** ବିଗ୍ ବି ନିଜର ଫ୍ୟାନ୍‌ମାନଙ୍କୁ କରୋନା ଭାଇରସ୍ ପ୍ରତି ସତର୍କ ରହିବା ପାଇଁ ସଚେତନତା ସୃଷ୍ଟି କରୁଛନ୍ତି। ପ୍ରତିଦିନ ସୋସିଆଲ ମିଡିଆରେ ସେ କିଛି ନା କିଛି ଟ୍ୱିଟ୍ କରୁଛନ୍ତି। ମଙ୍ଗଳବାର ପ୍ରଧାନମନ୍ତ୍ରୀ ମୋଦି ଯେତେବେଳେ ୨୧ ଦିନ ଲକ୍‌ଡାଉନ୍ ଘୋଷଣା କଲେ ବିଗ୍ ବି ସଙ୍ଗେ ସଙ୍ଗେ ଟ୍ୱିଟ୍ କରି ଲୋକଙ୍କୁ ଘରେ ରହିବା ପାଇଁ ଅନୁରୋଧ କରିଥିଲେ। ଏବେ ଅମିତାଭଙ୍କ ଏକ ଜବରଦସ୍ତ ଫଟୋ ନଜର ଆସିଛି। ଫଟୋରୁ ଜଣାପଡୁଛି ସେ ସ୍ୱାସ୍ଥ୍ୟର ଖୁବ୍ ଯତ୍ନ ନେଉଛନ୍ତି। ଖାସ୍ ଏଥିପାଇଁ ସେ ୱର୍କଆଉଟ୍ ମଧ କରୁଛନ୍ତି। ବିଗ୍ ବି ତାଙ୍କ ଘରେ ଥିବା ଜିମ୍‌ର ଏକ ଫଟୋ ଶେୟାର କରିଛନ୍ତି। ୭୭ ବର୍ଷ ବୟସରେ ଫିଟ୍ ରହିବା ପାଇଁ କେତେ କ'ଣ ତରିକା ଆପଣାଉଛନ୍ତି ସେ। ସେଥିପାଇଁ ତ ଏ ବୟସରେ ବି ଫିଲ୍ମରେ ମୁଖ୍ୟ ଭୂମିକାରେ ନଜର ଆସୁଛନ୍ତି। ବୁଧବାର ଏକ ଫଟୋ ଶେୟାର କରି ବିଗ୍ ବି' କ୍ୟାପ୍‌ଶନ ଲେଖିଛନ୍ତି, 'ବ୍ୟାୟାମ କରିବା ଜାରି ରଖ। ନିଜର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଅ। ଏହି ଫଟୋରେ ଅମିତାଭ ଏକ ଜିମ୍ ପୋଷାକରେ ନଜର ଆସିଥିବା ବେଳେ ତାଙ୍କ ପଛରେ ଜିମ୍ ସେଣ୍ଟର ରହିଥିବା ଦେଖିବାକୁ ମିଳିଛି। ଏହି ଫଟୋକୁ ବର୍ତ୍ତମାନ ସୁଦ୍ଧା ୧୧ ଲକ୍ଷରୁ ଅଧିକ ଲୋକ ଲାଇକ୍ କରିସାରିଲେଣି। କେବଳ ଅମିତାଭ ନୁହନ୍ତି, ବଲିଉଡ୍‌ର ସମସ୍ତ କଳାକାର ମଧ ନିଜ ନିଜର ସ୍ୱାସ୍ଥ୍ୟର ଯତ୍ନ ନେଉଛନ୍ତି। ଅନିଲ କପୁର ମଧ ୱର୍କଆଉଟ୍ କରୁଥିବାର ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଏଥିରେ ଅନିଲ୍ କ୍ୟାପ୍‌ଶନ ଲେଖିଛନ୍ତି, ଯେ ପର୍ଯ୍ୟନ୍ତ ମୋ' ଟ୍ରେନର ଅଛନ୍ତି, ସେ ପର୍ଯ୍ୟନ୍ତ ମୋ ଟ୍ରେନିଂ ଶେଷ ହେବ ନାହିଁ। ସେହିପରି ଦୀପିକା ପାଦୁକୋନ୍, ରଣବୀର ସିଂହ, ଶିଳ୍ପା ସେଟ୍ଟୀ, ଜ୍ୟାକ୍‌ଲିନ୍ ଫର୍ନାଡିସ୍, ଶାହିଦ୍ କପୁର ନିଜ ନିଜର ୱାର୍କଆଉଟ୍ ଫଟୋ ଶେୟାର କରି କରୋନା ଭାଇରସ୍‌ରୁ ରକ୍ଷା ପାଇଁ ଫ୍ୟାନ୍‌ମାନଙ୍କୁ ସଚେତନ କରାଉଛନ୍ତି।



# ସବୁ ରାଶି ଲାଗି ମୁମ୍ବାଇ ପୋଲିସର ଭବିଷ୍ୟବାଣୀ

**ମୁମ୍ବାଇ:** କରୋନା ଭାଇରସ୍‌କୁ ପ୍ରତିହତ କରିବା ସକାଶେ ବୁଧବାରଠାରୁ ୨୧ ଦିନ ପର୍ଯ୍ୟନ୍ତ ସାରାଦେଶରେ ଲକ୍‌ଡାଉନ୍ ଘୋଷଣା କରାଯାଇଛି। କେବଳ ସାମାଜିକ ଦୂରତ୍ୱ ହିଁ ଏହି ଭୂତାଣୁ ସଂକ୍ରମଣକୁ ରୋକିପାରିବ। ହେଲେ ଅନେକ ଲୋକ ଅଯଥାରେ ଘରୁ ବାହାରି ଏଣେତେଣେ ବୁଲୁଥିବା ଦେଖାଯାଉଥିବାରୁ ପୋଲିସ ବିଭିନ୍ନ ସ୍ଥାନରେ ଜଗି ରହୁଛି। ତେବେ ବିନା କୌଣସି କାରଣରେ ଗାଡ଼ି ଧରି ରାସ୍ତାରେ ବୁଲୁଥିବା ଲୋକଙ୍କୁ ପୋଲିସ ମାଡ଼ମାରୁଥିବାର ଭିଡିଓ ମଧ ବିଭିନ୍ନ ସୋସିଆଲ୍ ସାଇଟ୍‌ରେ ଘୂରି ବୁଲୁଥିବା ଦେଖାଯାଉଛି। ଏସବୁ ଭିତରେ ମୁମ୍ବାଇ ପୋଲିସ ଲୋକଙ୍କୁ ସଚେତନ କରିବା ପାଇଁ ଭିନ୍ନ ପ୍ରୟାସ ଆରମ୍ଭ କରିଛି। ପ୍ରାୟତଃ ଲୋକମାନେ ରାଶିଫଳ (ହରସ୍କୋପ) ପଢ଼ିବାକୁ ପସନ୍ଦ କରୁଥିବାରୁ ଏକ ଫଟୋ ମୁମ୍ବାଇ ପୋଲିସ ନିଜ ଟୁଇଟର ହ୍ୟାଣ୍ଡେଲରେ ଶେୟାର କରିଛି। ଏଥିରେ ସବୁ ରାଶିର ଚିହ୍ନ ରହିଛି। ସବୁ ରାଶି ପାଇଁ ଗୋଟିଏ ଭବିଷ୍ୟବାଣୀ 'ଆପଣ ଘରେ ସମୟ ବିତାଇବେ' ବୋଲି ଲେଖାଯାଇଛି। ମୁମ୍ବାଇ ପୋଲିସ ଏହି ଫଟୋ ଶେୟାର କରିଛି, ଯାହାର କ୍ୟାପଶନ ରହିଛି 'କେବଳ ଥରେ ଏହି ଭବିଷ୍ୟବାଣୀ ଅନୁସରଣ କରନ୍ତୁ, ନକ୍ଷତ୍ରମାନେ ଆପଣଙ୍କ ପକ୍ଷରେ ରହିବେ'। ମୁମ୍ବାଇ ପୋଲିସର ଏହି ଅଭିନବ ପ୍ରୟାସକୁ ଲୋକମାନେ ବେଶ୍ ପସନ୍ଦ କରିଛନ୍ତି। ଅନେକ ଟୁଇଟର ୟୁଜର ପୋଲିସକୁ ପ୍ରଶଂସା କରିବା ସହ ଏଥିରେ ନିଜର ସହମତି ପ୍ରକାଶ କରିଛନ୍ତି।




## ପୁଣେରେ ସଂକ୍ରମିତ ଦମ୍ପତି ହେଲେ ସୁସ୍ଥ

**ମୁମ୍ବାଇ:** ବିଶ୍ୱବ୍ୟାପୀ କରୋନା ପ୍ରଭାବରେ ଲୋକେ ଆତଙ୍କିତ ଥିବାବେଳେ ଗୁଡ଼ି ପଡ଼ୱାରେ ମହାରାଷ୍ଟ୍ରକୁ ଏକ ଖୁସି ଖବର ମିଳିଛି। ମହାରାଷ୍ଟ୍ରର ପୁଣେରେ ପ୍ରଥମ କରୋନା ସଂକ୍ରମିତ ଦମ୍ପତି ଠିକ ହୋଇଯାଇଛନ୍ତି। ଏଥିଲାଗି ଉଭୟଙ୍କୁ ହସ୍ପିଟାଲରୁ ଡିସ୍‌ଚାର୍ଜ କରିଦିଆଯାଇଛି। ଏହି ଦମ୍ପତି ନାଇଡୁ ହସ୍ପିଟାଲରେ ଗତ ୧୪ ଦିନ ହେଲା ଚିକିତ୍ସିତ ହେଉଥିଲେ। ଏବେ ସେମାନେ ପୂରାପୂରି ସୁସ୍ଥ ଥିବାବେଳେ ୧୫ ଦିନ ପର୍ଯ୍ୟନ୍ତ ତାଙ୍କୁ ହୋମ କ୍ୱାରାଣ୍ଟାଇନରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୁଧବାର ମୁମ୍ବାଇ ହସ୍ପିଟାଲରୁ ଆଉ ୮ଜଣଙ୍କୁ ଚିକିତ୍ସା ପରେ ଘରକୁ ପଠାଇ ଦିଆଯାଇଛି। ତେବେ ସୂଚନା ଅନୁଯାୟୀ ବର୍ତ୍ତମାନ ମହାରାଷ୍ଟ୍ରରେ କରୋନା ରୋଗୀଙ୍କ ସଂଖ୍ୟା ସବୁଠୁ ଅଧିକ। ୧୧୨ କରୋନା ସଂକ୍ରମିତଙ୍କ ସଂଖ୍ୟା ଥିବାବେଳେ ୪ଜଣଙ୍କ ମୃତ୍ୟୁ ହୋଇଯାଇଛି। ବୁଧବାର ସାଙ୍ଗଲିର ଗୋଟିଏ ପରିବାରରେ ୫ଜଣ ସଂକ୍ରମିତ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରାଯାଇଛି।

**କରୋନା: ଚାଇନାରେ ସ୍ଥିତି ସୁଧୁରୁଛି**

# ପୁଣି ଖୋଲିଲା ଫିଲ୍ମ ହଲ୍

**ବେଜିଂ:** କରୋନା ଭାଇରସ୍ ଚାଇନାର ମନୋରଞ୍ଜନ ଇଣ୍ଡଷ୍ଟ୍ରି ଉପରେ ବହୁ ପ୍ରଭାବ ପକାଇଛି। ଫଳରେ ଫିଲ୍ମ ହଲ୍‌ଗୁଡ଼ିକ ବନ୍ଦ କରି ଦିଆଯାଇଥିଲା। ଏବେ ସ୍ଥିତିରେ ସୁଧାର ଆସିଥିବାରୁ ଚାଇନାର ପ୍ରାୟ ୬୦୦ରୁ ୭୦୦ ଫିଲ୍ମ ହଲ୍ ପୁଣି ଖୋଲିଛି। ଏମିତିରେ ବି ଚାଇନାକୁ ବିଶ୍ୱର ଦ୍ୱିତୀୟ ବୃହତ୍ତମ ବକ୍ସ ଅଫିସ୍ ଭାବେ ବିବେଚନା କରାଯାଏ। ଦର୍ଶକଙ୍କୁ ଆକର୍ଷିତ କରିବା ପାଇଁ ଚାଇନାର ପୁରୁଣା ହିଟ୍ ଚଳଚ୍ଚିତ୍ରଗୁଡ଼ିକୁ ପୁନଃ ରିଲିଜ୍ କରାଯିବ। ଚାଇନା ଫିଲ୍ମ ବ୍ୟୁରୋ ଏଥିରେ ପ୍ରେକ୍ଷାଳୟକୁ ସାହାଯ୍ୟ କରିବ। ଚାଇନା ଫିଲ୍ମ ଗ୍ରୁପ ଦ୍ୱାରା ଜାରି ଏକ ବିବୃତ୍ତିରେ କୁହାଯାଇଛି, ପ୍ରେକ୍ଷାଳୟରେ ୫ଟି ପୁରୁଣା ହିଟ୍ ଫିଲ୍ମର ପ୍ରିଣ୍ଟ ଦିଆଯିବ। ଏଥିସହିତ, ଚଳଚ୍ଚିତ୍ରର ସରକାରୀ ନିୟାମକଙ୍କ ଅଂଶଧନକାରୀଙ୍କ ସହ ହୋଇଥିବା ଚୁକ୍ତି ଅନୁଯାୟୀ ପ୍ରେକ୍ଷାଳୟଗୁଡ଼ିକ ଫିଲ୍ମ ଟିକେଟ ବିକ୍ରିର ଶତ ପ୍ରତିଶତ ରଖିବେ। ଏହି ଫିଲ୍ମଗୁଡ଼ିକ ମଧରେ 'ଅବ୍‌ତାର', 'ଇଣ୍ଟରଷ୍ଟେଲାର୍' ଏବଂ 'ଆଭେଞ୍ଜର୍ସ' ସମସ୍ତ ହଲ୍‌ରେ ମୁକ୍ତିଲାଭ କରିବ। ଏହାବ୍ୟତୀତ ଚାଇନାରେ ନିର୍ମିତ 'ଓଲଫ୍ ୱାରିଅର -୨','ଓଲ୍‌ଫ ଟୋଟେମ୍' 'ଆମେରିକୀୟ ଡ୍ରିମ୍ସ' ମଧ ପ୍ରେକ୍ଷାଳୟରେ ପ୍ରଦର୍ଶିତ ହେବ।



ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୨୬/୨୦୨୦ Bhubaneswar, Thursday, March 26/2020

# ଅଲିମ୍ପିକ୍ସ ନୂଆ ତାରିଖ ପାଇଁ ସବୁ ବିକଳ୍ପ ରହିଛି

**ଲାଉସେନ,୨୫।୩ (ଏଏଫ୍‌ପି)**

୨୦୨୦ ଟୋକିଓ ଅଲିମ୍ପିକ୍ସକୁ ଗୋଟିଏ ବର୍ଷ ଘୁଞ୍ଚାଇ ଦିଆଯାଇଥିବା ବେଳେ ନୂଆ ତାରିଖ ପାଇଁ ସବୁ ବିକଳ୍ପ ଖୋଲା ରହିଛି ବୋଲି ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ତରଫରୁ କୁହାଯାଇଛି। ବିଶ୍ୱରେ ଶାନ୍ତିପୂର୍ଣ୍ଣ ବାତାବରଣ ଥିବା ବେଳେ ପ୍ରଥମଥର ପାଇଁ ଏହି ମେଗା ଇଭେଣ୍ଟକୁ ସ୍ଥଗିତ ରଖାଯାଇଛି। କୋଭିଡ୍-୧୯ ଏବେ ସାରା ବିଶ୍ୱରେ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଥିବାରୁ ସୋମବାର ଅଲିମ୍ପିକ୍ସକୁ ଘୁଞ୍ଚାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ତେବେ ଅଲିମ୍ପିକ୍ସର ନୂଆ ତାରିଖ ଧାର୍ଯ୍ୟ କରି ନ ଥିଲା। ୨୦୨୦ରେ ଅଲିମ୍ପିକ୍ସ ଆୟୋଜନ ସମ୍ଭବ ନୁହଁ। ତେବେ ୨୦୨୧ ଗ୍ରୀଷ୍ମ ପୂର୍ବରୁ ଏହି ମେଗା ଇଭେଣ୍ଟ ଆୟୋଜନ ହେବ ବୋଲି ଆଇଓସି ସ୍ପଷ୍ଟ କରିଥିଲା। ତେବେ ଏହା କେବଳ ଗ୍ରୀଷ୍ମ ମାସରେ ଆୟୋଜନ ହେବ ବୋଲି ସେଭଳି କିଛି ମାନେ ନାହିଁ ବୋଲି ଆଇଓସି ଅଧ୍ୟକ୍ଷ ଥୋମାସ ବାକ୍ କହିଛନ୍ତି। ଗ୍ରୀଷ୍ମ ଓ ଏହା ପୂର୍ବରୁ ମଧ୍ୟ ଅଲିମ୍ପିକ୍ସ ଆୟୋଜନ କରିବାର ବିକଳ୍ପ ରହିଛି ବୋଲି ସେ ସ୍ପଷ୍ଟ କରିଛନ୍ତି।

ଏଥିସହିତ ବିଶ୍ୱ ଚାମ୍ପିୟନଶିପ୍‌କୁ ମଧ୍ୟ ୨୦୨୧କୁ ଘୁଞ୍ଚାଇବାକୁ ବିଶ୍ୱ ଆଥଲେଟିକ୍ସର ଏହି ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ପ୍ରସ୍ତୁତ ଅଛି ବୋଲି କହିଛି। ଆମେରିକାର ଓରେଗନ ରାଜ୍ୟର ଇୟୁଗେନ୍‌ରେ ବିଶ୍ୱ ଚାମ୍ପିୟନଶିପ୍ ଆସନ୍ତା ବର୍ଷ ଅଗଷ୍ଟ ୬ରୁ ୧୫ ତାରିଖ ମଧ୍ୟରେ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା। ଅଲିମ୍ପିକ୍ସ ଘୁଞ୍ଚିଥିବାରୁ ବିଶ୍ୱ ଚାମ୍ପିୟନଶିପ୍‌କୁ ଘୁଞ୍ଚାଇବାରେ କୌଣସି ସମସ୍ୟା ନାହିଁ ବୋଲି ଅନ୍ତର୍ଜାତୀୟ ସୁଇମିଂ ଫେଡେରେଶନ କହିଛି। ସୁଇମିଂ ବିଶ୍ୱ ଚାମ୍ପିୟନଶିପ୍ ଜାପାନର ଫୁକୁଓକାରେ ଆସନ୍ତା ବର୍ଷ ଜୁଲାଇ ୧୬ରୁ ଅଗଷ୍ଟ ୧ ତାରିଖ ମଧ୍ୟରେ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି।

## ସମସ୍ତଙ୍କ ତ୍ୟାଗ ଆବଶ୍ୟକ

ଟୋକିଓ ଅଲିମ୍ପିକ୍ସ ଘୁଞ୍ଚିବାରେ ସମସ୍ତଙ୍କ ତ୍ୟାଗ ଓ ବୁଝାମଣା ଆବଶ୍ୟକ ବୋଲି ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ଅଧ୍ୟକ୍ଷ ଥୋମାସ ବାକ କହିଛନ୍ତି। ଅଲିମ୍ପିକ୍ସ ସହିତ ଜଡିତ ସବୁ ବ୍ୟକ୍ତି ବିଶେଷ ଓ ହିତଧାରକଙ୍କ ସମର୍ଥନ ଏଥିପାଇଁ ନିହାତି ଦରକାର। କରୋନା ଭାଇରସ ମହାମାରୀ ରୂପ ନେଇଥିବାରୁ ଟୋକିଓରେ ଆୟୋଜନ ହେବାକୁ ଥିବା ୨୦୨୦ ଅଲିମ୍ପିକ୍ସ ଘୁଞ୍ଚିବାର ଗୋଟିଏ ଦିନ ପରେ ବାକ ଏହି କଥା କହିଛନ୍ତି।

ପରିସ୍ଥିତିକୁ ଦୃଷ୍ଟିରେ ରଖି ଆମେ ଅଲିମ୍ପିକ୍ସକୁ ଘୁଞ୍ଚାଇବାକୁ ବାଧ୍ୟ ହୋଇଛୁ। ତେବେ ଏହି କ୍ରୀଡା ମହାକୁମ୍ଭ ବାତିଲ କରିବା କଥା ଆଇଓସି କେବେ ବି ଚିନ୍ତା କରିନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଅଲିମ୍ପିକ୍ ବାତିଲ କରିବାକୁ ନେଇ ଆଲୋଚନା ଓ ବିଚାର ହୋଇଥିଲ ବୋଲି ସେ ସ୍ୱୀକାର କରିଥିଲେ ମଧ୍ୟ ଆଇଓସି ଏହାକୁ ଆଦୌ ସମର୍ଥନ କରି ନ ଥିଲା ବୋଲି ବାକ୍ କହିଛନ୍ତି।




## ଆଉ ଗୋଟିଏ ବର୍ଷ ବିଲ୍ ପୈଠ ନେଇ ପ୍ରଶ୍ନବାଚୀ

ଟୋକିଓ,୨୫।୩ (ଏପି)– କରୋନା ଭାଇରସ ଆତଙ୍କ କାରଣରୁ ଟୋକିଓ ଅଲିମ୍ପିକ୍ସକୁ ଗୋଟିଏ ବର୍ଷ ଘୁଞ୍ଚାଇ ଦିଆଯାଇଛି। ତେବେ ଆଉ ଗୋଟିଏ ବର୍ଷ ବିଳମ୍ବ ପାଇଁ ବିଲ୍ କିଏ ପୈଠ କରିବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁଣି ଏହା କେତେ ପରିମାଣର ହେବ? ଏହାର ସବୁଠାରୁ ଠିକ୍ ଉତ୍ତର ଜାପାନର କରଦାତା। ଏହି ମେଗା ଇଭେଣ୍ଟ ଘୁଞ୍ଚିଥିବାରୁ ନିଶ୍ଚିତ ଭାବେ ଆମକୁ ମୂଲ୍ୟ ଦେବାକୁ ହେବ ବୋଲି ଆୟୋଜକ କମିଟି ମୁଖ୍ୟ କାର୍ଯ୍ୟନିର୍ବାହୀ ତୋଶିରୋ ମୁଟୋ କହିଛନ୍ତି। ବର୍ତ୍ତମାନ କେତେ ପରିମାଣର କ୍ଷତି ହେବ ସେ ନେଇ ଆକଳନ କରାଯାଇ ନାହିଁ। କିଏ ଏହି ଅତିରିକ୍ତ ଖର୍ଚ୍ଚ ବହନ କରିବ ସେ ନେଇ ମଧ୍ୟ ଆଲୋଚନା ହୋଇନାହିଁ। ଏହା ମଧ୍ୟ ଆଦୌ ସହଜ ନୁହଁ। ଏଥିପାଇଁ କେତେ ସମୟ ଲାଗିବ ତାହା ମଧ୍ୟ କହିବା କଷ୍ଟକର ବୋଲି ମୁଟୋ କହିଛନ୍ତି। ତେବେ ଏ ନେଇ ୨.୭ ବିଲିୟନ ଆମେରିକୀୟ ଡଲାର ଖର୍ଚ୍ଚ ହେବ ବୋଲି ଲୋକାଲ ଆୟୋଜକ କମିଟି କହିଛି। ଆସନ୍ତାବର୍ଷ ଗ୍ରୀଷ୍ମରେ ଅଲିମ୍ପିକ୍ ଆୟୋଜନ କରିବାକୁ ଆମେ ଲକ୍ଷ୍ୟ ରଖିଛୁ ବୋଲି ଲୋକାଲ ଆୟୋଜକ କମିଟି ମୁଖ୍ୟ ତଥା ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ୟୋଶିରୋ ମୋରି କହିଛନ୍ତି। ନୂଆ ତାରିଖ ଘୋଷଣା ପୂର୍ବରୁ ବିଭିନ୍ନ ଦିଗ ନେଇ ଆଲୋଚନା କରିବୁ ବୋଲି ସେ କହିଛନ୍ତି। ଅଲିମ୍ପିକ ନେଇ ଖର୍ଚ୍ଚ ଅଟକଳର ଭିନ୍ନ ଭିନ୍ନ ତଥ୍ୟ ପ୍ରକାଶ ପାଇଛି। ଲୋକାଲ ଅର୍ଗାନାଇଜର ଓ ଜାପାନ ସରକାର ୧୨.୬ ବିଲିୟନ ଆମେରିକୀୟ ଡଲାର ଖର୍ଚ୍ଚ ଅଟକଳ କରିଥିବା ବେଳେ ଜାତୀୟ ସରକାରଙ୍କ ଅଡିଟ ରିପୋର୍ଟରେ ୨୮ ବିଲିୟନ ଖର୍ଚ୍ଚ ଅଟକଳ ଦର୍ଶା ଯାଇଛି। ଏ ନେଇ ଅବଶ୍ୟ ତର୍କ ବିତର୍କ ଚାଲୁ ରହିଛି।

## ସଂକ୍ଷେପରେ

### ମଧ୍ୟପ୍ରଦେଶର କୋଚ୍ ହେବେ ପଣ୍ଡିତ୍



ମୁମ୍ବାଇ, ୨୫।୩ (ପି.ଟି.): ଭାରତର ସବୁଠାରୁ ସଫଳ ଘରୋଇ କୋଚ୍ ବୋଲି କୁହାଯାଉଥିବା ଚନ୍ଦ୍ରକାନ୍ତ ପଣ୍ଡିତ ଆସନ୍ତା ସିଜନରେ ମଧ୍ୟପ୍ରଦେଶ କ୍ରିକେଟ କୋଚ୍ ଭାବେ କାର୍ଯ୍ୟକରିବେ। ପଣ୍ଡିତ୍ ୩ ବର୍ଷ ଧରି ବିଦର୍ଭ ରଣ୍ଜୀ ଦଳର କୋଚ୍ ଭାବେ କାର୍ଯ୍ୟକରିଛନ୍ତି। ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦର୍ଭ ପଛକୁ ପଛ ରଣଜୀ ଟ୍ରଫି ଏବଂ ଇରାନୀ ଟ୍ରଫି ହାସଲ କରିପାରିଛି। ସୂଚନାଯୋଗ୍ୟ, ପଣ୍ଡିତ୍ ପ୍ରଥମ ଶ୍ରେଣୀ କ୍ରିକେଟରେ ମୁମ୍ବାଇ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। ଦଳ ପକ୍ଷରୁ ତାଙ୍କର ପ୍ରଦର୍ଶନ ମଧ୍ୟ ଉଲ୍ଲେଖନୀୟ ରହିଛି। କିଛି ସମୟ ପାଇଁ ସେ ଆସାମ ଦଳ ପାଇଁ ଖେଳିଛନ୍ତି। ସେ ତାଙ୍କ କ୍ୟାରିୟରର ଶେଷ ପର୍ଯ୍ୟାୟରେ ଜଣେ ପ୍ରଫେସନାଲ ଖେଳାଳି ଭାବେ ମଧ୍ୟପ୍ରଦେଶରୁ ମଧ୍ୟ ପ୍ରତିନିଧିତ୍ୱ କରିଛନ୍ତି। କୋଚ୍ ଭାବେ ମଧ୍ୟପ୍ରଦେଶକୁ ସେ ଟ୍ରଫି ଜିତାଇବେ ବୋଲି ଦୃଢତାର ସହିତ କହିଛନ୍ତି। ମୁଁ ବହୁତ ରାଜ୍ୟ ସହ କାର୍ଯ୍ୟକରିଛି। ପୂର୍ବରୁ ମଧ୍ୟ ପ୍ରଦେଶ ତରଫରୁ ଜଣେ ପ୍ରଫେସନାଲ ହିସାବରେ କୋଚ୍, ଖେଳାଳି ଏବଂ ଅଧିନାୟକ ଭାବେ ଦାୟିତ୍ୱ ନିର୍ବାହ କରିସାରିଛି ବୋଲି ପଣ୍ଡିତ କହିଛନ୍ତି।

## ଅଲିମ୍ପିକ୍ସ ଘୁଞ୍ଚାଯିବା ନିଷ୍ପତ୍ତିକୁ ଭଗତଙ୍କ ସ୍ୱାଗତ

**ଭୁବନେଶ୍ୱର, ୨୫।୩ (ସ୍ପୋର୍ଟ୍ସ ବ୍ୟୁରୋ)**

ଟୋକିଓ ଅଲିମ୍ପିକ୍ସକୁ ୨୦୨୧କୁ ଘୁଞ୍ଚାଇ ଦେବା ଲାଗି ଅନ୍ତର୍ଜାତୀୟ ଅଲିମ୍ପିକ କମିଟି ଏବଂ ଜାପାନର ଆୟୋଜକ କମିଟି ନେଇଥିବା ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି, ଭାରତ ତଥା ଓଡ଼ିଶାର ଷ୍ଟାର ପାରା ବ୍ୟାଡମିଣ୍ଟନ ଖେଳାଳି ପ୍ରମୋଦ ଭଗତ୍। ସମଗ୍ର ବିଶ୍ୱରେ କରୋନା ଭାଇରସ୍ ସଂକ୍ରମଣ ଯେପରି ଭାବେ ବ୍ୟାପିବାରେ ଲାଗିଛି। ତେଣୁ ୨୦୨୦ ଟୋକିଓ ଅଲିମ୍ପିକ୍ସ ଓ ପାରାଅଲିମ୍ପିକ୍ସ ସ୍ଥଗିତ ରଖିବା ଅବଶ୍ୟମ୍ଭାବୀ ହୋଇପଡ଼ିଥିଲା। ବହୁ ଅଂଶଗ୍ରହଣକାରୀ ଦେଶ, ଅନ୍ତର୍ଜାତୀୟ କ୍ରୀଡ଼ା ମହାସଂଘ ଏବଂ ବହୁ ଅଲିମ୍ପିଆନ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ବିଶ୍ୱ ଜନତା ଏବଂ ଆଥ୍‌ଲେଟମାନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ଭଗତ କହିଛନ୍ତି। ଟୋକିଓ ୨୦୨୦ରେ ପାରା ବ୍ୟାଡ୍‌ମିଣ୍ଟନକୁ ପ୍ରଥମ ଥର ସାମିଲ କରାଯାଇଥିଲା। କରୋନା ଭାଇରସ୍‌ର ଭୟ ଯୋଗୁ ଆଥଲେଟମାନେ ଅଂଶଗ୍ରହଣ କରିବା ଉଚିତ ହେବ କି ନା ସେ ନେଇ ଚିନ୍ତାରେ ଥିଲେ। ମାତ୍ର ଗେମ୍ସ ୨୦୨୧କୁ ଘୁଞ୍ଚିଯିବା ଦ୍ୱାରା ଆଶ୍ୱସ୍ତି ମିଳିଛି। ବର୍ତ୍ତମାନର ଘଡ଼ିସନ୍ଧି ମୁହୂର୍ତ୍ତରେ ପରିବାରରେ ଆମର ଉପସ୍ଥିତି ଅପରିହାର୍ଯ୍ୟ।

# ୧୭ ବର୍ଷରୁ କମ୍ ଫିଫା ମହିଳା ବିଶ୍ୱକପ୍‌କୁ ନେଇ କଳ୍ପନା ଜଳ୍ପନା

**ନୂଆଦିଲ୍ଲୀ, ୨୫।୩ (ପି.ଟି.)**

କୋଭିଡ୍-୧୯ ଭୟ ଯୋଗୁ ଭାରତରେ ୧୭ ବର୍ଷରୁ କମ୍ ଫିଫା ମହିଳା ବିଶ୍ୱକପ୍ ଆୟୋଜନ ହୋଇପାରିବ କି ନା ସେ କଳ୍ପନା ଜଳ୍ପନା ଆରମ୍ଭ ହୋଇଛି। ଭାରତରେ କରୋନା ଭାଇରସ୍‌ର ସଂକ୍ରମଣର ଅଗ୍ରଗତି ଉପରେ ବିଶ୍ୱ ଫୁଟ୍‌ବଲ ପରିଚାଳନା ସଂସ୍ଥା (ଫିଫା) ନଜର ରଖିଛି। ଏପରିକି ବିକଳ୍ପ ସାମାଧାନର ପନ୍ଥା ଖୋଜିବାରେ ଲାଗିଛି। ଭାରତରେ ଆସନ୍ତା ନଭେମ୍ବରରେ ୧୭ ବର୍ଷରୁ କମ୍ ବିଶ୍ୱକପ୍ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। ଖବର ଅନୁସାରେ ବିଶ୍ୱବ୍ୟାପୀ ୪,୨୫,୦୦୦ରୁ ଊର୍ଦ୍ଧ୍ୱ ଲୋକ କରୋନା ଭାଇରସ୍ ଦ୍ୱାରା ସଂକ୍ରମିତ ଅଛନ୍ତି। ଏଥିରେ ୨୦, ୦୦୦ ଲୋକ ପ୍ରାଣ୍ ହରାଇ ସାରିଲେଣି। ଭାରତରେ ଏହାଦ୍ୱାରା ୬୦୦ ଲୋକ ପ୍ରଭାବିତ ହୋଇ ସାରିଥିବାବେଳେ ୧୦ ଜଣ ମୃତ୍ୟୁବରଣ କରିସାରିଲେଣି।

# ଏସିଆନ୍ ଗେମ୍ସ ପଦକ ବିଜେତା ଲତିଫ୍‌ଙ୍କ ପରଲୋକ

**କୋଲକାତା, ୨୫।୩ (ପି.ଟି.)**



ପୂର୍ବତନ ଭାରତୀୟ ଫୁଟବଲର ତଥା ଏସିଆନ ଗେମ୍ସ ପଦକ ବିଜେତା ଅବ୍ଦୁଲ ଲତିଫ୍ ଗୁଆହାଟୀରେ ପରଲୋକ ଗମନ କରିଛନ୍ତି। ବ୍ୟାଙ୍କକ୍‌ରେ ୧୯୭୦ ଏସିଆନ ଗେମ୍ସରେ ଭାରତ ବ୍ରୋଞ୍ଜ୍ ପଦକ ଜିତିଥିଲ ଓ ଭାରତର ଏହି ଐତିହାସିକ ବିଜୟରେ ଲତିଫ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ଦୁଇ ଝିଅ ଓ ଜଣେ ପୁଅ ରହିଛନ୍ତି। ବାର୍ଦ୍ଧକ୍ୟଜନିତ ସ୍ୱାସ୍ଥ୍ୟ ସମସ୍ୟା ଦେଇ ସେ ଗତି କରୁଥିଲେ ଓ ସୋମବାର ସନ୍ଧ୍ୟାରେ ତାଙ୍କର ଦେହାନ୍ତ ହୋଇଥିଲା। ଲତିଫ୍ ମହୀଶୂରରେ ଜନ୍ମ ଗ୍ରହଣ କରିଥିଲେ ମଧ୍ୟ ଗୁଆହାଟୀରେ ରହି ଆସୁଥିଲେ। ସେ ମ୍ୟାନ୍‌ମାରରେ ୧୯୬୮ରେ ଅନୁଷ୍ଠିତ ଏସିଆ କପ୍ କ୍ୱାଲିଫାୟର ଓ ୧୯୬୯ରେ କୁଆଲାଲମ୍ପୁରରେ ଖେଳାଯାଇଥିବା ମେରଡେକା କପ୍‌ରେ ଭାରତ ତରଫରୁ ପ୍ରତିନିଧିତ୍ୱ କରିଥିଲେ। ଏସିଆନ୍‌ଗେମ୍ସରେ ପଦକ ଜିତିବା ତାଙ୍କ କ୍ୟାରିୟରର ସବୁଠାରୁ ବଡ଼ ସଫଳତା ଥିଲା।

ସେ ୧୯୬୩ରୁ ୧୯୬୭ ମଧ୍ୟରେ ମହମ୍ମଡାନ ସ୍ପୋର୍ଟିଂ ସହିତ ଜଡିତ ରହିଆସିଥିଲେ। ଏହାପରେ ସେ କୋଚିଂ ଦେବା ଉପରେ ମନୋ ନିବେଶ କରିଥିଲେ। ଅବସର ନେବା ପରେ ସେ ଗୁଆହାଟୀରେ ଅବସ୍ଥାପିତ ହେବା ସହ କୋଚ୍ ଭାବେ କ୍ୟାରିୟର ଆରମ୍ଭ କରିଥିଲେ। ତାଙ୍କ ତତ୍ତ୍ୱାବଧାନରେ ଆସାମ ଜୁନିୟର ଓ ସବ୍-ଜୁନିୟର ଜାତୀୟ ଚାମ୍ପିୟନଶିପ୍ ହାସଲ କରିଥିଲା। ସେ ମଧ୍ୟ ୧୯୭୮ରୁ ୧୯୮୦ ପର୍ଯ୍ୟନ୍ତ ମହମ୍ମଡାନ ସ୍ପୋର୍ଟିଂ କ୍ଲବର କୋଚ୍ ଦାୟିତ୍ୱ ତୁଲାଇଥିଲେ।

# ଟ୍ରେନିଂ ଜାରି ରଖିଛନ୍ତି ରୁଟ୍




**ଲଣ୍ଡନ,୨୫।୩(ଏଏଫ୍‌ପି)**

ମାରାତ୍ମକ କରୋନା ଭାଇରସ ବିଶ୍ୱରେ ଏଯାବତ ୧୭ ହଜାର ଜୀବନ ନେଇସାରିଲାଣି। ଏହାସତ୍ତ୍ୱେ ଇଂଲଣ୍ଡ କ୍ରିକେଟ ଦଳର ଅଧିନାୟକ ଜୋ ରୁଟ ଏବେ ମଧ୍ୟ ବ୍ୟକ୍ତିଗତ ଟ୍ରେନିଂ ପ୍ରୋଗ୍ରାମ ଜାରି ରଖିଛନ୍ତି। କ୍ରିକେଟ କେବେ ପୁଣି ଖେଳାଯିବ ଜଣା ନ ଥିବାବେଳେ ପଡ଼ିଆକୁ ପୁଣି ଥରେ ଫେରିବା ପାଇଁ ସେ ନିଜକୁ ଫିଟ୍ ରଖୁଛନ୍ତି। ଗତ ସପ୍ତାହରେ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ୨୦୨୦ ସିଜନ ଆରମ୍ଭ କରିବାରେ ୭ ସପ୍ତାହ ବିଳମ୍ବ ହେବ ବୋଲି ଘୋଷଣା କରିଥିଲା। ଏପ୍ରିଲ ୧୨ ତାରିଖଠାରୁ ଆରମ୍ଭ ହେବାକୁ ଥିବା ୪ ଦିନିଆ ପ୍ରଥମଶ୍ରେଣୀ କ୍ରିକେଟ କାଉଣ୍ଟି ଚାମ୍ପିୟନଶିପ୍‌ର ନୂଆ ସିଜନକୁ ମଧ୍ୟ ସ୍ଥଗିତ କରି ଦିଆଯାଇଛି। ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜ୍ ମଧ୍ୟ ଇଂଲଣ୍ଡ ଆୟୋଜନ କରିବ ନାହିଁ। ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଜୁନ ୪ ତାରିଖରୁ ଆରମ୍ଭ ହେବାର ଥିଲା। ଅନ୍ତର୍ଜାତୀୟ ଓ ଘରୋଇ କ୍ରିକେଟ କେବେ ଆରମ୍ଭ ହେବ, ସେ ନେଇ ଅନିଶ୍ଚିତତା ଦେଖାଦେଇଥିବା ଇସିବି ପକ୍ଷରୁ କୁହାଯାଇଥିଲା। କିନ୍ତୁ ଇଂଲଣ୍ଡର କେନ୍ଦ୍ରୀୟ ଚୁକ୍ତିରେ ସାମିଲ ଥିବା ପ୍ରତ୍ୟେକ ପୁରୁଷ ଓ ମହିଳା ଖେଳାଳିଙ୍କୁ ବୋର୍ଡ ପକ୍ଷରୁ ବ୍ୟକ୍ତିଗତ ଟ୍ରେନିଂ ପ୍ରୋଗ୍ରାମ ଦିଆଯାଇଛି।

# ନିଷ୍ପତ୍ତିକୁ କ୍ରୀଡ଼ାମନ୍ତ୍ରୀଙ୍କ ସ୍ୱାଗତ

**ନୂଆଦିଲ୍ଲୀ, ୨୫।୩(ପି.ଟି.)**

କୋଭିଡ-୧୯ ତଥା କରୋନା ଭାଇରସ ସଂକ୍ରମଣକୁ ଦୃଷ୍ଟିରେ ରଖି ଟୋକିଓ ଅଲିମ୍ପିକ୍ସକୁ ସ୍ଥଗିତ ରଖିବାକୁ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ନେଇଥିବା ନିଷ୍ପତ୍ତିକୁ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ସ୍ୱାଗତ କରିଛନ୍ତି। ଆଇଓସିର ଏହି ନିଷ୍ପତ୍ତି ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତ ହେଉଥିବା ଓ ପ୍ରଶିକ୍ଷଣ ଜାରି ରଖିଥିବା ଆଥଲେଟ ବେଶ୍ ହିତ ସାଧନ କରିବ ବୋଲି ସେ ମଙ୍ଗଳବାର ଟୁଇଟ୍‌କରି ଉଲ୍ଲେଖ କରିଛନ୍ତି।

ଉଲ୍ଲେଖଥାଉ କି, ସାରା ବିଶ୍ୱରେ କରୋନା ଭାଇରସର ଆତଙ୍କକୁ ଦୃଷ୍ଟିରେ ରଖି ମଙ୍ଗଳବାର ଆଇଓସି ଓ ଜାପାନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେ ମିଳିତ ଭାବେ ଏହି ମେଗା ଇଭେଣ୍ଟକୁ ଗୋଟିଏ ବର୍ଷ ଘୁଞ୍ଚାଇବାକୁ ନିଷ୍ପତ୍ତି ନେଇଥିଲେ। ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତ ହେଉଥିବା ଓ ପ୍ରଶିକ୍ଷଣ ନେଉଥିବା ଭାରତୀୟ ଆଥଲେଟଙ୍କୁ ସରକାର ସାହାଯ୍ୟ ସମର୍ଥନ କରିବେ ବୋଲି ସେ କହିଛନ୍ତି। କରୋନା ଭାଇରସ କାରଣରୁ ସାରା ବିଶ୍ୱରେ ଏପର୍ଯ୍ୟନ୍ତ ପାଖାପାଖି ୧୯,୦୦୦ ବ୍ୟକ୍ତି ପ୍ରାଣ ହରାଇଲେଣି।

ଆଥଲେଟମାନଙ୍କୁ ହତୋତ୍ସାହ ନ ହେବାକୁ ପରାମର୍ଶ ଦେଉଛି। ୨୦୨୧ରେ ଟୋକିଓ ଅଲିମ୍ପିକ୍ସ ଆୟୋଜନ ହେବାକୁ ଯାଉଥିବା ବେଳେ ଅଧିକ ସଂଖ୍ୟାରେ ପଦକ ହାସଲ ପାଇଁ ଆମେ ଅପେକ୍ଷାକୃତ ଉନ୍ନତ ସୁବିଧାସୁଯୋଗ ଯୋଗାଇ ଦେବୁ ବୋଲି ରିଜିଜୁ କହିଛନ୍ତି। କରୋନା ଭାଇରସ୍‌ରେ ଭାରତ ଏପର୍ଯ୍ୟନ୍ତ ୫୦୦ ଲୋକ ସଂକ୍ରମିତ ହୋଇଛନ୍ତି ଓ ୧୦ ଜଣ ଲୋକ ପ୍ରାଣ ହରାଇଛନ୍ତି। ଉଲ୍ଲେଖଥାଉ କି, ପୂର୍ବରୁ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ମଧ୍ୟ ଆଇଓସିର ଏହି ନିଷ୍ପତ୍ତିକୁ ସ୍ୱାଗତ କରିଥିଲା।

# ୫୦ ଲକ୍ଷ ଟଙ୍କାର ଚାଉଳ ଦାନକଲେ ଗାଙ୍ଗୁଲି

**କୋଲକାତା, ୨୫।୩ (ପି.ଟି.)**

ମହାମାରୀ ରୂପ ନେଇ ସାରିଥିବା ପ୍ରାଣଘାତୀ କରୋନା ଭାଇରସ୍‌ର ମୁକାବିଲା ଲାଗି ପ୍ରଧାନମନ୍ତ୍ରୀ ପୂରା ଭାରତକୁ ୨୧ ଦିନ ପାଇଁ ଲକ୍ ଡାଉନ୍ କରିଦେଇଛନ୍ତି। ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ପ୍ରଭାବିତ ହୋଇଥିବା ଲୋକଙ୍କ ସହାୟତା ପାଇଁ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି ଆଗେଇ ଆସିଛନ୍ତି। ଗାଙ୍ଗୁଲି ଏହି ଅବସରରେ ୫୦ ଲକ୍ଷ ଟଙ୍କାର ଚାଉଳ ପ୍ରଭାବିତ ଲୋକଙ୍କ ଉଦ୍ଦେଶ୍ୟରେ ଦାନ କରିଛନ୍ତି। ପ୍ରଭାବିତ ଲୋକ ଯେଉଁମାନେ କି ସୁରକ୍ଷିତ ରହିବା ପାଇଁ ପଶ୍ଚିମବଙ୍ଗର ସରକାରୀ ସ୍କୁଲରେ ଆଶ୍ରୟ ନେଇଛନ୍ତି ସେମାନଙ୍କୁ ଲାଲ୍ ବାବା ରାଇସ୍ ଓ ଗାଙ୍ଗୁଲି ମିଳିତ ଭାବେ ଏହି ଚାଉଳ ପ୍ରଦାନ କରିଛନ୍ତି। କ୍ରିକେଟ୍ ଆସୋସିଏଶନ ଅଫ୍ ବେଙ୍ଗଲ (ସିଏବି) ପକ୍ଷରୁ ବୁଧବାର ଏହା କୁହାଯାଇଛି। 'ଆମ ରାଜ୍ୟର ପ୍ରଭାବିତ ଜନତାଙ୍କ ସେବା ପାଇଁ ଗାଙ୍ଗୁଲିଙ୍କ ଏହି ପ୍ରୟାସ ଅନ୍ୟ ଲୋକମାନଙ୍କୁ ସମାନ ପଦକ୍ଷେପ ନେବା ପାଇଁ ପ୍ରୋତ୍ସାହିତ କରିବ' ବୋଲି ରାଇସ୍ କମ୍ପାନୀ ପକ୍ଷରୁ କୁହାଯାଇଛି।

କରୋନା ଭାଇରସ୍‌ର ମୁକାବିଲା ପାଇଁ କ୍ରିକେଟ୍ ଆସୋସିଏଶନ ଅଫ୍ ବେଙ୍ଗଲ (ସିଏବି) ଆଗେଇ ଆସିଛି। ପଶ୍ଚିମବଙ୍ଗ ସରକାରଙ୍କୁ ୨୫ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବା ନେଇ ସିଏବି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ନିଜଆଡ଼ୁ ମଧ୍ୟ ସହାୟତା ପାଇଁ ଆଗେଇ ଆସିବାକୁ ସିଏବି ଅଧ୍ୟକ୍ଷ ଅଭିଷେକ ଡାଲମିୟା ଲୋକଙ୍କୁ କହିଛନ୍ତି।

# ରାଶନ ବାଣ୍ଟିଲେ ଆଫ୍ରିଦୀ

**କରାଚୀ,୨୫।୩**

ପୂରା ବିଶ୍ୱକୁ ଧିରେ ଧିରେ ଗ୍ରାସ କରୁଛି କରୋନା ଭାଇରସ। ଏହି ମାରାତ୍ମକ ଭାଇରସରୁ ବଞ୍ଚିବା ପାଇଁ କୌଣସି ଔଷଧ ନ ଥିବାରୁ ବିଭିନ୍ନ ଦେଶ ଭଳି ପାକିସ୍ତାନ ସରକାର ଦେଶରେ ଲକ୍‌ଡାଉନ ଜାରି କରିଛନ୍ତି। ଏଭଳି ସ୍ଥିତିରେ ଦିନ ମଜୁରିଆ ଓ ଖଟିଖିଆ ନିଜର ଆବଶ୍ୟକତା ପୂରଣ କରିବାକୁ ସଂଘର୍ଷ କରୁଛନ୍ତି। ଏଥିନେଇ ଆଗେଇ ଆସିଛନ୍ତି ପୂର୍ବତନ ଅଲରାଉଣ୍ଡର ଶାହିଦ ଆଫ୍ରିଦୀ। ବିସ୍ଫୋରକ ବ୍ୟାଟ୍ସମ୍ୟାନ ପାକିସ୍ତାନରେ ୨୦୦ ଗରିବ ପରିବାରକୁ ନିଜେ ରାଶନ ବାଣ୍ଟିଛନ୍ତି। ଏ ନେଇ ଟୁଇଟରରେ କିଛି ଫଟୋ ସହ ଏକ ପୋଷ୍ଟ ଶେୟାର କରିଥିଲେ। ଏହା ତାଙ୍କ ପ୍ରଶଂସକଙ୍କ ହୃଦୟ ସହ ଭେଟେରାନ ଭାରତୀୟ ଖେଳାଳି ହରଭଜନ ସିଂଙ୍କ ମଧ୍ୟ ମନ ଜିଣିପାରିଛି। ଫିଲ୍ଡରେ ସର୍ବଦା ମୁହାଁମୁହିଁ ହେଉଥିବା ହରଭଜନ ଏବେ ଆଫ୍ରିଦୀଙ୍କୁ ପ୍ରଶଂସା କରିଛନ୍ତି। ମାନବିକା ଲାଗି ଏହା ମହତ କାର୍ଯ୍ୟ। ଭଗବାନ ତୁମକୁ ସାହା ହୁଅନ୍ତୁ ବୋଲି ହରଭଜନ ଟୁଇଟ୍ କରି ଲେଖିଛନ୍ତି।



ଗରିବ ଲୋକଙ୍କୁ ରାଶନ ବାଣ୍ଟୁଛନ୍ତି ଆଫ୍ରିଦୀ।

# ସହାୟତାର ହାତ ବଢ଼ାଇଲା କ୍ରୀଡ଼ାଜଗତ

**ବାର୍ସିଲୋନା,୨୫।୩**

କରୋନା ଭାଇରସ ବିଶ୍ୱକୁ ଗ୍ରାସ କରିବାରେ ଲାଗିଛି। ଏହି ଭାଇରସ ଯୋଗୁ ବିଭିନ୍ନ ଦେଶରେ ମୃତ୍ୟୁ ସଂଖ୍ୟା ମଧ୍ୟ ବଢ଼ି ଚାଲିଛି। ଏହି ପରିସ୍ଥିତିର ମୁକାବିଲା ପାଇଁ ବିଶ୍ୱ କ୍ରୀଡ଼ା ଜଗତ ଆଗେଇ ଆସିଛି। ଆର୍ଜେଣ୍ଟିନା ତଥା ବାର୍ସିଲୋନାର କିମ୍ବଦନ୍ତୀ ଫୁଟ୍‌ବଲ ଖେଳାଳି ଲିଓନେଲ ମେସି ଓ ମାଞ୍ଚେଷ୍ଟର ସିଟି ମ୍ୟାନେଜର ପେପ ଗୁଆର୍ଡିଓଲା ସହାୟତାର ହାତ ବଢ଼ାଇଛନ୍ତି। ଦୁହେଁ ୧ ମିଲିୟନ ୟୁରୋ ଲେଖାଏ ଦାନ କରିଛନ୍ତି। ଭାରତୀୟ ମୁଦ୍ରାରେ ୮.୨୬ କୋଟି ଟଙ୍କା ହେବ। ମେସି ବାର୍ସିଲୋନାର ଏକ ମେଡିକାଲ କ୍ଲିନିକ ଓ ନିଜ ଦେଶର ଏକ ମେଡିକାଲ ସେଣ୍ଟରକୁ ଏହି ଅର୍ଥ ଦେଇଥିବା ମାର୍କା ରିପୋର୍ଟରେ ପ୍ରକାଶ ପାଇଛି। କରୋନା ଭାଇରସ ସହ ମୁକାବିଲା ପାଇଁ ମେସି ମେଡିକାଲ କ୍ଲିନିକକୁ ଦାନ କରିଛନ୍ତି। ତୁମ ସମର୍ଥନ ପାଇଁ ଧନ୍ୟବାଦ ବୋଲି ହସ୍ପିଟାଲ କ୍ଲିନିକ ପକ୍ଷରୁ ଟୁଇଟରରେ ଲେଖାଯାଇଛି। ପୂର୍ବତନ ବାର୍ସିଲୋନା ଖେଳାଳି ତଥା ମ୍ୟାନେଜର ଗୁଆର୍ଡିଓଲା ଆଞ୍ଜେଲ ସୋଲାର ଡାନିଏଲ ଫାଉଣ୍ଡେଶନ ଓ ମେଡିକାଲ କଲେଜ ଅଫ୍ ବାର୍ସିଲୋନା ଦ୍ୱାରା କରାଯାଇଥିବା କାର୍ଯ୍ୟକ୍ରମ ଜରିଆରେ ଅର୍ଥ ଦାନ କରିଛନ୍ତି। ଏହି ଅର୍ଥ ସ୍ୱାସ୍ଥ୍ୟ ସମ୍ପର୍କିତ ସରଞ୍ଜାମ ଓ କରୋନା ଭାଇରସ ସହ ଲଢ଼େଇ ପାଇଁ ବିଭିନ୍ନ ଆବଶ୍ୟକ ବସ୍ତୁ କିଣାଯିବ। ଉଲ୍ଲେଖଥାଉ କି, ଚାଇନା ଓ ଇଟାଲି ପରେ ସ୍ପେନ କରୋନା ଦ୍ୱାରା ତୃତୀୟ ସର୍ବାଧିକ ପ୍ରଭାବିତ ହୋଇଥିବା ଦେଶ।



ସ୍ତ୍ରୀ ମିର୍କାଙ୍କ ସହ ରୋଜର ଫେଡରର।

## ଆଗେଇ ଆସିଲେ ଫେଡରର, ମିକା

ବାସେଲ, ୨୫।୩: ସେହିଭଳି ସୁଇଜରଲାଣ୍ଡ କିମ୍ବଦନ୍ତୀ ଟେନିସ ତାରକା ରୋଜର ଫେଡରର ସହଯୋଗ ପାଇଁ ଆଗେଇ ଆସିଛନ୍ତି। ଏହି ଭାଇରସ୍ ଯୋଗୁ ସୁଇଜରଲାଣ୍ଡରେ ପ୍ରଭାବିତ ହୋଇଥିବା ଗରିବ ଲୋକଙ୍କୁ ଫେଡରର ଓ ତାଙ୍କ ସ୍ତ୍ରୀ ଏକ ମିଲିୟନ ସୁଇସ୍ ଫ୍ରାଙ୍କସ (ଭାରତୀୟ ମୁଦ୍ରାରେ ୭.୭୦ କୋଟି ଟଙ୍କା) ଅର୍ଥରାଶି ପ୍ରଦାନ କରିଛନ୍ତି। 'ଏହା ସମସ୍ତଙ୍କ ପାଇଁ ଚ୍ୟାଲେଞ୍ଜିଂ ସମୟ। ଏହି ଲଢ଼େଇ ସମୟରେ କେହି ମଧ୍ୟ ପଛକୁ ଯିବା ଉଚିତ ନୁହେଁ। ସୁଇଜରଲାଣ୍ଡର ଗରିବ ପରିବାରଙ୍କ ଲାଗି ମିର୍କା ଓ ମୁ ଏକ ମିଲିୟନ ସୁଇସ୍ ଫ୍ରାଙ୍କସ୍ ଦାନ କରିବା ପାଇଁ ବ୍ୟକ୍ତିଗତ ଭାବେ ନିଷ୍ପତ୍ତି ନେଇଛୁ' ବୋଲି ଫେଡରର ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି।

## ରୋନାଲ୍ଡୋଙ୍କ ବଦାନ୍ୟତା

ଲିସବନ, ୨୫।୩(ଏଏଫ୍‌ପି): ଫୁଟବଲ ଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ ଓ ତାଙ୍କ ଏଜେଣ୍ଟ ଜର୍ଜ ମେଣ୍ଡେସ ପର୍ତ୍ତୁଗୀଜ ମେଡିକାଲକୁ ୩ ଇନ୍‌ଟେନସିଭ କେୟାର ୟୁନିଟ୍ ପ୍ରଦାନ କରିବେ। ଏହା ଦେଶରେ କରୋନା ପୀଡ଼ିତଙ୍କୁ ସାହାଯ୍ୟ କରିପାରିବ। ଏ ନେଇ ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଦୁହେଁ ଅତିକମ୍‌ରେ ଦୁଇଟି ଇନଟେନ୍ସିଭ କେୟାର ୟୁନିଟ୍ ନର୍ଦର୍ନ ଲିସବନସ୍ଥିତ ୟୁନିଭର୍ସିଟି ହସ୍ପିଟାଲ ସେଣ୍ଟରକୁ ପ୍ରଦାନ କରିବେ, ଯେଉଁଥିରେ ୧୦ଟି ବେଡ୍ ରହିବ। ପୂର୍ବରୁ ମେଡିକାଲରେ ୭୭ ବେଡ୍ ଥିଲା। ମେଣ୍ଡେସ ଓ ରୋନାଲ୍ଡୋ ସାଣ୍ଟୋ ଆଣ୍ଟୋନିଓ ମେଡିକାଲକୁ ମଧ୍ୟ ଗୋଟିଏ ୟୁନିଟ୍ ପ୍ରଦାନ କରିବେ। ଉକ୍ତ ୟୁନିଟ୍‌ରେ ସେମାନଙ୍କ ନାମ ରହିବ। ଯଦି ଆବଶ୍ୟକ ପଡ଼େ ରୋନାଲ୍ଡୋ ମାଡେରା ମେଡିକାଲ ଲାଗି ମଧ୍ୟ ସମାନ ବ୍ୟବସ୍ଥା କରିବେ ବୋଲି ମେଡିକାଲ ଅସ୍ତ୍ରୋପଚାର ବିଭାଗର ଡିରେକ୍ଟର ଇରୁକୋ କାଷ୍ଟ୍ରୋ ଆଲଭେସ କହିଛନ୍ତି। ରୋନାଲ୍ଡୋଙ୍କ ଦଳୀୟ ଖେଳାଳି ଡାନିଏଲ ରୁଗାନି କରୋନାରେ ପୀଡ଼ିତ ଥିବା ଜାଣିବା ପରେ ସେ ସେଲ୍‌ଫ ଆଇସୋଲେଶନରେ ରହିଛନ୍ତି।



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ